# ମଡ୍ୟୁଲ – ୭
# ଭାରତୀୟ ଅର୍ଥନୀତି


୧୯. ଭାରତୀୟ ଅର୍ଥନୀତିର ରୂପରେଖ

୨୦. ଭାରତୀୟ ଅର୍ଥନୀତିର ବୃତ୍ତିଗତ ଦିଗ

୨୧. ଭାରତୀୟ ଅର୍ଥନୀତିର ଆହ୍ୱାନ

୨୨. ଜଗତୀକରଣ ପରିପ୍ରେକ୍ଷୀରେ ଭାରତୀୟ ଅର୍ଥନୀତି

# ୧୯
# ଭାରତୀୟ ଅର୍ଥନୀତିର ରୂପରେଖ

ଟିପ୍ପଣୀ

ଭାରତର ନାଗରୀକ ହିସାବରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯେ ଆମେ ସବୁ ଭାରତର ଅର୍ଥନୀତି ବିଷୟରେ ଜାଣିବା । ଇତିହାସରୁ ଆମେ ଏହା ଜାଣିଛୁ ଯେ ଭାରତ ଅଗଷ୍ଟ ମାସ ୧୫ ତାରିଖ ୧୯୪୭ରେ ସ୍ୱାଧୀନତା ପାଇଥିଲା । ଏହା ପୂର୍ବରୁ ଭାରତୀୟ ଉପମହାଦେଶ ଦୀର୍ଘ ୨୦୦ ବର୍ଷରୁ ଉର୍ଦ୍ଧ୍ୱ ଇଂରେଜଙ୍କର ଶାସନ ଅଧିନରେ ଥିଲା । ଏତେ ଲମ୍ବା ସମୟର ଶାସନ ଯଥେଷ୍ଟ ଥିଲା । ଏକ ଦେଶର ସବୁଦିଗ ଯଥା - ରାଜିନୀତି, ସଂସ୍କୃତି, ସାମାଜିକ ବ୍ୟବସ୍ଥା, ଅର୍ଥନୀତି ଓ ଅନ୍ୟାନ୍ୟ ଆମେ ଏଠାରେ କେବଳ ଭାରତର ଅର୍ଥନୀତି ବିଷୟରେ ପଢ଼ିବା ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟ ପଢ଼ିସାରିବା ପରେ ତୁମେମାନେ ଜାଣିପାରିବ -

- ଭାରତୀୟ ଅର୍ଥନୀତିର ସ୍ଥିତି ସ୍ୱାଧୀନତା ସମୟରେ ଯାହାକି ଇଂରେଜମାନଙ୍କର ଦୁଇଶହ ବର୍ଷର ଶାସନର ପରିଣାମ ;
- ଭାରତର ସ୍ୱାଧୀନତା ପରେ ପରିବର୍ତ୍ତିତ ଭାରତୀୟ ଅର୍ଥନୀତିର ବୈଶିଷ୍ଟ୍ୟ ଏବଂ
- ଅର୍ଥନୈତିକ ସଂସ୍କାର ବିଷୟରେ ବୁଝିବା ।

## ୧୯.୧ ସ୍ୱାଧୀନତାର ଅବ୍ୟବହିତ ପୂର୍ବରୁ ଭାରତୀୟ ଅର୍ଥନୀତିର ସ୍ଥିତି

ଯଦିଓ ଇଂରେଜମାନେ ନିଜର ସ୍ୱାର୍ଥପାଇଁ ଭାରତ ଉପରେ ଶାସନ କରୁଥିଲେ ତାଙ୍କର ଉତ୍ତରାଧିକାର ସୂତ୍ରରୁ ଭାରତରେ ସେମାନଙ୍କର ଅର୍ଥବ୍ୟବସ୍ଥା ଲଭିଛି । ଇଂରେଜମାନଙ୍କର ଭାରତ ଓ ଭାରତୀୟ ନାଗରିକଙ୍କର ହିତ ପାଇଁ କୌଣସି ଆଗ୍ରହ ନଥିଲା । ସେମାନେ ମୁଖ୍ୟତଃ ଆକୃଷ୍ଟ ହୋଇଥିଲେ ଭାରତର ଧନ ସମ୍ପଦ ଉପରେ ଓ ମୁଖ୍ୟ ଲକ୍ଷ୍ୟ ଥିଲା ସେମାନେ କିପରି ଏହାକୁ ଲୁଣ୍ଠନ କରି ଇଂଲଣ୍ଡ ନେବେ । ସେଥିପାଇଁ ହିଁ ସେମାନେ ରେଳ ଚଳାଚଳ ବ୍ୟବସ୍ଥା ଆରମ୍ଭ କରିଥିଲେ ଯେଉଁଥିପାଇଁ କି ତାଙ୍କୁ ଜିନିଷପତ୍ର ଗୋଟିଏ ବନ୍ଦରରୁ ଆଉଗୋଟିଏ ବନ୍ଦରକୁ ନେବାପାଇଁ ସୁବିଧା ହେଉଥିଲା । ଯଦିଓ ରେଳ ନିର୍ମାଣ ଇଂରେଜମାନଙ୍କର ଏକ ସ୍ୱୀକାରାତ୍ମକ ଦାନ କିନ୍ତୁ ଏହା ମୁଖ୍ୟତଃ ସେମାନଙ୍କର ଉଦ୍ଦେଶ୍ୟକୁ ପରିପୂରଣ କରୁଥିଲା ।

ଇଂରେଜ ଶାସନ ଶେଷରେ ଭାରତର କିଛି ବିଶିଷ୍ଟ ବୈଶିଷ୍ଟ୍ୟ ନିମ୍ନରେ ଦିଆହୋଇଛି ।

(କ) ଭାରତୀୟ ହସ୍ତ ଓ କୁଟୀର ଶିଳ୍ପର ବିଲୟ

(ଖ) ଅର୍ଥକାରୀ ଫସଲର ଉତ୍ପାଦନ

(ଗ) ଦୁର୍ଭିକ୍ଷ ଓ ଖାଦ୍ୟଶସ୍ୟର ଅଭାବ

(ଘ) କୃଷି କ୍ଷେତ୍ରରେ ମଧ୍ୟ ସ୍ୱତ୍ୱାଧିକାରର ଅଭ୍ୟୁଦୟ

ଏହିଗୁଡ଼ିକ ଗୋଟିଏ ପରେ ଗୋଟି ବିସ୍ତୃତ ଭାବରେ ଆଲୋଚନା କରିବା-



## ୧୯.୧.୧ ଭାରତୀୟ ହସ୍ତ ଶିଳ୍ପର ବିଲୟ

ଇଂରେଜମାନଙ୍କର ଶାସନ ପୂର୍ବରୁ ରାଜା, ମହାରାଜାମାନେ ଆମ ଦେଶକୁ ଶାସନ କରୁଥିଲେ । ସେମାନେ ସ୍ଥାନୀୟ ଶିଳ୍ପ, କାରିଗର, ବଢ଼େଇ, ବୁଣାକାର ଓ ଅନ୍ୟାନ୍ୟ ଯେଉଁମାନେ ଖୁବ୍ ସୁନ୍ଦର ଚିତ୍ର, ବୟନ ଯୋଗ୍ୟ ସଜସଜା, ଗହଣା, ସିଲେଇ, ଫର୍ଣ୍ଣିଚର ତିଆରି, ପ୍ରସ୍ତରର ଖେଳନା ଓ ମୂର୍ତ୍ତି, ଖୁଦାଇ କାମ କରୁଥିଲେ, ତାଙ୍କୁ ଉତ୍ସାହିତ କରୁଥିଲେ । ଏହି କାରିଗରମାନେ ତାଙ୍କ ଶ୍ରମ ଓ ସ୍ଥାନୀୟ କାରିଗରି ପ୍ରତିଭା ଦ୍ୱାରା ଏହିସବୁ କାମ କରୁଥିଲେ । ଏହିସବୁ ଜିନିଷର ନିର୍ମାଣ ପାଇଁ ଖୁବ୍ ଧର୍ଯ୍ୟ ଓ ସମୟ ଦରକାର ହେଉଥିଲା । ଦେଶର ବିଭିନ୍ନ କୋଣରେ ରାଜାମାନେ ଏହିସବୁ ସାଜସଜା ବିଭିନ୍ନ ପଦାର୍ଥରେ ତିଆରି ହୋଇଥିବା ସେମାନଙ୍କ ର ଦରବାରରେ ଚାହୁଁଥିଲେ । କିନ୍ତୁ ଇଂରେଜମାନେ ରାଜାମାନଙ୍କୁ ପରାସ୍ତ କରି ତାଙ୍କଠାରୁ ରାଜ୍ୟ ଛଡ଼େଇ ନେଇଗଲେ । ସହରଗୁଡ଼ିକ ନଷ୍ଟ ହୋଇଗଲା ଓ ହସ୍ତଶିଳ୍ପର କ୍ଷତିଗ୍ରସ୍ତ କଲେ ଓ ଶେଷରେ ହସ୍ତଶିଳ୍ପର ବିଲୟ ଘଟିଲା ।

ହସ୍ତଶିଳ୍ପର ମୁଖ୍ୟ ଭାଗ ହେଲା ବୟନ ହସ୍ତଶିଳ୍ପ । ଊନବିଂଶ ଶତାବ୍ଦୀର ମଧ୍ୟଭାଗ ସୁଦ୍ଧା ଇଂଲଣ୍ଡରେ ଶିଳ୍ପ ବିପ୍ଳବ ସଂପୂର୍ଣ୍ଣ ହୋଇସାରିଥିଲା । ମାନବ ଶ୍ରମ ପରିବର୍ତ୍ତେ ମେସିନ୍ ନିର୍ମିତ ଶିଳ୍ପଜାତ ଦ୍ରବ୍ୟ ଶସ୍ତା ଓ ସୁନ୍ଦର ହୋଇଥିବାରୁ ତାହା ଭାରତୀୟ ବଜାରକୁ ସଂପୂର୍ଣ୍ଣଭାବେ କବଳିତ କଲା । ଭାରତୀୟ ହସ୍ତ ଓ କୁଟୀର ଶିଳ୍ପ ଜାତଦ୍ରବ୍ୟ ମେସିନ୍ ନିର୍ମିତ ଦ୍ରବ୍ୟ ସହ ପ୍ରତିଯୋଗିତା କରିପାରିଲା ନାହିଁ । ଫଳରେ ଏହି ଶିଳ୍ପର ବିଲୟ ଘଟିଲା । ବିଶେଷକରି ଭାରତର ବୟନ-ହସ୍ତଶିଳ୍ପ ଗଭୀର ଭାବେ ପ୍ରଭାବିତ ହେଲା । ବ୍ରିଟିଶ ସରକାର କେବଳ ସେମାନଙ୍କର ଉତ୍ପାଦନକାରୀମାନଙ୍କ ପାଇଁ ବିଭିନ୍ନ ନୀତି ନିର୍ଦ୍ଧାରଣ କଲେ । ଫଳରେ ଭାରତର ବୁଣାକାରମାନଙ୍କର ଅର୍ଥନୈତିକ ମେରୁଦଣ୍ଡ ଭାଙ୍ଗିପଡ଼ିଲା ।

### ପାଠଗତ ପ୍ରଶ୍ନାବଳୀ ୧୯.୧

୧. ଭାରତର ବୟନ ହସ୍ତଶିଳ୍ପ ପଦ୍ଧତି ଓ ଇଂରେଜମାନଙ୍କର ଉତ୍ପାଦନର ପଦ୍ଧତି ଭିତରେ ପାର୍ଥକ୍ୟ ଦର୍ଶାଅ ।

### ତୁମ ପାଇଁ କାମ

କୌଣସି ଏକ ସଂଗ୍ରାହଳୟ ବା ଐତିହାସିକ ସ୍ଥଳକୁ ବୁଲିଯାଇ ସେହି ସମୟର ହସ୍ତତନ୍ତର ପାଠ କର ।

## ୧୯.୧.୨ ଅର୍ଥକାରୀ ଶସ୍ୟର ଉତ୍ପାଦନ

ଯେମିତିକି ଉପରେ କୁହାଗଲା ଇଂଲଣ୍ଡରେ ଶିଳ୍ପ ବିପ୍ଳବ ଘଟୁଥିଲା, ତେଣୁ ଦ୍ରବ୍ୟର ଉତ୍ପାଦନ ପାଇଁ କଞ୍ଚାମାଲ ଦରକାର ହେଉଥିଲା । ବସ୍ତ୍ର ତିଆରି ପାଇଁ ତନ୍ତୁରୁ ଆବଶ୍ୟକ । ସେହିପରି ରଙ୍ଗିନ୍ ବସ୍ତ୍ର ତିଆରି ପାଇଁ ରଙ୍ଗର ଅଧିକ ଚାହିଦା ସୃଷ୍ଟି କରିବା । ବ୍ରିଟିଶ ଶିଳ୍ପପତିମାନଙ୍କ ଚାପରେ ଚାଷୀମାନଙ୍କୁ ଅଧିକ ପାରିଶ୍ରମିକ ମୂଲ୍ୟ ମାଧ୍ୟମରେ ଖାଦ୍ୟଶସ୍ୟ ବଦଳରେ ଅର୍ଥକାରୀ ଫସଲ, ଯଥା – ତୁଳା, ଝୋଟ, ଆଖୁ, ତୈଳବୀଜ, ଚା, କଫି, ଇଣ୍ଡିଗୋ ଇତ୍ୟାଦି ଚାଷ କରିବାକୁ ପ୍ରୋତ୍ସାହିତ କରାଗଲା । ଯେଉଁ କଞ୍ଚାମାଲଗୁଡ଼ିକ ଔଦ୍ୟୋଗିକ କ୍ଷେତ୍ରର ଉତ୍ପାଦନ ପାଇଁ ବ୍ୟବହୃତ ହେଲା । ସେଗୁଡ଼ିକୁ ଅର୍ଥକାରୀ ଫସଲ କୁହାଗଲା । ଫଳରେ ଔଦ୍ୟୋଗିକ ଫସଲ ଉତ୍ପାଦନ ବୃଦ୍ଧି ହେବା ସହ ଖାଦ୍ୟଶସ୍ୟ ଉତ୍ପାଦନ ହ୍ରାସ ପାଇବାକୁ ଲାଗିଲା । ମେସିନ୍ ଜନିତ ଦ୍ରବ୍ୟ ପୁଣି ଭାରତ ବଜାରରେ ବିକ୍ରି ନିମନ୍ତେ ପଠାଗଲା ଏବଂ ଏହାଦ୍ୱାରା ଇଂରେଜମାନେ ଭଲ ଲାଭ ମଧ୍ୟ ପାଇଲେ ।

## ୧୯.୧.୩ ଦୁର୍ଭିକ୍ଷ ଓ ଖାଦ୍ୟା ଶସ୍ୟର ଅଭାବ

ଇଂରେଜ ଶାସନର ଅତିରିକ୍ତ ଖରାପ ପରିଣାମ ହେଲା ବାରମ୍ବାର ଦୁର୍ଭିକ୍ଷର ଆର୍ବିଭାବ । ଦୁର୍ଭିକ୍ଷ କହିଲେ ସେହି ପରିସ୍ଥିତିକୁ ବୁଝାଯାଏ ଯେଉଁଥିରେ ବହୁ ଲୋକ ଖାଇବାକୁ ନପାଇ, ଭୋକ ଓ ରୋଗରେ ଆକ୍ରାନ୍ତ ହୋଇ ମରନ୍ତି । ପୁରା ଇଂରେଜ ସମୟରେ ଭାରତରେ ପ୍ରାୟ ୩୩ ଥର ଦୁର୍ଭିକ୍ଷ ହୋଇଅଛି । ସ୍ୱାଧୀନତାର ଠିକ୍ ୪ ବର୍ଷ ପୂର୍ବରୁ ବଙ୍ଗ ଦୁର୍ଭିକ୍ଷ ହୋଇଥିଲା । ଯାହାଦ୍ୱାରା ସବୁଠାରୁ ଅଧିକ କ୍ଷତି ହୋଇଥିଲା । ୧୫ ଲକ୍ଷରୁ ଅଧିକ ଲୋକଙ୍କର ଅନାହାର ଯୋଗୁଁ ମୃତ୍ୟୁ ଘଟିଥିଲା । ଏହାର କିଛି କାରଣ ନିମ୍ନରେ ବର୍ଣ୍ଣନା କରାଗଲା ।

(କ) ଜଳସେଚନର ସୁବିଧା ନଥିବାରୁ ସ୍ୱଳ୍ପ ବୃଷ୍ଟି ଯୋଗୁଁ ଫସଲ ଉତ୍ପାଦନ ବାଧାପ୍ରାପ୍ତ । କୃଷି ମୁଖ୍ୟତଃ ବର୍ଷା ଉପରେ ନିର୍ଭରଶୀଳ ଥିଲା ।

(ଖ) ଇଂରେଜ ସରକାର ଖାଦ୍ୟଶସ୍ୟର ରପ୍ତାନୀ ନିଜ ସ୍ଥାନୀୟ ଦେଶକୁ କରିବାରେ ଲାଗିଲା। ଯଦିଓ ଭାରତରେ ଏହାର ଚାହିଦା ଅଧିକ ଦରକାର ଥିଲା । ବ୍ରିଟିଶ ସରକାରଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା ଖାଦ୍ୟଶସ୍ୟର ରପ୍ତାନୀ କରି ରାଜସ୍ୱ ଅର୍ଜନ କରିବା ବିଭିନ୍ନ ରାଜ୍ୟମାନଙ୍କରେ ଲଢୁଥିବା ସୈନିକମାନଙ୍କର ଖାଦ୍ୟପେୟ ପାଇଁ ଏହି ଖାଦ୍ୟଶସ୍ୟ ବ୍ୟବହାର ହେଉଥିଲା । ସେତେବେଳେ କେବଳ ଭାରତ ନୁହେଁ ଅନ୍ୟ କେତେକ ଦେଶ ମଧ୍ୟ ଇଂରେଜମାନଙ୍କର ଅଧିନରେ ଥିଲା । ସେଥିପାଇଁ ସେମାନେ ଭାରତରେ ଉତ୍ପାଦନ ହେଉଥିବା ଖାଦ୍ୟଶସ୍ୟକୁ ଅନ୍ୟ ଦେଶର ଭୂଖଣ୍ଡକୁ ହଡପ କରିବା ପାଇଁ ଲଢୁଥିବା ସୈନିକମାନଙ୍କ ପାଇଁ ଏଗୁଡ଼ିକୁ ବ୍ୟବହାର କରୁଥିଲେ ।

(ଗ) ଗରିବ ଲୋକମାନଙ୍କର ବଜାରରୁ ଖାଦ୍ୟଶସ୍ୟ କିଣିବା ପାଇଁ ସମ୍ବଳ ନଥିଲା ।

(ଘ) ଉପରେ ଯାହା ଆମେ କହିଥିଲୁ, ବ୍ରିଟିଶ ଶିଳ୍ପପତିମାନଙ୍କ ଚାପରେ ଚାଷୀମାନଙ୍କୁ ଅଧିକ ପାରିଶ୍ରମିକ ମୂଲ୍ୟ ମାଧ୍ୟମରେ ଖାଦ୍ୟଶସ୍ୟ ବଦଳରେ ଅର୍ଥକାରୀ ଫସଲ ଚାଷ କରିବା ପାଇଁ ପ୍ରୋତ୍ସାହିତ କରାଗଲା । ଫଳରେ ଖାଦ୍ୟଶସ୍ୟ ଉତ୍ପାଦନ ହ୍ରାସ ପାଇବାକୁ ଲାଗିଲା । କାରଣ ଖାଦ୍ୟଶସ୍ୟ ଚାଷ ନିମନ୍ତେ ଅଳ୍ପ ଜମି ରହିଲା ।



ଟିପ୍ପଣୀ



## ପାଠଗତ ପ୍ରଶ୍ନାବଳୀ ୧୯.୨

୧. ଦୁର୍ଭିକ୍ଷର ଅର୍ଥ କ'ଣ ?

୨. ଇଂରେଜମାନେ କେଉଁ କାରଣ ପାଇଁ ଖାଦ୍ୟଶସ୍ୟ ରପ୍ତାନୀ କରୁଥିଲେ ?



## ତୁମ ପାଇଁ କାର୍ଯ୍ୟ

ଅର୍ଥକାରୀ ଶସ୍ୟ ଓ ଖାଦ୍ୟଶସ୍ୟର ଗୋଟିଏ ଗୋଟିଏ ତାଲିକା ପ୍ରସ୍ତୁତ କର ।

## ୧୯.୧.୪ କୃଷି କ୍ଷେତ୍ରରେ ମଧ୍ୟସ୍ଥତା

ବ୍ରିଟିଶ ଶାସନ ସମୟରେ ଭାରତର ଜନସଂଖ୍ୟାର କୃଷି ହିଁ ହେଉଛି ମୁଖ୍ୟ ଜୀବିକା ନିର୍ବାହର ପନ୍ଥା ଥିଲା । ଆମ ଜନସଂଖ୍ୟାର ଦୁଇ ତୃତୀୟାଂଶ ବା ୭୦% ଲୋକ କୃଷି ଉପରେ ନିର୍ଭରଶୀଳ । ତେଣୁ ସରକାରଙ୍କ ପାଇଁ ଏହା ରାଜସ୍ୱର ମୁଖ୍ୟ ଉତ୍ସ । ସେଥିପାଇଁ ବ୍ରିଟିଶ୍ ଦୁଇ ପ୍ରକାରର ଭୂ–ରାଜସ୍ୱନୀତି ଆରମ୍ଭ କଲା, ଯାହା ହେଉଛି–

ଚିରସ୍ଥାୟୀ ବନ୍ଦୋବସ୍ତ : ଯେଉଁଥିରେ ସ୍ଥାୟୀ ଭୂ–ରାଜସ୍ୱ ଯାହା ସଂଗ୍ରହ କରାଯିବ ସ୍ଥିର ହୋଇଥିଲା ।

ଅସ୍ଥାୟୀ ବନ୍ଦୋବସ୍ତ : ଯେଉଁଥିରେ ଭୂ–ରାଜସ୍ୱ ପ୍ରତି ୨୫–୩୦ ବର୍ଷରେ ବଦଳାଯାଏ ।

ଭାରତର ପୂର୍ବ ପଟେ ଭୂ–ରାଜସ୍ୱ ଆଦାୟର ଦାୟିତ୍ୱ ଜମିଦାରଙ୍କ ଉପରେ ନ୍ୟସ୍ତ ଥିଲା । ପଶ୍ଚିମ ପଟେ ଏହି ଆଦାୟକାରୀଙ୍କୁ ମହଲୱାରୀ ଓ ଦକ୍ଷିଣ ଭାରତରେ ରୟତମାନଙ୍କର ହାତରେ ରହୁଥିଲା । ଏହି ଲୋକମାନଙ୍କୁ ମଧ୍ୟସ୍ଥି କୁହାଯାଏ କାରଣ ବ୍ରିଟିଶ ସରକାର ଓ ସାଧାରଣ ଲୋକଙ୍କ ମଧ୍ୟରେ ଏମାନେ କାମ କରୁଥିଲେ । ଏମାନଙ୍କର କାମ ହେଲା ରାଜସ୍ୱ ଯେମିତି କି ଖଜଣା, କର ଓ ଅନ୍ୟାନ୍ୟ କର ଗାଁ ଲୋକମାନଙ୍କଠାରୁ ସଂଗ୍ରହ କରିବା । ବହୁବର୍ଷ ପର୍ଯ୍ୟନ୍ତ ଏହି ଲୋକମାନେ ନିଷ୍ଠୁର ଭାବେ ଖଜଣା ସଂଗ୍ରହ କରୁଥିଲେ ଓ ଏପରିକି ସାଧାରଣ ଗରିବ ଲୋକଙ୍କର ଆର୍ଥିକସ୍ଥିତି ସ୍ୱଚ୍ଛଳ ନଥାଇ ମଧ୍ୟ ସେମାନେ କର ଆଦାୟ କଲେ । ସେହିପରି ବନ୍ୟା, ସ୍ୱଳ୍ପ ବୃଷ୍ଟି ଯୋଗୁଁ ଫସଲ ଆମଦାନୀ କମ୍ ହେଲା । ଏଥିପାଇଁ ସେମାନଙ୍କର କୌଣସି ସହାନୁଭୂତି ନଥିଲା । ଜମିର ଖଜଣା ଅତ୍ୟଧିକ ଥିଲା । ଖଜଣା ପୈଠ ପୂର୍ବରୁ ସେମାନେ ନିଜ ପାଇଁ ଭାଗ ରଖୁଥିଲେ । ରାଜସ୍ୱ ସଂଗ୍ରହ ପରେ ବ୍ରିଟିଶ ସରକାର ପ୍ରଶାସନ ଚଳେଇବା ପାଇଁ ମଧ୍ୟ ସେହି ମଧ୍ୟସ୍ଥିମାନଙ୍କ ଉପରେ ନିର୍ଭରଶୀଳ କଲେ । ଏହିଭଳି ଭାବରେ ଜମିଦାର, ରୟତଦାର ଓ ଜାଗିରଦାରମାନେ ଏକ ସୁବିଧା ଭୋଗୀ ଶ୍ରେଣୀ ଥିଲେ ଓ ନିଜ ନିଜ ଅଞ୍ଚଳର କୁଜୀ ରାଜା ମଧ୍ୟ ଥିଲେ । ଯେଉଁ ଗାଁ ଲୋକ ଖଜଣା ଦେବାରେ ସମର୍ଥ ହେଉନଥିଲେ ସେମାନଙ୍କଠାରୁ ବଳ ପୂର୍ବକ ସମ୍ପତ୍ତି ନେଇ ଯାଉଥିଲେ । ଏହିଭଳି ଭାବରେ ଏହି ମଧ୍ୟସ୍ଥିମାନେ ଗରିବ ଲୋକଙ୍କର ଧନ ସମ୍ପତ୍ତି ଦ୍ୱାରା ସେମାନେ ଧନୀ ହୋଇଗଲେ ।

## ପାଠଗତ ପ୍ରଶ୍ନମାଳା ୧୯.୩

୧. ଚିରସ୍ଥାୟୀ ବନ୍ଦୋବସ୍ତ ଓ ଅସ୍ଥାୟୀ ବନ୍ଦୋବସ୍ତ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

୨. ଜମିଦାରମାନଙ୍କ ବିଷୟରେ ତିନୋଟି ବାକ୍ୟ ଲେଖ ।



## ୧୯.୨ ଇଂରେଜ ଶାସନର ଅନୂକୁଳ ଫଳାଫଳ

ଇଂରେଜ ଶାସନ ସମୟ କିଛି ସାକାରାତ୍ମକ କାର୍ଯ୍ୟ ମଧ ହୋଇଥିଲା । ଏବେ ଆମେ ଯେଉଁ ରେଳ ଚଳାଚଳ ବ୍ୟବସ୍ଥା ଦେଖୁଛୁ, ଏହାର ପ୍ରଥମ ପ୍ରଚଳନ ଇଂରେଜମାନେ 1850ରେ କରିଥିଲେ । 1800-1855 ମଧ୍ୟରେ ପ୍ରଥମ ଝୋଟ କାରଖାନା, ପ୍ରଥମ ବସ୍ତ୍ର ଉତ୍ପାଦନ କାରଖାନା ଓ ପ୍ରଥମ କୋଇଲା ଖଣି ସ୍ଥାପନା କରିଥିଲେ । ପରବର୍ତ୍ତୀ ସମୟରେ ସେମାନେ ରେଳପଥର ଦୀର୍ଘତା ଓ ଉପରୋକ୍ତ କାରଖାନାର ସଂଖ୍ୟାର ବୃଦ୍ଧି କରାଇଲେ । ଇଂରେଜମାନେ ଭାରତରେ ଡାକସେବା, ତାରସେବା, ଦୂରସଞ୍ଚାର ସେବା ମଧ ଆରମ୍ଭ କରିଥିଲେ ।

## ୧୯.୩ ସ୍ୱାଧିନତା ପରେ ଭାରତୀୟ ଅର୍ଥନୀତିର ପରିବର୍ତ୍ତିତ ମୌଳିକ ବୈଶିଷ୍ଟ୍ୟ

ଭାରତର ସ୍ୱାଧୀନତା ପରେ ଏହାର ଇତିହାସରେ ଏକ ନୂତନ ଯୁଗ ସୃଷ୍ଟି ହେଲା । ନିଶ୍ଚିତ ଭାବରେ ଏହାର କାରଣ ହେଉଛି ଭାରତର ଶାସନରଭାର ଏବେ ଭାରତୀୟ ନାଗରିକମାନଙ୍କ ଉପରେ । ଭାରତ ସରକାରଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା ଭାରତକୁ ଉନ୍ନତ ପଥରେ ଅଗ୍ରସର କରିବା ଏବଂ ନିଜ ଦେଶବାସୀଙ୍କର ମଙ୍ଗଳ ଚିନ୍ତା କରିବା ଯାହାକି ଇଂରେଜଶାସକମାନଙ୍କର ଉଦ୍ଦେଶ୍ୟରୁ ଠିକ୍ ବିପରୀତ । 2010 ମସିହା ସୁଦ୍ଧା ଭାରତ ସରକାର 60 ବର୍ଷରୁ ଉର୍ଦ୍ଧ୍ୱ ଭାରତ ଉପରେ ଶାସନ ପୂର୍ଣ୍ଣ କଲା । ଏଠାରେ ଆମେ ଭାରତୀୟ ଅର୍ଥନୀତିର ଚାରିତ୍ରିକ ବୈଶିଷ୍ଟ୍ୟ ସମ୍ବନ୍ଧରେ ଆଲୋଚନା କରୁଅଛୁ ଯାହାକି ବିକାଶ ପଥରେ ସଂଘଠିତ ହେଉଥିବା ଢ଼ାଞ୍ଚାଗତ ପରିବର୍ତ୍ତନକୁ ସଠିକ୍ ଭାବେ ଅନୁଧ୍ୟାନ କରିବାରେ ସହାୟକ ହେବ ।

ଏହିଗୁଡ଼ିକ ହେଉଛି, ସ୍ୱଳ୍ପ ମୁଣ୍ଡପିଛା ଆୟ, ମୁଣ୍ଡ ପିଛା ଆୟର ସ୍ୱଳ୍ପ ଅଭିବୃଦ୍ଧି ହାର, ଜନସଂଖ୍ୟାର ଚାପ, କୃଷିର ପ୍ରାଧାନ୍ୟ, ଗଣଦାରିଦ୍ର୍ୟ, ବିକାଶ ନିମିତ୍ତ ଯୋଜନା ।

ଏହା ଗୋଟିଏ ପରେ ଗୋଟିଏ ନିମ୍ନରେ ଆଲୋଚନା କରିବା ।

### ୧. ସ୍ୱଳ୍ପ ମୁଣ୍ଡ ପିଛା ଆୟ

ମୁଣ୍ଡପିଛା ଆୟର ପରିମାପ ଆମେ ଜାତୀୟ ଆୟକୁ ମୋଟ ଜନସଂଖ୍ୟା ଦ୍ୱାରା ଭାଗ କରି ପାଇଥାଉ । କୌଣସି ବ୍ୟକ୍ତିର ଆୟରୁ ହିଁ ତାହାର ବଞ୍ଚି ରହିବା ମାନଦଣ୍ଡର ସୂଚନା ଆମେ ପାଉ । ମୁଣ୍ଡପିଛା ଆୟ ଆମକୁ ଗୋଟେ ବ୍ୟକ୍ତିର ଏକ ବର୍ଷରେ ହାରାହାରି ଆୟର ସୂଚନା ଦେଇଥାଏ । ଭାରତର ମୁଣ୍ଡପିଛା ଆୟ 2009-10 ମସିହାରେ 33731 ଟଙ୍କା ଥିଲା । ଯାହାକି ଏକ ମାସରେ ମୋଟାମୋଟି ହେଉଛି 2811 ଟଙ୍କା (i.e. 33731/12 = 2811) ।

ଗୋଟିଏ ସୁନ୍ଦର ଜୀବନଯାପନ ପାଇଁ ଏହି ପରିମାଣର ଟଙ୍କା ଖୁବ୍ ସ୍ୱଳ୍ପ ଅଟେ । ଏକ ମଣିଷର ରହିବା ପାଇଁ ଘର, ପିନ୍ଧିବା ପାଇଁ ଲୁଗାପଟା ଓ ଖାଇବା ପାଇଁ ଖାଦ୍ୟ ଦରକାର । ଏହିସବୁ ଜିନିଷ ମଣିଷକୁ ଏହାର ଦାମ୍ ଦେଇ ବଜାରରୁ କିଣିବାକୁ ପଡ଼ିଥାଏ । ଯଦିଓ ଏକ ବ୍ୟକ୍ତି ପାଖରେ ପୈତୃକ ଘର ରହିବାକୁ ଥାଏ ଯେଉଁଠାରେ ତାକୁ ଭଡ଼ା ଦେବାକୁ ପଡ଼େ ନାହିଁ, ତଥାପି ତାହାର ଲୁଗାପଟା ଓ ଖାଦ୍ୟ ପାଇଁ ଟଙ୍କା ଦରକାର ହୁଏ । ଯେହେତୁ ଖାଦ୍ୟଶସ୍ୟ, ପନିପରିବା ଓ କପଡ଼ାର ଦରଦାମ ଉଚ୍ଚରେ ଅଛି, ତେଣୁ ତୁମେମାନେ ଭାବିପାରୁଛ କି ମାସକୁ 2811 ଟଙ୍କା ଏହିସବୁ ବ୍ୟୟ ପାଇଁ ଯଥେଷ୍ଟ ହେବ ।

## ତୁମ ପାଇଁ କାର୍ଯ୍ୟ

ଏକ ବଜାରକୁ ଯାଇ ଚାଉଳ, ଗହମ, ଆଳୁ ଏବଂ ପିଆଜର ଦାମ୍ ବୁଝ । ଗତ ମାସ ଏହିସବୁ ଜିନିଷ କେତେ ପରିମାଣର କିଣିଥିଲ ତାହାର ହିସାବ କର । ତାପରେ ଏହି ଜିନିଷ ଉପରେ ବ୍ୟୟର ହିସାବ କର । ସେହିଭଳି ଭାବରେ ତୁମ ପରିବାରର ବ୍ୟୟ ଏହି ଜିନିଷ ଉପରେ କେତେ ଥିଲା ତାହାର ଗଣନା କର । ତାହାପରେ ଭାବିକି କୁହ କେତେ ଆୟ ଯଥେଷ୍ଟ ହେବ ଏତିକି ପରିମାଣର ବ୍ୟୟ କରିବା ପାଇଁ ?

### ୨. ମୁଣ୍ଡପିଛା ଆୟର ମନ୍ଥର ଅଭିବୃଦ୍ଧି

ଭାରତର ମୁଣ୍ଡପିଛା ଆୟ କେବଳ ସ୍ୱଳ୍ପ ନୁହେଁ କିନ୍ତୁ ଏହାର ବୃଦ୍ଧି ହାର ମଧ୍ୟ ଅତି ମନ୍ଥର । ଅଭିବୃଦ୍ଧି ଅର୍ଥ ହେଉଛି ସମୟ ଅନୁଯାୟୀ ବଢ଼ିଚାଲିବା । ଆମେ କ'ଣ ପାଇଁ ପ୍ରତିବର୍ଷ ଆମର ଆୟର ବୃଦ୍ଧି ଚାହିଁଥାଉ ? ଏହାର କିଛି କାରଣ ଅଛି ଯାହା ନିମ୍ନରେ ଦିଆଯାଇଛି ।

ପ୍ରଥମତଃ ସମୟ ଅନୁସାରେ ଆମର ବୃଦ୍ଧି ସହିତ ଆମର ଅଭାବ ବୃଦ୍ଧି ଚାଲିଛି । ସେହି ଅତିରିକ୍ତ ଅଭାବକୁ ପୂର୍ଣ୍ଣ କରିବା ନିମନ୍ତେ ଆମକୁ ଅଧିକ ଆୟ ଦରକାର । ତୁମେ ତୁମର ହିଁ ଏକ ଉଦାହରଣ ନିଅ । ତୁମର କ'ଣ ଇଚ୍ଛା ହୁଏ ନାହିଁ ସିନେମା ହଲ ଯାଇ ସିନେମା ଦେଖିବା ପାଇଁ, ତୁମେ କ'ଣ ଆଇ.ପି.ଏଲ୍ ମ୍ୟାଚ୍ ଷ୍ଟାଡ଼ିୟମରେ ଦେଖିବା ପାଇଁ ଚାହିଁନାହିଁ । ତୁମେ କ'ଣ ନୂଆ ନୂଆ ପୋଷାକ ପରିଧାନ କରିବାକୁ ଚାହିଁ ନାହିଁ, ତୁମେ କ'ଣ ଭଲ ହୋଟେଲରେ ଖାଇବା ପାଇଁ ଚାହିଁନାହିଁ, ନିଜ ପାଇଁ କ'ଣ ଏକ ମୋବାଇଲ ଫୋନ୍ ଚାହଁ ନାହିଁ ଓ ଅନ୍ୟାନ୍ୟ । ଏହାର ତାଲିକା ଅସରନ୍ତି । କିନ୍ତୁ ଏହିସବୁ ଜିନିଷ ମାଗଣାରେ ମିଳେ ନାହିଁ । ସେଥିପାଇଁ ତୁମେ ଆଗ ଅପେକ୍ଷା ଆହୁରି ଆୟ ଚାହଁ ଏହି ସବୁ ଚାହିଦାକୁ ପୂର୍ଣ୍ଣ କରିବା ପାଇଁ ।

ଦ୍ୱିତୀୟତଃ, ଆୟ ବୃଦ୍ଧି କରିବା ପାଇଁ ଅନ୍ୟ ଏକ କାରଣ ହେଉଛି ତୁମେ କିଣୁଥିବା ଦ୍ରବ୍ୟ ସାମଗ୍ରୀର କ୍ରମାଗତଭାବେ ଦରବୃଦ୍ଧି ପାଇବାକୁ ଲାଗୁଛି । ସେଥିପାଇଁ ସେଇ ଏକା ବସ୍ତୁ କିଣିବା ପାଇଁ ମଧ୍ୟ ତୁମକୁ ଅଧିକା ମୁଦ୍ରା ଦେୟ ଦେବା ପାଇଁ ପଡ଼ିଥାଏ । ଏବେ ନିକଟ ସମୟ ମଧ୍ୟରେ ପେଟ୍ରୋଲ ଓ ଡ଼ିଜେଲର ଦର ବୃଦ୍ଧି କରାଯାଇଥିଲା । ଆମ ରାଜଧାନୀ ଦିଲ୍ଲୀରେ ଦର 1 ଲିଟର ପିଛା 5 ଟଙ୍କାକୁ ବୃଦ୍ଧି କରାଯାଥିଲା । ଧର ଜଣେ ବ୍ୟକ୍ତି ଟ୍ରକ ମାଧ୍ୟମରେ ଦିଲ୍ଲୀରୁ ଶିମ୍ଲା ଜୋତା ନେଇ ଗଲା । ସେହି ବ୍ୟକ୍ତି ଜଣଙ୍କ ଶିମ୍ଲାର ବଜାରରେ ଉକ୍ତ ଜୋତାଗୁଡ଼ିକୁ ହଳ ପିଛା 300 ଟଙ୍କାରେ ବିକ୍ରି କଲା । ଡ଼ିଜେଲ୍‌ର ଦରବୃଦ୍ଧି ପୂର୍ବରୁ ସେହି ଲୋକଟିର ଯିବା ଆସିବା ଉପରେ ବ୍ୟୟ ଥିଲା 3100 ଟଙ୍କା । କିନ୍ତୁ ଡ଼ିଜେଲର ଦରବୃଦ୍ଧି ହେତୁ ଏବେ ତାର ବ୍ୟୟ ବଢ଼ି ଧର 3700 ଟଙ୍କା ହେଲା । ଏହି ଅଧିକ 600 ଟଙ୍କା ସେ କେଉଁଠୁ ଆଣିବ । ଏହାର ଗୋଟିଏ ମାର୍ଗ ହେଲା ସେ ତା ଜୋତାର ହଳ ପିଛା ଦର 300 ରୁ 325





ଟଙ୍କାକୁ ବୃଦ୍ଧି କରିଦେବ । ତେବେ ଶିମ୍ଲାରେ ରହୁଥିବା ଲୋକମାନଙ୍କୁ ଜୋତା କିଣିବା ପାଇଁ ହଳ ପିଛା ଆହୁରି 25 ଟଙ୍କା ଆଗ ଅପେକ୍ଷା ଦେବା ପାଇଁ ପଡ଼ିବ । ଏହି ବଢ଼ିଥିବା 25 ଟଙ୍କା ସେମାନେ କେଉଁଠୁ ଆଣିବେ । ତୁମର ବୃଦ୍ଧି ପାଉଥିବା ବ୍ୟୟ ସହିତ ତାଳ ଦେବା ପାଇଁ ତୁମର ଆୟ ମଧ୍ୟ ବୃଦ୍ଧି ହେବା ଦରକାର । ଯେହେତୁ ତୁମେ ଅନ୍ୟ ଦ୍ରବ୍ୟସାମଗ୍ରୀ ମଧ୍ୟ କିଣୁଛ ଏବଂ ସେମାନଙ୍କର ମଧ୍ୟ ଦର ସେହିଭଳି ଭାବରେ ବୃଦ୍ଧି ପାଇବାରେ ଲାଗିଛି, ତୁମର ଆୟ ଆହୁରି ବେଗରେ ବୃଦ୍ଧି ପାଇବା ଦରକାର ।

କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଭାରତରେ ଦରକାର ମୁତାବକ ମୁଣ୍ଡ ପିଛା ଆୟର ବୃଦ୍ଧି ହେଉନାହିଁ ।

ଆମେ ଏବେ କହିଲୁ ଯେ ଭାରତର ମୁଣ୍ଡ ପିଛା ଆୟ 2009-2010 ମସିହାରେ ଥିଲା 33,731 ଟଙ୍କା । ତୁମେ ଜାଣିଛ ତା ପୂର୍ବ ବର୍ଷ 2008-2009 ରେ ଏହାର ପରିମାଣ କେତେ ଥିଲା । ଏହା 31,801 ଟଙ୍କା ଥିଲା । ଏହାର ଅର୍ଥ ହେଉଛି ଏକ ବ୍ୟକ୍ତିର ଆୟ 1930 ଟଙ୍କାକୁ ବୃଦ୍ଧି କରିଛି । ମାସକ ପିଛା ତାହେଲେ କେତେ ବଢ଼ିଛି ? ଏହା ପାଖାପାଖି 160 ଟଙ୍କା ମାସକ ପିଛା ବୃଦ୍ଧି କରିଛି । ଏତିକି ପରିମାଣର ଆୟର ବୃଦ୍ଧି ତୁମମାନଙ୍କ ପାଇଁ ଯଥେଷ୍ଟ କି ତୁମର ଦରବୃଦ୍ଧି ହେତୁ ତୁମର ବଢ଼ିଥିବା ବ୍ୟୟ ପାଇଁ ? ମନେରଖ କେବଳ ଜୋତାଟିଏ କିଣିବା ପାଇଁ ତୁମକୁ 25 ଟଙ୍କା ଅଧିକ ଦରକାର । ଏହା ଛଡ଼ା ଅନ୍ୟାନ୍ୟ ବହୁ ଜିନିଷ ଅଛି ତୁମର କିଣିବା ପାଇଁ । ତେଣୁ 160 ଟଙ୍କା ତୁମର ଏବେ ଅଭାବ ପୂରଣ କରିବା ପାଇଁ ସକ୍ଷମ ନୁହେଁ ଆଉ ବଢ଼ିଥିବା ଅନ୍ୟାନ୍ୟ ଅଭାବ ତାହେଲେ କିପରି ପୂରଣ ହେବ ?

ମୁଣ୍ଡପିଛା ଆୟର ତଥ୍ୟାବଳୀ ଅର୍ଥନୈତିକ ସର୍ବେକ୍ଷଣ ଅନୁଯାୟୀ ନିମ୍ନ ଏକ ସାରଣୀରେ ଦିଆହୋଇଛି ।

**ସାରଣୀ ୧୯.୧ ଭାରତର ମୁଣ୍ଡ ପିଛା ଆୟ**

| ବର୍ଷ | ମୁଣ୍ଡପିଛା ଆୟ (ଟଙ୍କା) | ଅଭିବୃଦ୍ଧି (ଟଙ୍କା) |
|---|---|---|
| 2008-09 | 31801 | - |
| 2009-10 | 33731 | 160 |

ତୃତୀୟତଃ, ଶେଷରେ ଆମେ ଆମ ଆୟର ବୃଦ୍ଧି ଚାହୁଁଥାଉ କାରଣ ଅନ୍ୟମାନଙ୍କର ଆବଶ୍ୟକ ସମୟରେ କିମ୍ବା ଅନ୍ୟକୁ ସନ୍ତୁଷ୍ଟ କରିବା ପାଇଁ ଆମେ ଏହା ମନେରଖିବା ଦରକାର ଯେ ମଣିଷ ଏକ ସାମାଜିକ ପ୍ରାଣୀ ଆଉ ଆମେ ଏକ ସମାଜରେ ଆମ ସମ୍ପର୍କୀୟ, ଆମ ବନ୍ଧୁ, ସାଙ୍ଗମାନଙ୍କର ସହିତ ରହୁଛୁ । ଆଗେ ସବୁ ସମୟରେ ପରସ୍ପରର ସାହାଯ୍ୟ ଓ ସହଯୋଗିତା ଚାହୁଁଥାଉ । ତୁମେ କେବେ ତୁମ ସାଙ୍ଗର ଦରକାର ସମୟରେ ତାହାର ସାହାଯ୍ୟ କରିଛ ? କେବେ ଏକ ଗରିବ ଲୋକ ଯାହାର କିଛି ଖାଦ୍ୟ ଦରକାର ସାହାଯ୍ୟ କରିଛ ? ତୁମେ ତୁମ ସାଙ୍ଗର ଦରକାର ପାଇଁ ଏକ ପୁସ୍ତକ କିଣିବାକୁ ଚାହିଁ ? ତୁମେ ତୁମ ସାନଭାଇ ଭଉଣୀଙ୍କର ଖୁସି ପାଇଁ ଚକୋଲେଟଟିଏ କିଣିବା ପାଇଁ ମଧ୍ୟ ଇଚ୍ଛା କରୁଥିବ ? ଉପରୋକ୍ତ ସବୁ ଘଟଣା ପାଇଁ ତୁମର ଅର୍ଥ ଦରକାର । କିନ୍ତୁ ତୁମେ ଯଦି ଅଧିକ ଧନ ଉପାର୍ଜନ କରିବ ନାହିଁ, ତୁମେ ନିଜର ଇଚ୍ଛା ଓ ଅନ୍ୟମାନଙ୍କର ଇଚ୍ଛା କିଭଳି ପୂର୍ଣ୍ଣ କରିବ ।

## ପାଠଗତ ପ୍ରଶ୍ନାବଳୀ ୧୯.୪

୧. ସାରଣୀ ୧୯.୧ରୁ ୧୦୦୯–୧୦ର ମୁଣ୍ଡପିଛା ଆୟର ଅଭିବୃଦ୍ଧି ହାର ୨୦୦୮–୦୯ ଅନୁସାରେ ନିର୍ଣ୍ଣୟ କର । (ତୁମର ଗାଣିତିକ ଦକ୍ଷତା ବ୍ୟବହାର କର)

୨. ମୁଣ୍ଡପିଛା ଆୟର ସଂଜ୍ଞା ଲେଖ ।

୩. ଭାରତର ମୁଣ୍ଡପିଛା ଆୟ 2009-10 ମସିହାରେ କେତେ ଥିଲା ?

## ୩. ଅତ୍ୟଧିକ ଜନସଂଖ୍ୟାର ଚାପ

ଭାରତର ଅର୍ଥନୀତି ଜନସଂଖ୍ୟା ଚାପ ଦ୍ୱାରା ପ୍ରଭାବିତ । ଜନସଂଖ୍ୟାର ଦ୍ରୁତ ଅଭିବୃଦ୍ଧି ଭାରତୀୟ ଅର୍ଥନୀତିର ଏକ ପ୍ରଧାନ ବୈଶିଷ୍ଟ୍ୟ । ଗତ 60 ବର୍ଷ ମଧ୍ୟରେ ଏହି ଅଭିବୃଦ୍ଧି ତିନିଗୁଣରୁ ଅଧିକ ବୃଦ୍ଧି ପାଇଛି । ସ୍ୱାଧୀନତା ସମୟରେ 1947 ମସିହାରେ ଭାରତର ଜନସଂଖ୍ୟା ଥିଲା 350 ନିୟୁତ । ଜନଗଣନା 2011 ଅନୁଯାୟୀ ଭାରତର ଜନସଂଖ୍ୟା ଏବେ 1.21 ହଜାର ନିୟୁତରେ ଅଛି । ଆମେ ସାରା ବିଶ୍ୱରେ ଜନସଂଖ୍ୟାରେ ଦ୍ୱିତୀୟ ସ୍ଥାନରେ ଅଛୁ ଓ ଚୀନ ଦେଶ ପ୍ରଥମ ସ୍ଥାନରେ । ଏହା ମଧ୍ୟ ଗଣନା କରିହେଉଛି ଯେ ଭବିଷ୍ୟତରେ ଆମେ ଚୀନ ଦେଶଠାରୁ ଅଧିକ ଜନସଂଖ୍ୟା ହେବ । ଆମେ ଏହି ଜନସଂଖ୍ୟାର ଅଭିବୃଦ୍ଧି ପାଇଁ ଏତେ ଚିନ୍ତିତ କ'ଣ ପାଇଁ । ଏହା ଅତ୍ୟନ୍ତ ସରଳ । ଅଧିକ ଜନସଂଖ୍ୟା ଖାଦ୍ୟଶସ୍ୟର ଉତ୍ପାଦନ ଉପରେ ଚାପ ସୃଷ୍ଟି କରିଥାଏ । ଯେହେତୁ ପ୍ରତିବର୍ଷ ଜନସଂଖ୍ୟାର ବୃଦ୍ଧି ଘଟିଚାଲିଛି ସେହି ଅନୁସାରେ ଖାଦ୍ୟଶସ୍ୟର ଉତ୍ପାଦନ ବୃଦ୍ଧି ନିହାତି ଦରକାର । ଏହା ଏକ ସହଜ ବ୍ୟାପାର ନୁହେଁ । କାରଣ ଚାଷ ନିମନ୍ତେ ଭୂମିର ବୃଦ୍ଧି ସେହି ଅନୁପାତ ଅନୁସାରେ ବୃଦ୍ଧି ପାଉ ନାହିଁ । ତେଣୁ ଯଦି ଖାଦ୍ୟର ଉତ୍ପାଦନ ବୃଦ୍ଧି ପାଉଥିବା ଜନସଂଖ୍ୟା ସହିତ ଖାପ ଖାଉନଥିବ ତେବେ ମୁଣ୍ଡପିଛା ଖାଦ୍ୟ ଶସ୍ୟର ଯୋଗାଣ ହ୍ରାସ ପାଇବ । ସାରା ଭାରତକୁ ଗୋଟେ ପରିବାର ଭଳି ଦେଖିଲେ, ଏହା ପୁଣି ବୁଝାଏ ଯେ ପରିବାରର ପ୍ରତ୍ୟେକ ସଦସ୍ୟ ପାଇଁ ବର୍ତ୍ତମାନ ଅଳ୍ପ ଖାଦ୍ୟ ଅଛି । ଏହା ଅତ୍ୟନ୍ତ ଦୁଃଖର ବିଷୟ ।

ଖାଦ୍ୟ ଛଡ଼ା, ଜନସଂଖ୍ୟାର ଅଭିବୃଦ୍ଧି ହେଲେ ଅଧିକ କପଡ଼ା, ଅଧିକ ବ୍ୟୟ ଶିକ୍ଷା ଓ ସ୍ୱାସ୍ଥ୍ୟ ନିମିତ୍ତ, ଅଧିକ ଘର, ରାସ୍ତା ଏବଂ ବହୁତ କିଛି । ଏହାସବୁ କେଉଁଠୁ ଆସିବ ? ଆମ ସରକାର ପାଖରେ କ'ଣ ଏତେ ସମ୍ବଳ ଅଛି ଏହିସବୁ ସୁବିଧା ଯୋଗାଇଦେବା ପାଇଁ ବୋଧେ ତାହା ନୁହେଁ । ନହେଲେ ଆମ ଦେଶରେ ଏତେ ବସ୍ତି ଓ ରାସ୍ତା ଉପରେ ଭିକାରୀ ନଥାନ୍ତେ ।

କିନ୍ତୁ ଅତ୍ୟଧିକ ଜନସଂଖ୍ୟାର ଏକ ସୁବିଧା ହେଲା ଯୁବପିଢ଼ିର ସଂଖ୍ୟା ଅନ୍ୟ ଦେଶମାନଙ୍କର ତୁଳନାରେ ଭାରତରେ ଅଧିକ । ଅଧାରୁ ଅଧିକ ଭାରତର ଜନସଂଖ୍ୟା 0 ରୁ 25 ବର୍ଷର ବୟସ ଶ୍ରେଣୀ ମଧ୍ୟରେ ଅଛନ୍ତି । 121 କୋଟି ଲୋକମାନଙ୍କ ମଧ୍ୟରୁ ପ୍ରାୟତଃ 78.5 କୋଟି ଲୋକ 35 ବର୍ଷ ତଳ ବୟସ ଶ୍ରେଣୀର ଅଛନ୍ତି । ଏହାର ଅର୍ଥ କ'ଣ ? ଯୁବପିଢ଼ି ଖୁବ୍ ଦକ୍ଷ ଓ ଶକ୍ତିଶାଳୀ ହେଉଥିବାରୁ ସେମାନଙ୍କଠାରୁ ଭଲ କାର୍ଯ୍ୟ ପ୍ରଦର୍ଶନର ଆଶା କରାଯାଇ ପାରିବ । ଏହା ସ୍ୱଳ୍ପ ନିର୍ଭରଶୀଳ ହାରକୁ ମଧ୍ୟ ଦର୍ଶାଏ ।

ତୁମେମାନେ ଜାଣିଛକି ଭାରତର କେଉଁ ତିନୋଟି ରାଜ୍ୟ ଜନବହୁଳ ଅଟେ ? ଏହା ହେଉଛି ପ୍ରଥମ ଉତ୍ତର ପ୍ରଦେଶ, ତାପରେ ମହାରାଷ୍ଟ୍ର ଓ ତାପରେ ବିହାର । ଏଠାରେ ଏହା ଉଲ୍ଲେଖଯୋଗ୍ୟ ଯେ ଉତ୍ତର ପ୍ରଦେଶର ଜନସଂଖ୍ୟା ପ୍ରାୟତଃ ବ୍ରାଜିଲ ସହିତ ସମାନ ଯାହାକି ଭୂମି ଅନୁଯାୟୀ ବିଶ୍ୱର ସବୁଠାରୁ ବଡ଼ ଦେଶ ଏବଂ ମହାରାଷ୍ଟ୍ରର ଜନସଂଖ୍ୟା ମେକ୍ସିକୋର ଜନସଂଖ୍ୟା ସହିତ ସମାନ ।

ଏହାର ସତ୍ୟତା ଜାଣିବା ପାଇଁ ନିମ୍ନରେ ଦିଆଯାଇଥିବା ସାରଣୀକୁ ଦେଖ ।

ପ୍ରକୃତରେ ଭାରତର ମୋଟ ଜନସଂଖ୍ୟା, ଯୁକ୍ତରାଷ୍ଟ୍ର ଆମେରିକା, ଜାପାନ, ଇଣ୍ଡୋନେସିଆ, ପାକିସ୍ଥାନ ଏବଂ ବାଙ୍ଗଲାଦେଶର ମିଶ୍ରିତ ଜନସଂଖ୍ୟା ସହିତ ସମାନ ଅଟେ ।

ସାରଣୀ ୧୯.୨ ଜନଗଣନା 2011 ଅନୁଯାୟୀ ଭାରତର ଓ ଏହାର ରାଜ୍ୟର ଜନସଂଖ୍ୟା (କୋଟିରେ)

| | | | |
|---|---|---|---|
| ଉତ୍ତର ପ୍ରଦେଶ | - 19.9 | ବ୍ରାଜିଲ | - 19.07 |
| ମହାରାଷ୍ଟ୍ର | - 11.2 | ମେକ୍ସିକୋ | - 11.2 |
| ଭାରତ | - 121 | | |

## ୪. ଦାରିଦ୍ର୍ୟର ସ୍ଥିତି

ସାରା ବିଶ୍ୱରେ ଅତିକମ୍‌ରେ ଏକ ତୃତୀୟାଂଶ ଗରୀବ ଭାରତରେ ଅବସ୍ଥିତ ଅଛନ୍ତି । ରାସ୍ତାକଡ଼ର ଭିକାରୀ, ସହରର ବସ୍ତିବାସିନ୍ଦା, ରାସ୍ତା କଡ଼ର ଢ଼ାବାଗୁଡ଼ିକରେ କାର୍ଯ୍ୟ କରୁଥିବା ପିଲାମାନେ, ଘରେ ଓ କାରଖାନାରେ କାର୍ଯ୍ୟ କରୁଥିବା ପିଲାମାନଙ୍କୁ ଦେଖ, ଏହା ହେଉଛି ଦେଶର ଦାରିଦ୍ର୍ୟତାର ସୂଚକ । ସ୍ୱାଧୀନତା ଲାଭ ପରେ ଦୀର୍ଘ 60 ବର୍ଷ ବିତିଯାଇଥିଲେ ମଧ୍ୟ କୋଟି କୋଟି ଲୋକଙ୍କ ପାଇଁ ସର୍ବନିମ୍ନ ଆବଶ୍ୟକତା ଯଥା – ଖାଦ୍ୟ, ପାନୀୟ ଜଳ ଓ ମୁଣ୍ଡ ଗୁଞ୍ଜିବାକୁ ଆଶ୍ରୟସ୍ଥଳ ନାହିଁ । ନିମ୍ନରେ ଦିଆଯାଇଥିବା ସାରଣୀକୁ ଦେଖ । 30 କୋଟିରୁ ଅଧିକ ଭାରତର ଜନସଂଖ୍ୟା ଦାରିଦ୍ର୍ୟ ସୀମାରେଖାତଳେ ଅଛନ୍ତି ଯାହାକି ମୋଟ ଜନସଂଖ୍ୟାର 27.5 ପ୍ରତିଶତ । ତନ୍ମଧ୍ୟରୁ 22 କୋଟିରୁ ଅଧିକ ଗ୍ରାମାଞ୍ଚଳରେ ଓ ଅବଶିଷ୍ଟ ସହରାଞ୍ଚଳରେ ରହିଥାଆନ୍ତି ।

ଭାରତର ବିଭିନ୍ନ ରାଜ୍ୟ ମଧ୍ୟରୁ ଓଡ଼ିଶା ମୁଖ୍ୟ ଭାବରେ ଦାରିଦ୍ର୍ୟତାରୁ ପ୍ରଭାବିତ ହୋଇଛି । କାରଣ ମୋଟ ଜନସଂଖ୍ୟାରୁ 46 ପ୍ରତିଶତ ଲୋକ ଓଡ଼ିଶାରେ ଗରିବ ଯାହାକି ସବୁ ରାଜ୍ୟଠାରୁ ଉଚ୍ଚ । ଓଡ଼ିଶା ପରେ ଦାରିଦ୍ର୍ୟ ରେଖାରେ ଅଛନ୍ତି ଛତିଶଗଡ଼ ଓ ତାପରେ ବିହାର । କିନ୍ତୁ ଗରିବ ଲୋକମାନଙ୍କର ସଂଖ୍ୟା ଅନୁସାରେ ଉତ୍ତର ପ୍ରଦେଶ ହେଉଛି ସବୁଠାରୁ ଆଗରେ । ପଞ୍ଜାବ, ହରିୟାନା ଏବଂ ଆନ୍ଧ୍ରପ୍ରଦେଶକୁ ଦେଖ । ସେମାନେ ଦାରିଦ୍ର୍ୟ ଦ୍ୱାରା ଖୁବ୍ କମ୍ ପ୍ରଭାବିତ ହୋଇଛନ୍ତି, କାରଣ ଏଠାରେ ଓଡ଼ିଶା, ବିହାର ଓ ଉତ୍ତର ପ୍ରଦେଶ ଠାରୁ କମ୍ ପ୍ରତିଶତ ଲୋକ ଦାରିଦ୍ର୍ୟ ସୀମାରେଖାରେ ଅଛନ୍ତି ।

ଭାରତର କିଛି ରାଜ୍ୟରେ ଦାରିଦ୍ର୍ୟର ପରିସ୍ଥିତି

| ରାଜ୍ୟ | ଗରିବ ଲୋକଙ୍କର ପ୍ରତିଶତ | ଗରିବ ଲୋକଙ୍କର ମୋଟସଂଖ୍ୟା (ଲକ୍ଷରେ) |
|---|---|---|
| ଓଡ଼ିଶା | 46 | 179 |
| ଛତିଶଗଡ଼ | 41 | 91 |
| ବିହାର | 41 | 369 |
| ଉତ୍ତର ପ୍ରଦେଶ | 35 | 590 |
| ଆନ୍ଧ୍ର ପ୍ରଦେଶ | 16 | 126 |
| ହରିୟାନା | 14 | 32 |
| ପଞ୍ଜାବ | 08 | 22 |
| ଭାରତ | 27.5 | 3017 |

ଉତ୍ସ : ଅର୍ଥନୈତିକ ସର୍ବେକ୍ଷଣରୁ ଉଦ୍ଧୃତ ।

ତୁମେ ଯେତେବେଳେ ସାରଣୀ ୧୯.୩ ଦେଖିଲ ସେଥିରୁ ତୁମେ କ'ଣ ବୁଝିଲ ? ଗରିବ ଲୋକର ପ୍ରତିଶତ ଆମକୁ 100ରୁ କେତେ ଲୋକ ଗରୀବ ଅଛନ୍ତି, ଏବଂ ମୋଟ ଗରିବ ଲୋକଙ୍କର ସଂଖ୍ୟା ଏକ ସ୍ଥୂଳ ସଂଖ୍ୟା । ଦେଖ ଓଡ଼ିଶାରେ 179 ଲକ୍ଷ ଗରିବ ଯାହାକି ଉତ୍ତର ପ୍ରଦେଶର ଗରିବ ସଂଖ୍ୟା 590 ଲକ୍ଷରୁ କମ୍ ଅଟେ । କିନ୍ତୁ ଓଡ଼ିଶାରେ ଅତିକମ୍‌ରେ 100 ରୁ 46 ଜଣ ଲୋକ ଗରିବ ଏବଂ ଉତ୍ତର ପ୍ରଦେଶରେ 100 ରୁ 35 ଜଣ ଲୋକ ଗରିବ । କାରଣ ଉତ୍ତର ପ୍ରଦେଶର ମୋଟ ଜନସଂଖ୍ୟା ଓଡ଼ିଶାଠାରୁ ଅଧିକ ସେଥିପାଇଁ ଗରିବଙ୍କର ସ୍ଥୂଳ ସଂଖ୍ୟା ଓଡ଼ିଶାଠାରୁ ଉତ୍ତରପ୍ରଦେଶରେ ଅଧିକ । ଅଧିକ ପ୍ରତିଶତ ହେତୁ ଓଡ଼ିଶା ଦାରିଦ୍ର୍ୟତା ଦ୍ୱାରା ଅଧିକ ପ୍ରଭାବିତ ହୋଇଛି ଉତ୍ତର ପ୍ରଦେଶ ତୁଳନାରେ ।

ଦାରିଦ୍ର୍ୟତା ମାନବିକତା ଉପରେ ଏକ ଅଭିଶାପ । ଏକ ଗରିବ ଲୋକଙ୍କର ସମ୍ବଳ ନଥାଏ ତାର ଦୈନନ୍ଦିନ ଆବଶ୍ୟକର ଜିନିଷ ବଜାରରୁ କିଣିବା ପାଇଁ । ନା ତାପାଖରେ ପେଟ ପୁରାଇ ଦୁଇବେଳା ଖାଇବା ପାଇଁ ଖାଦ୍ୟ ଥାଏ ନା ପିନ୍ଧିବା ପାଇଁ ଠିକ୍‌ଠାକ୍ ପୋଷାକ ଥାଏ । ମୁଣ୍ଡ ଗୁଞ୍ଜିବା ପାଇଁ ଚାଳଘର ବା ବେଳେବେଳେ ଘର ବି ନଥାଏ । ନିଜ ପାଇଁ ଶିକ୍ଷା ଓ ସ୍ୱାସ୍ଥ୍ୟର ବ୍ୟବସ୍ଥା ମଧ୍ୟ ତାପାଇଁ କଷ୍ଟକର ଥାଏ । ଏହିପରି କ'ଣ ପାଇଁ ହେଉଛି, ଏହାର ବହୁତ କାରଣ ଅଛି ।

ପ୍ରଥମତଃ ଗୋଟିଏ ବ୍ୟକ୍ତି ଦାରିଦ୍ର୍ୟତା ଦ୍ୱାରା ପ୍ରଭାବିତ ଯେତେବେଳେ ସେ ବେକାର କିମ୍ବା ଅତିସ୍ୱଳ୍ପ ଆୟ ଅର୍ଜନ କରେ ଯାହାକି ତାର ନିତ୍ୟାନ୍ତ ଆବଶ୍ୟକ ଜିନିଷ ପୂରଣ କରିବାକୁ ଅକ୍ଷମ ହୁଏ ।

ଦ୍ୱିତୀୟତଃ ଜଣେ ବ୍ୟକ୍ତି ନିଜର ଜାତି ଓ ଧର୍ମ ଯୋଗୁଁ ଶୋଷଣର ଶିକାର ହେଉଥିବ ।

ତୃତୀୟତଃ, ଜଣେ ବ୍ୟକ୍ତି ଗରିବ ଯଦି ସେ ନିଜର ପୈତୃକ ସମ୍ପତ୍ତିରୁ କିଛି ଲାଭ କରିନଥିବ କିମ୍ବା ନିଜର ସମ୍ପତ୍ତି ନଥିବ ।

ଚତୁର୍ଥତଃ, ସରକାର ଯେଉଁ ସବୁ ପଦକ୍ଷେପ ନେଇଛନ୍ତି ତାହା ଭଲଭାବେ କାର୍ଯ୍ୟକାରୀ ହେଉନଥିବ । ଦୁର୍ନିତି ଓ ନିତି ନିର୍ଦ୍ଧାରଣରେ ସ୍ୱଳ୍ପଗତି ସରକାରଙ୍କର ଦାରିଦ୍ର୍ୟ ନିରାକରଣରେ ବାଧା ସୃଷ୍ଟି କରିଥାଏ। କିନ୍ତୁ ଦାରିଦ୍ର୍ୟ ସରକାରଙ୍କ ଅକ୍ଷମତା ଯୋଗୁଁ କେବଳ ନୁହେଁ ବରଂ ଲୋକମାନେ ଓ ସମାଜ ବହୁତ ଦୃଷ୍ଟିରୁ ସକ୍ରିୟ ନଥିବାରୁ ସେମାନେ ଉନ୍ନତ ଜୀବନମାନରୁ ବଞ୍ଚିତ ହୁଅନ୍ତି ।

ଉପରେ ଆଲୋଚନା କରାଯାଇଥିବା ଅର୍ଥନୀତିକ, ସାମାଜିକ ଓ ରାଜନୀତିକ କାରଣଗୁଡ଼ିକ ଭାରତର ଗଣଦାରିଦ୍ର୍ୟ ପାଇଁ ମୁଖ୍ୟତଃ ଦାୟୀ । ପରସ୍ପର ସମ୍ବନ୍ଧିତ ଏହି କାରଣଗୁଡ଼ିକ ମିଶି ଏକ ଦାରିଦ୍ର୍ୟର ପାପଚକ୍ର ସୃଷ୍ଟି କରିଛନ୍ତି ।

(ଆମେ ଅଧ୍ୟାୟ ୨୨ରେ ଦାରିଦ୍ର୍ୟର ଅର୍ଥ ଓ ସରକାରଙ୍କ ଦ୍ୱାରା ନିଆଯାଇଥିବା ଦାରିଦ୍ର୍ୟ ନିରାକରଣର ପଦକ୍ଷେପ ଆଲୋଚନା କରିବା)

## ପାଠଗତ ପ୍ରଶ୍ନାବଳୀ ୧୯.୫

୧. ତୁମେମାନେ ଭାବୁଛକି ବେକାରୀ ଓ ଦାରିଦ୍ର୍ୟତା ପରସ୍ପର ସହିତ ଜଡ଼ିତ ?

୨. ସାରଣୀ ନମ୍ବର ୧୯.୩ରେ ଦିଆଯାଇଥିବା ଓଡ଼ିଶା ଓ ପଞ୍ଜାବର ତଥ୍ୟାବଳୀର ତୁଳନା କର ।





## ତୁମ ପାଇଁ କାର୍ଯ୍ୟ

ସାରଣୀ ନମ୍ବର ୧୯.୩ରେ ଦିଆଯାଇଥିବା ତଥ୍ୟାବଳୀରୁ ରାଜ୍ୟମାନଙ୍କର ମୋଟ ଜନସଂଖ୍ୟା ଗଣନା କର ? ନିଜର ଗାଣିତିକ ଜ୍ଞାନ ବ୍ୟବହାର କର ।

### ୫. କୃଷିର ପ୍ରାଧାନ୍ୟ ବା କୃଷି ଉପରେ ନିର୍ଭରତା

ଏକ ଅର୍ଥନୀତିରେ ଲୋକମାନେ ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ଯେପରିକି କୃଷି, ଶିଳ୍ପ ଓ ସେବାରେ ନିଜର ଜୀବିକା ନିର୍ବାହ କରିବା ପାଇଁ ନିର୍ଭର କରିଥାଆନ୍ତି । ଆମେ ଏହିସବୁ ବିଷୟରେ ବିସ୍ତୃତ ଭାବରେ ପଢ଼ିବା ଅଧ୍ୟାୟ-୨୦ରେ । ଭାରତ ପାରମ୍ପରିକ ଭାବେ ଏକା କୃଷି ପ୍ରଧାନ ଦେଶ । 1951 ଯୋଜନା ଆରମ୍ଭ ସମୟରୁ ଆମ ଦେଶର ମୋଟ ଜନସଂଖ୍ୟାର ଦୁଇ ତୃତୀୟାଂଶ ଅର୍ଥାତ୍ 70 ରୁ ଅଧିକ ପ୍ରତିଶତ ଲୋକ କୃଷି ବା କୃଷି ଜଡ଼ିତ ଅନ୍ୟାନ୍ୟ କାର୍ଯ୍ୟ ଉପରେ ନିର୍ଭରଶୀଳ ଥିଲେ । ଏବେ 2001 ମସିହାରେ ଏହା ହ୍ରାସ ପାଇ ଆମ ଜନସଂଖ୍ୟାର ପ୍ରାୟ 60% ଲୋକ ଜୀବନଧାରଣ ପାଇଁ କୃଷି ଉପରେ ନିର୍ଭରଶୀଳ ।

### ୬. ଉନ୍ନୟନ ପାଇଁ ଯୋଜନା

ଇଂରେଜ ଶାସନରୁ ମୁକ୍ତ ହେବା ପରେ ଭାରତରେ ଯୋଜନାବଦ୍ଧ ବିକାଶ ପ୍ରକ୍ରିୟା ଆରମ୍ଭ ହେଲା । ଏକ ଅନୁନ୍ନତ ଓ ସ୍ଥାଣୁ ଅର୍ଥନୀତିକୁ ଉନ୍ନତ ଓ ଆଧୁନିକ ଅର୍ଥବ୍ୟବସ୍ଥାରେ ପରିଣତ କରି ଦେଶରୁ ଦାରିଦ୍ର୍ୟ, କ୍ଷୁଧା ଓ ବେକାରୀ ଦୂର କରିବା ଥିଲା ଏହି ଆର୍ଥିକ ଯୋଜନାର ଲକ୍ଷ୍ୟ ଯାହାକି ଦୀର୍ଘ 60 ବର୍ଷ ହେଲା ଚାଲିଆସିଛି ।

1951 ମସିହା ଏପ୍ରିଲ ପହିଲା ଦିନ ପ୍ରଥମ ପଞ୍ଚବାର୍ଷିକ ଯୋଜନାର ଶୁଭାରମ୍ଭ ହେଲା । ଏହା 1951 ରୁ 1956 ପର୍ଯ୍ୟନ୍ତ ଚାଲିଲା । ସେହିପରି ଭାବରେ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା 1956 ରେ ଆରମ୍ଭ ହେଲା ଓ 1961 ରେ ଶେଷ ହେଲା । ଏହି ଯୋଜନାଗୁଡ଼ିକର ଅବଧି ସାରଣୀ-୪ରେ ଉପସ୍ଥାପିତ କରାହୋଇଛି ।

ସାରଣୀ - ୧୯.୪

| ଯୋଜନା | ଭାରତରେ ଯୋଜନାର ଅବଧି |
|---|---|
| ପ୍ରଥମ | 1951-1956 |
| ଦ୍ୱିତୀୟ | 1956-1961 |
| ତୃତୀୟ | 1961-1966 |
| ବାର୍ଷିକ | 1966-1967, 1967-68, 1968-69 |
| ଚତୁର୍ଥ | 1969-1974 |
| ପଞ୍ଚମ | 1974-1979 |
| ବାର୍ଷିକ | 1979-1980 |

| | |
|---|---|
| ଷଷ୍ଠ | 1980-1985 |
| ସପ୍ତମ | 1985-1990 |
| ବାର୍ଷିକ | 1990-91, 1991-92 |
| ଅଷ୍ଟମ | 1992-1997 |
| ନବମ | 1997-2002 |
| ଦଶମ | 2002-2007 |
| ଏକାଦଶ | 2007-2012 |

ଯୋଜନାର ଅର୍ଥ ତୁମେ କ'ଣ ବୁଝୁଛ ? ଏହା ଦ୍ରବ୍ୟ ଓ ସେବା ସମୂହକୁ ଭବିଷ୍ୟତରେ କର୍ତ୍ତୃତ୍ୱାଧୀନ କରିବା ପାଇଁ ଏକ କ୍ରିୟାବିଧ ମାତ୍ର । ଏହା ନିଜର ସ୍ଥିର କରିଥିବା ଆକାଂକ୍ଷିତ ଲକ୍ଷ୍ୟକୁ ପୂର୍ଣ୍ଣ କରିବା ପାଇଁ ସମସ୍ୟାର ସମାଧାନର ବ୍ୟବସ୍ଥାକୁ ମଧ୍ୟ ବୁଝାଏ ।

ତୁମେ ନିଜର ହିଁ କଥା ଉଦାହରଣ ସ୍ୱରୂପ ନିଅ । ଧରିନିଅ ଆସନ୍ତା ବର୍ଷ ତୁମେ ଦଶମ ଶ୍ରେଣୀରେ ପରୀକ୍ଷା ଦେବ । ଆଜିଠାରୁ ଧର ତୁମ ପାଖରେ ଦଶମାସର ସମୟ ଅଛି । ତୁମେ କେମିତି ନିଜକୁ ପ୍ରସ୍ତୁତ କରିବ । ନିଶ୍ଚିତ ଭାବରେ ତୁମେ ଏହି କାର୍ଯ୍ୟର ସମ୍ପାଦନା ପାଇଁ ତୁମେ ଏକ ନିର୍ଦ୍ଦିଷ୍ଟ ପ୍ରଣାଳୀ ଅନୁଯାୟୀ ନିଜକୁ ପ୍ରସ୍ତୁତ କରିବ ଯେପରିକି ତୁମେ ପରୀକ୍ଷାରେ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହେବ । ତୁମେ କିଭଳି ନିଜକୁ ପ୍ରସ୍ତୁତ କରିବ, ନିମ୍ନରେ ଲେଖା ହୋଇଛି ।

(କ) ବହି କିଣିବା ପାଇଁ ମୁଦ୍ରା ଯୋଗାଡ଼ କରିବ ।

(ଖ) ପାଠପଢ଼ା ପାଇଁ ଓ ଅନ୍ୟ କାମ ପାଇଁ ସମୟ ବାହାର କରିବ ।

(ଗ) ପ୍ରତିଟି ବିଷୟ ପାଇଁ ସମୟ ଦେବ ଯେପରିକି ଅର୍ଥଶାସ୍ତ୍ର, ଗଣିତ, ହିନ୍ଦି, ଇଂରାଜୀ ଓ ଅନ୍ୟାନ୍ୟ

(ଘ) ପ୍ରତି ମାସକୁ ଥରେ କିମ୍ବା ଦୁଇଥର ପ୍ରସ୍ତୁତ ହୋଇଥିବା ପାଠର ପରୀକ୍ଷା କରିବ ।

ସେହିଭଳି ଭାବରେ ଭାରତ ସରକାର ନିଜର ସାମାଜିକ ଓ ଅର୍ଥନୈତିକ ବିକାଶର ଧାର୍ଯ୍ୟ ଲକ୍ଷ ପୂରଣ ପାଇଁ ଯୋଜନାବଦ୍ଧ ବିକାଶ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ଯୋଜନା କରିବା ଅତି ଆବଶ୍ୟକ ଅଟେ କାରଣ କୌଣସି ସମସ୍ୟାର ସମାଧାନ ଦିନେ ବା ଦୁଇ ଦିନରେ ସମ୍ଭବ ନୁହେଁ । ଧରନ୍ତୁ ଆମେ ଦେଖିବା ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧିର ସମସ୍ୟା । ଏଥିପାଇଁ ଆମକୁ ଶ୍ରମିକ, ମେସିନ୍, କଞ୍ଚାମାଲ, ମୁଦ୍ରାର ସମ୍ବଳ ଦରକାର। ଏହିଗୁଡ଼ିକ ଭଲଭାବରେ ବ୍ୟବହୃତ ହେବା ଦରକାର ଯେମିତିକି ବେକାରୀର ସମସ୍ୟା, ସୁରକ୍ଷିତ ପାଣିର ବ୍ୟାବସ୍ଥା, ରାସ୍ତା ନିର୍ମାଣର କାର୍ଯ୍ୟକ୍ରମ ଭାରତର ବିଭିନ୍ନ ଗାଁ ଓ ସହର ପାଇଁ ତୁମେମାନେ ଏପରି ହଜାର ହଜାର ସମସ୍ୟା କହିପାରିବ ।

କୌଣସି ଏକ ନିର୍ଦ୍ଦିଷ୍ଟ ପଞ୍ଚବାର୍ଷିକ ଯୋଜନାର ପ୍ରାରମ୍ଭରୁ ଭାରତ କେତେକ ସମସ୍ୟାର ସମାଧାନ ପ୍ରତି ପଦକ୍ଷେପ ନେବା ବେଳେ ଯୋଜନାର ଅବଧି ଶେଷ ସମୟରେ ଏହି ସମସ୍ୟାର ନୀରିକ୍ଷଣ କରି ଏହାର ଉଚିତ୍ ପ୍ରତିକାର କରିଥାଏ ।



ଟିପ୍ପଣୀ

ପ୍ରଥମ ଯୋଜନାର ପ୍ରାରମ୍ଭରୁ ଭାରତର ମୌଳିକ ଉନ୍ନୟନ ଲକ୍ଷ୍ୟ ପ୍ରତ୍ୟେକ ଯୋଜନାରେ ହୋଇ ଆସୁଅଛି । ଯଦିଓ ପ୍ରତ୍ୟେକ ଯୋଜନାର ଲକ୍ଷ୍ୟ ସ୍ୱଳ୍ପକାଳୀନ ଦୃଷ୍ଟିକୋଣରୁ ତତ୍କାଳୀନ ଅର୍ଥନୀତିକ ସମସ୍ୟାକୁ ନେଇ ସ୍ଥିର କରାଯାଇଥାଏ । ଏହି ଲକ୍ଷ୍ୟଗୁଡ଼ିକ ଯୋଜନାର ମୌଳିକ ଲକ୍ଷ୍ୟଗୁଡ଼ିକର ଅଧୀନ ହୋଇଥାନ୍ତି । ସାରଣୀ ନମ୍ବର ୧୯.୪ରେ ଆମେ ବିଭିନ୍ନ ପଞ୍ଚବାର୍ଷିକ ଯୋଜନାର ଅବଧି ବିଷୟରେ ଜାଣିଲୁ । ବର୍ତ୍ତମାନସୁଦ୍ଧା ଏଗାରଟି ପଞ୍ଚବାର୍ଷିକ ଯୋଜନା କାର୍ଯ୍ୟକାରୀ ହୋଇସାରିଲାଣି । ଏଗାରତମ ପଞ୍ଚବାର୍ଷିକ ଯୋଜନା ୨୦୧୨ରେ ଶେଷ ହେବ । ତୁମେମାନେ ଦେଖିଲ ଯେ ୧୯୬୬–୧୯୬୯ ସମୟ ମଧ୍ୟରେ ପଞ୍ଚବାର୍ଷିକ ଯୋଜନା ନଥାଇ କେବଳ ବାର୍ଷିକ ଯୋଜନା ଥିଲା । ଏହାର କାରଣ ହେଉଛି ମୁଦ୍ରାସ୍ଫିତ ଓ ଆର୍ଥିକ ସମ୍ବଳର ଅଭାବରୁ ଏକ ପଞ୍ଚବାର୍ଷିକ ଯୋଜନା ପରିବର୍ତ୍ତେ ବାର୍ଷିକ ଯୋଜନା ପ୍ରସ୍ତୁତ ହୋଇଥିଲା । ଏହା କ'ଣ ପାଇଁ ହେଲା । ଏହାର କାରଣ ହେଉଛି ଭାରତକୁ ଯୁଦ୍ଧ କରିବାକୁ ପଡ଼ିଥିଲା ଚୀନ ଦେଶ ସହିତ ୧୯୬୨ ମସିହାରେ ଓ ପାକିସ୍ଥାନ ସହିତ ୧୯୬୫ ମସିହାରେ । ଯେଉଁଥି ପାଇଁ ଦେଶର ସମ୍ବଳକୁ ସ୍ଥାନାନ୍ତର କରି ଯୁଦ୍ଧରେ ଲଗେଇବାକୁ ପଡ଼ିଥିଲା । ଏପରିକି ଏହି ସମୟରେ ଭାରତକୁ ମରୁଡ଼ି ପରିସ୍ଥିତିର ସାମ୍ନା କରିବାକୁ ପଡ଼ିଥିଲା ଯେଉଁଥି ପାଇଁ କି ଆମ କୃଷି ଉତ୍ପାଦନ ହ୍ରାସ ପାଇଥିଲା । ତେଣୁ ଏକ ପଞ୍ଚବାର୍ଷିକ ଯୋଜନା ବଦଳରେ ବାର୍ଷିକ ଯୋଜନା କରାଯାଇଥିଲା । ପରିସ୍ଥିତି ସୁଧୁରିବା ପରେ ପୁଣିଥରେ ପଞ୍ଚବାର୍ଷିକ ଯୋଜନା କାର୍ଯ୍ୟକାରୀ କରାଗଲା ।

୧୯୭୯ ମସିହାରେ କେନ୍ଦ୍ରରେ ଶାସନ କରୁଥିବା ସରକାର ବଦଳିଲା । ସେଥିପାଇଁ ଷଷ୍ଠ ଯୋଜନା ୧୯୮୦ ମସିହାରେ ଆରମ୍ଭ ହେଲା ଏବଂ ୧୯୭୯–୮୦ର ଅବଧି ବାର୍ଷିକ ଯୋଜନାରେ ପରିବର୍ତ୍ତନ ହେଲା ।

## ଯୋଜନାରେ ବ୍ୟୟ

ପ୍ରତ୍ୟେକ ଓ ସମସ୍ତ ସରକାରୀ ଯୋଜନାରେ ସରକାର ତାଙ୍କର ସମ୍ବଳ ବିଭିନ୍ନ ଦିଗରେ ଯେପରିକି କୃଷି, ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ, ପରିବହନ, ଯୋଗାଯୋଗ ଗୋଷ୍ଠୀ ବିକାଶ ଏବଂ ସାମାଜିକ କ୍ଷେତ୍ରରେ ନିୟୋଜିତ କରିଥିଲେ । ଏହାର ଲକ୍ଷ ହେଉଛି ଜାତୀୟ ଲକ୍ଷ୍ୟ ହାସଲ ନିମିତ୍ତ ଅର୍ଥବ୍ୟବସ୍ଥାରେ ପୁଞ୍ଜି ନିବେଶର ଢ଼ାଞ୍ଚା ନିର୍ଦ୍ଧାରଣ କରିବା । ଉଦାହରଣ ଭାବେ କୃଷି କ୍ଷେତ୍ରରେ ନିବେଶ ହୋଇଥିବା ସମ୍ବଳ ଭୂମିର ଉତ୍ପାଦନ କ୍ଷମତା ବୃଦ୍ଧି ପାଇଁ, ଜଳସେଚନର ସୁବିଧା ପାଇଁ ବ୍ୟବହୃତ ହୋଇପାରିବ । ସେହିଭଳି ଭାବରେ ଶିକ୍ଷା କ୍ଷେତ୍ରରେ ନିବେଶ ହୋଇଥିବା ପୁଞ୍ଜି, ସ୍ଥାୟୀ ପକାଘର ନିର୍ମାଣ, କୃତୀ ଛାତ୍ରଛାତ୍ରୀମାନଙ୍କୁ ବୃତ୍ତି ପ୍ରଦାନ ନିମନ୍ତେ ବ୍ୟୟ କରାଯାଇପାରିବ । ଏହି ସମ୍ବଳକୁ ଆମେ ଟଙ୍କାରେ ପ୍ରକାଶ କରିପାରିବା ।

ପ୍ରଥମ ପଞ୍ଚବାର୍ଷିକ ଯୋଜନାରେ ମୋଟ ୨୦୭୦ କୋଟି ଟଙ୍କା ବିଭିନ୍ନ କ୍ଷେତ୍ରର ବ୍ୟୟ ନିମନ୍ତେ ନିବେଶ କରାଯାଇଥିଲା । ଏଗାରତମ ପଞ୍ଚବାର୍ଷିକ ଯୋଜନା ଯାହାକି ୨୦୧୨ ମସିହା ସୁଦ୍ଧା ଶେଷ ହେବ, ମୋଟ ୩୬,୪୪,୭୧୮ କୋଟି ଟଙ୍କା ବିଭିନ୍ନ କ୍ଷେତ୍ରରେ ନିବେଶର ପ୍ରସ୍ତାବ ଆସିଛି । ପୁଞ୍ଜି ନିବେଶର ପରିମାଣ ଥରକୁ ଥର ବୃଦ୍ଧି ପାଉଥିବାର କାରଣ ହେଲା ୧. ଜନସଂଖ୍ୟାର ବୃଦ୍ଧି, ୨. ଅଭାବର ବୃଦ୍ଧି, ୩. ବଜାରରେ ଦରଦାମର ବୃଦ୍ଧି ।

## ତୁମ ପାଇଁ କାର୍ଯ୍ୟ

ତୁମର ଏକ ଏକର ଜମି ଅଛି । ତୁମେ ଏହି ଜମିରେ ଗହମର ଉତ୍ପାଦନ ୫ କ୍ୱିଣ୍ଟାଲରୁ ବୃଦ୍ଧି କରି ୮ କ୍ୱିଣ୍ଟାଲ କରିବାକୁ ଚାହୁଁଛ । ତୁମେ ଏହି ଲକ୍ଷ ହାସଲ କରିବା ପାଇଁ କିପରି ଯୋଜନା ପ୍ରସ୍ତୁତ କରିବ ?

## ତୁମେ କ'ଣ ଶିଖିଲ ?

- ଭାରତର ଅର୍ଥନୀତିର ବିଷୟ ମୁଖ୍ୟତଃ ଦୁଇଟି ବିଭାଗରେ ବିଭକ୍ତ । ପ୍ରଥମତଃ ଇଂରେଜ ଶାସନ ସମୟରେ ଓ ଦ୍ୱିତୀୟତଃ ଭାରତର ସ୍ୱାଧୀନତା ପରେ ।
- ଇଂରେଜ ଶାସନ ସମୟରେ ଇଂରେଜମାନେ ଭାରତୀୟ ଅର୍ଥନୀତିକୁ ଶୋଷଣ କରି ବ୍ରିଟିଶ ଅର୍ଥନୀତିକୁ ସମୃଦ୍ଧ କଲେ । ଏହାଦ୍ୱାରା ଭାରତରେ ଭୟଙ୍କର ଦୁର୍ଭିକ୍ଷ ଦେଖାଦେଲା । ତେଣୁ ସ୍ୱାଧୀନତା ପରେ ଏହାର ପରିଣାମ ସ୍ୱରୂପ ଗଣ ଦାରିଦ୍ର୍ୟ ଦେଖାଗଲା ।
- ସ୍ୱାଧୀନତା ପରେ ମଧ୍ୟ ପରିସ୍ଥିତି ଲୋକମାନଙ୍କର ଇଚ୍ଛାକୁ ସୁହାଇଲା ଭଳି ବଦଳିନି । କାରଣ ଏବେ ମଧ୍ୟ ଭାରତରେ ସ୍ୱଳ୍ପ ମୁଣ୍ଡପିଛା ଆୟ, ଯାହାକି ମନ୍ଥର ଗତିରେ ବୃଦ୍ଧି ପାଉଛି ଦାରିଦ୍ର୍ୟ, ଜନସଂଖ୍ୟାର ଚାପ ଦେଖାଯାଉଛି ।
- କିନ୍ତୁ ପଞ୍ଚବାର୍ଷିକ ଯୋଜନା ଆରମ୍ଭ ପରେ ଭାରତ ନିଜର ଅର୍ଥନୀତିକ ବିକାଶର ଲକ୍ଷ୍ୟ ଧାର୍ଯ୍ୟ ସ୍ଥଳରେ ପହଞ୍ଚିପାରିବ ବୋଲି ଆଶା ଜନ୍ମିଛି ।

## ଅନ୍ତିମ ପ୍ରଶ୍ନାବଳୀ

୧. ଅସ୍ଥାୟୀ ବନ୍ଦୋବସ୍ତର ଅର୍ଥ ତୁମେ କ'ଣ ବୁଝୁଛ ?

୨. କେଉଁ କାରଣ ହେତୁ ଇଂରେଜମାନେ ଅର୍ଥକାରୀ ଫସଲ ଚାଷ କରିବା ପାଇଁ ଚାହିଁଥିଲେ ?

୩. ଭାରତରେ ଦୁର୍ଭିକ୍ଷ ପରିସ୍ଥିତିର ଦୁଇଟି କାରଣ ଲେଖ ।

୪. ଭାରତର ଜନସଂଖ୍ୟାର ସାକାରତ୍ମକ ଦିଗର ଏକ ଉଦାହରଣ ଦିଅ ?

୫. ମୁଣ୍ଡପିଛା ଆୟର ସଂଜ୍ଞାରୁ ତୁମେ ଏହାର ମନ୍ଥର ଗତିରେ ବୃଦ୍ଧିର ଏକ କାରଣ କୁହ ?

୬. ଇଂରେଜ ଶାସନ ସମୟରେ ହୋଇଥିବା ଦୁର୍ଭିକ୍ଷର ଏକ ସଂକ୍ଷିପ୍ତ ବିବରଣୀ ଦିଅ । ଏହିଭଳି ଦୁର୍ଭିକ୍ଷ ହେବାର କାରଣଗୁଡ଼ିକ କ'ଣ ?

୭. ମଧ୍ୟସ୍ଥିମାନେ କେଉଁମାନଙ୍କୁ କୁହାଯିବ ? ସେମାନଙ୍କର ଭୂମିକା ବର୍ଣ୍ଣନା କର ।

୮. କେଉଁ କାରଣ ପାଇଁ ଭାରତରେ ଯୋଜନା ଆରମ୍ଭ ହୋଇଥିଲା ?

୯. ତୁମ ମତରେ ଭାରତ କ'ଣ ଏକ ଦାରିଦ୍ର୍ୟ ଦେଶ ? ତୁମ ଉତ୍ତର ପାଇଁ କାରଣ ଦିଅ ।



## ପାଠଗତ ପ୍ରଶ୍ନାବଳୀର ଉତ୍ତର

**୧୯.୧** ୧. ଇଂରେଜମାନଙ୍କର ବୟନ ଶିଳ୍ପ ଉତ୍ପାଦନ ପାଇଁ ମେସିନ୍ ବ୍ୟବହାର କରୁଥିବାବେଳେ ଭାରତର ବୟନଶିଳ୍ପରେ ଶ୍ରମିକ ବ୍ୟବହାର ହେଉଥିଲା ।

**୧୯.୨** ୧. ଦୁର୍ଭିକ୍ଷ ଏକ ଏଭଳି ପରିସ୍ଥିତି ଯେଉଁଥିରେ ଖାଦ୍ୟଶସ୍ୟର ଅଭାବ ଯୋଗୁଁ ଅନାହାରରେ ଲୋକମାନେ ମୃତ୍ୟୁମୁଖରେ ପଡ଼ନ୍ତି ।

୨. ଇଂରେଜମାନେ ଖାଦ୍ୟଶସ୍ୟର ରପ୍ତାନୀ କରୁଥିଲେ ଆୟ ଉପାର୍ଜନ କରିବା ନିମନ୍ତେ ।

**୧୯.୩** ୧. ଚିରସ୍ଥାୟୀ ବନ୍ଦୋବସ୍ତରେ ଭୂ-ରାଜସ୍ୱର ଆଦାୟ ହାର ଚିରସ୍ଥାୟୀ ଭାବରେ ସ୍ଥିର କରାଯାଏ । ଅସ୍ଥାୟୀ ବନ୍ଦୋବସ୍ତରେ ଭୂ-ରାଜସ୍ୱର ସଂଶୋଧନ ପ୍ରତି ୨୫-୩୦ ବର୍ଷରେ କରାଯାଏ ।

୨. ଭାରତର ପୂର୍ବ ପଟେ ଇଂରେଜମାନେ ଭୂ-ରାଜସ୍ୱ ଆଦାୟର ଦାୟିତ୍ୱ ଜମିଦାରଙ୍କର ଉପରେ ନ୍ୟସ୍ତ କରିଥିଲେ । ଏମାନଙ୍କର କାମ ହେଲା ଲୋକମାନଙ୍କଠାରୁ ଖଜଣା ସଂଗ୍ରହ କରିବା । ସେମାନେ ସ୍ଥାନୀୟ ପ୍ରଶାସନର ଦାୟିତ୍ୱରେ ମଧ୍ୟ ଥିଲେ ।

**୧୯.୪** ୧. ୬.୦୬

୨. ମୁଣ୍ଡପିଛା ଆୟ $= \dfrac{\text{ଜାତୀୟ ଆୟ}}{\text{ଜନସଂଖ୍ୟା}}$

୩. ୩୩,୭୩୧ ଟଙ୍କା

**୧୯.୫** ୧. ହଁ

୨. ଓଡ଼ିଶାରେ ୪୬ ପ୍ରତିଶତ ଜନସଂଖ୍ୟା ଦରିଦ୍ର୍ୟ କିନ୍ତୁ ପଞ୍ଜାବରେ ମାତ୍ର ୮ ପ୍ରତିଶତ ଜନସଂଖ୍ୟା ଦରିଦ୍ର୍ୟ । ତେଣୁ ପଞ୍ଜାବ ଓଡ଼ିଶାଠାରୁ ଧନୀ ଅଟେ ।

# ୨୦
# ଭାରତୀୟ ଅର୍ଥନୀତିର ବୃତ୍ତିଗତ ଦିଗ

ଆମେ ବିଭିନ୍ନ ପ୍ରକାରର ଦ୍ରବ୍ୟ ଓ ସେବା ବ୍ୟବହାର କରିଥାଉ । ଏହା ଦୁଇଭାଗରେ ବିଭକ୍ତ କରାଯାଇପାରେ – ୧. ଖାଦ୍ୟ ଜିନିଷ, ୨. ଅଣ-ଖାଦ୍ୟ ଜିନିଷ । ଖାଦ୍ୟ ତିଆରି ପାଇଁ ଆମକୁ ଖାଦ୍ୟଶସ୍ୟ, ପନିପରିବା, ଫଳ, ଖାଇବା ତେଲ ଆଦି ଦରକାର ହୁଏ । ଏହି ଜିନିଷଗୁଡ଼ିକ ଗ୍ରାମାଞ୍ଚଳରେ ଚାଷୀମାନଙ୍କ ଦ୍ୱାରା ଉତ୍ପାଦନ କରାଯାଇଥାଏ। ସେହିଭଳି ବହୁ ପ୍ରକାର ଅଣଖାଦ୍ୟ ଜିନିଷ ଆମେ ବ୍ୟବହାର କରୁ ଯେପରିକି ଲୁଗା, ଜୋତା, ବାସନପତ୍ର, ମୋଟର ଗାଡ଼ି, କଲମ, ବହି ଓ ଅନ୍ୟାନ୍ୟ । ଏହିସବୁ ସହରାଞ୍ଚଳରେ ବିଭିନ୍ନ ଶିଳ୍ପାନୁଷ୍ଠାନରେ ଉତ୍ପାଦିତ ହୋଇଥାଏ । ଯେହେତୁ ଖାଦ୍ୟ ଜିନିଷ ଓ ଅଣଖାଦ୍ୟ ଜିନିଷର ଉତ୍ପାଦନ ବିଭିନ୍ନ ପ୍ରକାରର ପରିବେଶରେ ହେଉଛି । ତେଣୁ ଆମେ ଏହାକୁ ବିଭିନ୍ନ ଶ୍ରେଣୀରେ ବିଭକ୍ତ କରିଛୁ ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟ ପଢ଼ିସାରିବା ପରେ ତୁମେମାନେ ଜାଣିପାରିବ –

- ଭାରତୀୟ ଅର୍ଥନୀତିକ କାର୍ଯ୍ୟକଳାପର ତିନିଗୋଟି ମୁଖ୍ୟ ଶ୍ରେଣୀ ବିଭାଗ ଯାହାଦ୍ୱାରା ପରିବାର ଜୀବିକା ନିର୍ବାହ କରିଥାନ୍ତି ;
- ପ୍ରତ୍ୟେକ ଶ୍ରେଣୀ ବିଭାଗର ଭୂମିକା ଓ ଗୁରୁତ୍ୱ ବୁଝିପାରିବ ଏବଂ
- ତିନିଗୋଟି ଶ୍ରେଣୀ ବିଭାଗ ମଧ୍ୟରେ ଥିବା ସମ୍ବନ୍ଧ ବିଷୟରେ ଜାଣିପାରିବ ।

## ୨୦.୧ ଲୋକମାନଙ୍କର ବିଭିନ୍ନ କାର୍ଯ୍ୟକଳାପର ପ୍ରକାର ଭେଦ

ନିଜର ଜୀବିକାଧାରଣ କରିବାପାଇଁ ଲୋକମାନେ ନିଜର ବିଭିନ୍ନ କାର୍ଯ୍ୟକଳାପ, ଶିକ୍ଷା, କୌଶଳ ଓ ପାରିବାରିକ ପରମ୍ପରା ଅନୁଯାୟୀ କାର୍ଯ୍ୟ କରିଥାଆନ୍ତି । ସାଧାରଣତଃ ଆମେ ଅର୍ଥନୀତିକ କାର୍ଯ୍ୟକଳାପକୁ ତିନିଗୋଟି କ୍ଷେତ୍ରରେ ବିଭକ୍ତ କରିଥାଉ ଯଥା– ୧. ପ୍ରାଥମିକ କ୍ଷେତ୍ର, ୨. ମାଧ୍ୟମିକ କ୍ଷେତ୍ର ଏବଂ ୩. ସେବା କ୍ଷେତ୍ର ।

### ୨୦.୧.୧ ପ୍ରାଥମିକ କ୍ଷେତ୍ର

ଭାରତର ଗ୍ରାମାଞ୍ଚଳ ପରିବେଶର ଏକ ଦୃଶ୍ୟ ନିଅ । ଯେଉଁ ଲୋକମାନେ ଗାଁରେ ରହୁଛନ୍ତି ତାଙ୍କ ଜୀବିକା ନିର୍ବାହ କିଭଳି ଭାବରେ କରୁଛନ୍ତି ? ସେମାନଙ୍କ ଭିତରୁ କେତେକ ଶସ୍ୟ ଉତ୍ପାଦନ ନିମନ୍ତେ ଚାଷ କାମ କରିଥାନ୍ତି ।





ଏମାନଙ୍କୁ ଚାଷୀ ବା କୃଷି ଶ୍ରମିକ କୁହାଯାଏ ଓ ଏହି କାର୍ଯ୍ୟକଳାପକୁ କୃଷି କୁହାଯାଏ । ଚାଷ ହେଉଥିବା ବିଭିନ୍ନ ପ୍ରକାରର ଫସଲ ଅଛି – ଯଥା ଖାଦ୍ୟ ଜିନିଷ ଓ ଅଣଖାଦ୍ୟ ଜିନିଷ । ଖାଦ୍ୟଶସ୍ୟ, ଡ଼ାଲିଜାତୀୟ ପଦାର୍ଥ, ଫଳ, ପନିପରିବା ଓ ଅନ୍ୟାନ୍ୟ ଖାଦ୍ୟ ଜିନିଟ ଅନ୍ତର୍ଭୁକ୍ତ ଏବଂ ଅଣଖାଦ୍ୟ ଜିନିଷ କହିଲେ କାର୍ପାସ ଓ ଝୋଟ ଇତ୍ୟାଦିକୁ ବୁଝାଏ ।

ସେହିପରି ଲୋକମାନେ ମଧ୍ୟ ଜଙ୍ଗଲରୁ ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଏବଂ ସେଗୁଡ଼ିକୁ ବଜାରରେ ବିକ୍ରି କରି ଜୀବିକାନିର୍ବାହ କରନ୍ତି । ଏହି ବୃତ୍ତିକୁ ବନରକ୍ଷା ବିଦ୍ୟା କୁହାଯାଏ । ଜଙ୍ଗଲରୁ ଯେଉଁ ଉତ୍ପାଦ ସଂଗ୍ରହ କରାଯାଏ ସେଗୁଡ଼ିକ ହେଲା କାଠ, ଜାଳେଣି, ଔଷଧ ଦ୍ରବ୍ୟ ଇତ୍ୟାଦି । ବହୁତ ଲୋକ ଖଣି କ୍ଷେତ୍ରରେ ମଧ୍ୟ କାମ କରିଥାନ୍ତି । ସେମାନେ ଖଣିଜ ପଦାର୍ଥ ଉତ୍ତୋଳନ କରିଥାନ୍ତି । ସେହିପରି ଅନେକ ଲୋକ ଅଛନ୍ତି ଯେଉଁମାନେ ପଶୁସମ୍ପଦ ଯଥା – ପଶୁପାଳନ, କୁକୁଡ଼ା ଏବଂ ଗୋପାଳନ ଭଳି କ୍ଷେତ୍ରରେ କାର୍ଯ୍ୟକରି ନିଜର ଜୀବିକାନିର୍ବାହ କରିଥାଆନ୍ତି । ଶେଷରେ ମାଛ ଚାଷ ମଧ୍ୟ ଅନ୍ୟ ଏକ କାର୍ଯ୍ୟକ୍ଷେତ୍ର ଯେଉଁଥିରେ ଲୋକମାନେ ପୋଖରୀ, ନଦୀ ବା ସମୁଦ୍ରରୁ ମାଛ ଧରି ସେଗୁଡ଼ିକୁ ବଜାରରେ ବିକ୍ରୀ କରିଥାଆନ୍ତି । ଏହିସବୁ କାର୍ଯ୍ୟକଳାପ ଯଥା କୃଷି, ଜଙ୍ଗଲ, ଖଣି ଖନନ, ପଶୁପାଳନ, ମାଛଚାଷ ହେଉଛି ପରସ୍ପରର ପରିପୂରକ । ଏଗୁଡ଼ିକୁ ଆମେ ପ୍ରାଥମିକ ଉତ୍ପାଦନ କ୍ଷେତ୍ର ବୋଲି ବିବେଚନା କରୁ ଏବଂ ସେଥିପାଇଁ ସେଗୁଡ଼ିକୁ ପ୍ରାଥମିକ କ୍ଷେତ୍ରରେ ଅନ୍ତର୍ଭୁକ୍ତ କରିଥାଉ ।

ତେଣୁ ଆମ ଅର୍ଥନୀତିର ପ୍ରାଥମିକ କ୍ଷେତ୍ରର ନିମ୍ନଲିଖିତ କାର୍ଯ୍ୟକଳାପଗୁଡ଼ିକ ଅନ୍ତର୍ଭୁକ୍ତ ।

୧. କୃଷି ଓ ଆନୁଷଙ୍ଗିକ କାର୍ଯ୍ୟକଳାପ

୨. ମତ୍ସ୍ୟଚାଷ

୩. ଜଙ୍ଗଲ

୪. ଖଣିଖନନ

ବହୁ ପୁରାତନ ଯୁଗରେ ଭାରତର ଗ୍ରାମଗୁଡ଼ିକର ସ୍ଥିତି ରହିଅଛି ଏବଂ କୃଷି ଓ ଆନୁଷଙ୍ଗିକ କାର୍ଯ୍ୟକଳାପ ଲୋକମାନଙ୍କର ପାରମ୍ପରିକ କାର୍ଯ୍ୟଧାରା ଭାବେ ରହିଆସିଛି । ଏହି ସ୍ୱାଭାବିକ, କାରଣ ଖାଦ୍ୟ ଯାହାକି ଜୀବନର ମୌଳିକ ଆବଶ୍ୟକତା, କୃଷିରୁ ହିଁ ମିଳିଥାଏ । କିନ୍ତୁ କାଳକ୍ରମେ ମାନବର ବସତି ସ୍ଥାପନରେ ପରିବର୍ତ୍ତନ ହୋଇଅଛି ଏବଂ ତାହା ପୂର୍ବଭଳି ଗ୍ରାମ ମଧ୍ୟରେ ସୀମିତ ହୋଇ ରହିନାହିଁ । ବିକାଶର ଧାରାରେ ଛୋଟବଡ଼ ବହୁ ସହର ଗଢ଼ି ଉଠିଛି । ଏଗୁଡ଼ିକୁ ସହରାଞ୍ଚଳ କୁହାଯାଏ । ଜୟପୁର, ଅହମଦାବାଦ, ପୁନେ, ଭୁବନେଶ୍ୱର ଆଦି ସହରର ଉଦାହରଣ । ଦିଲ୍ଲୀ, ଚେନ୍ନାଇ, କୋଲ୍‌କାତା, ମୁମ୍ବାଇ ଆଦି ବଡ଼ ସହରଗୁଡ଼ିକୁ ମେଟ୍ରୋ ବା ମହାନଗରୀ ବୋଲି କୁହାଯାଏ । ଏହିସବୁ ସହରାଞ୍ଚଳଗୁଡ଼ିକ ଅଣବୃତ୍ତିଭିତ୍ତିକ କାର୍ଯ୍ୟକଳାପ ପାଇଁ ଜଣାଶୁଣା । ଆମେ ଅଣକୃଷିଭିତ୍ତିକ କାର୍ଯ୍ୟକଳାପଗୁଡ଼ିକୁ ଦୁଇ ଭାଗରେ ବିଭକ୍ତ କରିପାରିବା ।

୧. ମାଧ୍ୟମିକ କ୍ଷେତ୍ର

୨. ସେବା କ୍ଷେତ୍ର

## ୨୦.୧.୨ ମାଧ୍ୟମିକ କ୍ଷେତ୍ର

ନିମ୍ନଲିଖିତ କାର୍ଯ୍ୟକଳାପଗୁଡ଼ିକ ଏହି କ୍ଷେତ୍ରର ଅନ୍ତର୍ଭୁକ୍ତ ।

(କ) ଶିଳ୍ପୋତ୍ପାଦନ

(ଖ) ନିର୍ମାଣ

(ଗ) ଗ୍ୟାସ, ବିଦ୍ୟୁତ ଓ ଜଳଯୋଗାଣ

### ଶିଳ୍ପୋତ୍ପାଦନ

ଏହା କାରଖାନା ଓ ବିଭିନ୍ନ ଶିଳ୍ପସଂସ୍ଥାରେ କଞ୍ଚାମାଲକୁ ଉପଯୋଗ କରି ବିଭିନ୍ନ ଦ୍ରବ୍ୟ ଉତ୍ପାଦନ କରିବାକୁ ବୁଝାଇଥାଏ । ଆକାର ଏବଂ ଅର୍ଥଲଗାଣକୁ ବିଚାରକୁ ନେଲେ ଶିଳ୍ପଗୁଡ଼ିକ ଦୁଇଭାଗରେ ବିଭକ୍ତ କରାଯାଇପାରେ, ଯଥା – କ୍ଷୁଦ୍ରଶିଳ୍ପ ଏବଂ ବୃହତ୍ ଶିଳ୍ପ । ଜୋତା କାରଖାନା, ଲୁଗା କାରଖାନା, କାଚ କାରଖାନା, ଛାପାଖାନା, ଗୃହସରଞ୍ଜାମ ଆଦି କ୍ଷୁଦ୍ରଶିଳ୍ପର ଉଦାହରଣ । ଲୌହସାମଗ୍ରୀ ଉତ୍ପାଦନ, ଯାନବାହନ ତିଆରି ଆଲୁମିନିୟମ ଆଦି ବୃହତ୍ ଶିଳ୍ପର ଉଦାହରଣ । ଶିଳ୍ପୋତ୍ପାଦନ କ୍ଷେତ୍ରରେ କୁଶଳୀ ଲୋକମାନେ ହିଁ କାର୍ଯ୍ୟ କରିଥାଆନ୍ତି ।

### ନିର୍ମାଣ

ଏହା ବାସଗୃହ ଓ ଅଣବାସଗୃହ ଘର ତିଆରି, ରାସ୍ତା, ପୋଲ, ବନ୍ଧ, ପାର୍କ, ବିମାନବନ୍ଦର, ବସରହଣି ସ୍ଥାନ ଆଦି ନିର୍ମାଣକୁ ବୁଝାଇଥାଏ । ଏହି କାର୍ଯ୍ୟକଳାପଗୁଡ଼ିକ ସାଧାରଣତଃ ସହରାଞ୍ଚଳରେ ଦେଖିବାକୁ ମିଳିଥାଏ ।

ଏହାଛଡ଼ା ମାଧ୍ୟମିକ କ୍ଷେତ୍ରରେ ଅନ୍ୟ ଏକ କାର୍ଯ୍ୟଧାରା ହେଉଛି ଗ୍ୟାସ୍, ବିଦ୍ୟୁତ୍ ଓ ଜଳଯୋଗାଣ । ଏଗୁଡ଼ିକ ଅତ୍ୟାବଶ୍ୟକ ସେବାର ଅନ୍ତର୍ଭୁକ୍ତ ।

### ତୁମ ପାଇଁ କାର୍ଯ୍ୟ

୧. ନିକଟରେ ଥିବା ଏକ କୁକୁଡ଼ା ଫାର୍ମକୁ ଯାଅ ଏବଂ ଏହା ବିକ୍ରି କରୁଥିବା ଜିନିଷଗୁଡ଼ିକୁ ଲିପିବଦ୍ଧ କର ।

୨. ଯେ କୌଣସି ପାଞ୍ଚଟି ଜଙ୍ଗଲଜାତ ଦ୍ରବ୍ୟର ତାଲିକା କର ଏବଂ ସେଗୁଡ଼ିକର ମୂଲ୍ୟ ଲିପିବଦ୍ଧ କର ।

## ୨୦.୧.୩ ସେବା କ୍ଷେତ୍ର

ଲୋକମାନେ କାର୍ଯ୍ୟ କରୁଥିବା ଏହି ସେବାକ୍ଷେତ୍ରଟି ହେଉଛି ଅନ୍ୟକ୍ଷେତ୍ରଗୁଡ଼ିକଠାରୁ ଟିକେ ଅଲଗା । ଏହି କ୍ଷେତ୍ରରେ ନିମ୍ନଲିଖିତ ସେବାଗୁଡ଼ିକ ଯୋଗାଇ ଦିଆଯାଇଥାଏ ।

(କ) ବାଣିଜ୍ୟ, ହୋଟେଲ ଏବଂ ଭୋଜନାଳୟ

(ଖ) ପରିବହନ, ଯୋଗାଯୋଗ ଏବଂ ଶୀତଳ ଭଣ୍ଡାର

(ଗ) ବ୍ୟାଙ୍କିଙ୍ଗ୍ ଏବଂ ବୀମା ଭଳି ଆର୍ଥିକ ସେବା

(ଘ) ଗୃହତିଆରି

(ଙ) ସାଧାରଣ ପ୍ରଶାସନ

(ଙ) ଅନ୍ୟାନ୍ୟ ସେବା

ନିମ୍ନରେ ଥିବା ସାରଣୀ ୨୦.୧ରେ ୨୦୦୯–୧୦ର ଆର୍ଥିକ ବର୍ଷରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକସଂଖ୍ୟା ପ୍ରତିଶତ ହିସାବରେ ଦର୍ଶାଯାଇଅଛି ।

ସାରଣୀ ୨୦.୧ : ୨୦୦୯–୧୦ ଆର୍ଥିକ ବର୍ଷରେ ଭାରତର କାର୍ଯ୍ୟ କରୁଥିବା ଜନସଂଖ୍ୟାର କାର୍ଯ୍ୟଧାରାର ବଣ୍ଟନ (ପ୍ରତିଶତରେ)

| | | |
|---|---|---|
| ୧. | କୃଷି | ୫୦.୧୯ |
| ୨. | ଖଣି ଖନନ | ୦.୬୧ |
| ୩. | ଶିଳ୍ପୋତ୍ପାଦନ | ୧୩.୩୩ |
| ୪. | ବିଦ୍ୟୁତ, ଜଳଯୋଗାଣ ଇତ୍ୟାଦି | ୦.୩୩ |
| ୫. | ନିର୍ମାଣ | ୬.୧୦ |
| ୬. | ବାଣିଜ୍ୟ, ହୋଟେଲ ଇତ୍ୟାଦି | ୧୩.୧୮ |
| ୭. | ପରିବହନ, ଶୀତଳ ଭଣ୍ଡାର ଇତ୍ୟାଦି | ୫.୦୬ |
| ୮. | ଆର୍ଥିକ ସେବା ଓ ବ୍ୟବସାୟୀକ ସେବା ଇତ୍ୟାଦି | ୨.୨୨ |
| ୯. | ଅନ୍ୟାନ୍ୟ ସେବା | ୮.୯୭ |

***ସୂତ୍ର : ଅର୍ଥନୀତିକ ସର୍ଭେ***

## ପାଠଗତ ପ୍ରଶ୍ନାବଳୀ ୨୦.୧

୧. ନିମ୍ନଲିଖିତ ମଧ୍ୟରୁ କେଉଁଟି ପ୍ରାଥମିକ କ୍ଷେତ୍ର ଅନ୍ତର୍ଭୁକ୍ତ ?

(କ) ମାଛଚାଷ (ଖ) ବିଦ୍ୟୁତ ଯୋଗାଣ (ଗ) ବ୍ୟାଙ୍କ ବ୍ୟବସ୍ଥା

୨. ଭାରତରେ କାର୍ଯ୍ୟ କରୁଥିବା ଜନସଂଖ୍ୟା

କେଉଁଟି ସବୁଠାରୁ ବଡ଼ କ୍ଷେତ୍ର ?

## ତୁମ ପାଇଁ କାର୍ଯ୍ୟ

ତୁମ ପାଖରେ ଥିବା ତିନିଟି ପରିବାର ପାଖକୁ ଯାଇ ସେମାନଙ୍କ ଜୀବିକା ବିଷୟରେ ପଚାରି ବୁଝ । ତା'ପରେ ସେହି ଜୀବିକାଗୁଡ଼ିକୁ ବିଭିନ୍ନ କ୍ଷେତ୍ରରେ ବିଭକ୍ତ କର ।

ଯେହେତୁ ଲୋକମାନେ ଉପରଲିଖିତ କ୍ଷେତ୍ରଗୁଡ଼ିକ ଅନ୍ତର୍ଭୁକ୍ତ ବିଭିନ୍ନ କାର୍ଯ୍ୟ କରିଥାଆନ୍ତି ଏବଂ ସେସବୁ କାର୍ଯ୍ୟରୁ ନିଜ ନିଜର ଆୟ କରିଥାଆନ୍ତି, ଆମେ ଜାତୀୟ ଉତ୍ପାଦରେ ସେସବୁ କ୍ଷେତ୍ରର ଆନୁପାତିକ ଯୋଗଦାନ ଏବଂ ଅର୍ଥନୀତିରେ ସେଗୁଡ଼ିକର ଭୂମିକା ଏବଂ ବିଶେଷତ୍ୱର ବିଶ୍ଳେଷଣ କରିପାରିବା ।

## ୨୦.୨ ପ୍ରାଥମିକ କ୍ଷେତ୍ରର ଭୂମିକା ଓ ବିଶେଷତ୍ୱ

ପ୍ରାଥମିକ କ୍ଷେତ୍ରରେ କୃଷି ହେଉଛି ପ୍ରମୁଖ ଜୀବିକା ଏବଂ ଜାତୀୟ ଆୟରେ ଏହାର ସବୁଠାରୁ ଅଧିକ ଅଂଶ । ତେଣୁ ଚାଲ, ଭାରତୀୟ ଅର୍ଥନୀତିରେ ଏହାର ଭୂମିକା ଓ ବିଶେଷତ୍ୱ ଯେପରିକି ଜାତୀୟ ଆୟରେ ଏହାର ଅଂଶ, ନିଯୁକ୍ତି ଏହାର ଯୋଗଦାନ, ଖାଦ୍ୟପଦାର୍ଥ ଏବଂ କଞ୍ଚାମାଲ ଯୋଗାଇବାରେ ଏହାର ଗୁରୁତ୍ୱ ଆଦି ଉପରେ ଆଲୋଚନା କରିବା । ସେଗୁଡ଼ିକ ଗୋଟେ ପରେ ଗୋଟେ ଆଲୋଚନା କରିବା ।

### ୧. ଜାତୀୟ ଆୟକୁ ଅବଦାନ

ସ୍ୱାଧୀନତା ସମୟରେ ଜାତୀୟ ଆୟକୁ କୃଷିର ଅବଦାନ ୫୦ ପ୍ରତିଶତରୁ ଅଧିକ ଥିଲା । ବର୍ତ୍ତମାନ, ଏହାର ଅବଦାନ ହ୍ରାସ ପାଇଛି । ୨୦୦୯–୧୦ ମସିହାରେ, ଜାତୀୟ ଆୟକୁ କୃଷିର ଅବଦାନ ପ୍ରାୟ ୧୫ ପ୍ରତିଶତ ଥିଲା ।

### ୨. ଜନସଂଖ୍ୟାର ସବୁଠାରୁ ବଡ଼ ଅଂଶକୁ ନିଯୁକ୍ତି ପ୍ରଦାନ

କୃଷି ହେଉଛି ଭାରତୀୟ ଅର୍ଥନୀତିର ମେରୁଦଣ୍ଡ । ଆମ ଜନସଂଖ୍ୟାର ଏକ ବଡ଼ ଅଂଶ ପାଇଁ କୃଷି ହିଁ ପ୍ରଧାନ ଜୀବିକା । ସ୍ୱାଧୀନତା ସମୟରେ ମୋଟ୍ ଜନସଂଖ୍ୟାର ପ୍ରାୟ ୭୦ ପ୍ରତିଶତ କୃଷି ଓ ଆନୁସଙ୍ଗିକ କାର୍ଯ୍ୟକଳାପରୁ ସେମାନଙ୍କର ଜୀବିକା ନିର୍ବାହ କରୁଥିଲେ । ଶିଳ୍ପୋତ୍ପାଦନ ଏବଂ ସେବା କ୍ଷେତ୍ରର ବିକାଶ ଫଳରେ କୃଷି ଉପରେ ନିର୍ଭରତା କିଛିଟା ହ୍ରାସ ପାଇଛି । ୨୦୦୯–୧୦ ମସିହାରେ ଭାରତର ମୋଟ୍ ଜନସଂଖ୍ୟାର ପ୍ରାୟ ୦.୫୦ ପ୍ରତିଶତ କୃଷି କ୍ଷେତ୍ରରେ ନିୟୋଜିତ ଥିଲେ ।

### ୩. କୋଟି କୋଟି ଲୋକଙ୍କୁ ଖାଦ୍ୟ ଯୋଗାଣ

ଜୀବନଧାରଣ ପାଇଁ ଖାଦ୍ୟ ହେଉଛି ମୌଳିକ ଆବଶ୍ୟକତା । କୃଷି ବିନା ଖାଦ୍ୟ ଉତ୍ପାଦନ ଓ ତାହାର ଯୋଗାଣ ସମ୍ଭବ ନୁହେଁ । ଭାରତର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ପାଇଁ ଆମର ଖାଦ୍ୟର ଆବଶ୍ୟକତା କେବଳ ଅଧିକ ନୁହେଁ ବରଂ ଏହା ପ୍ରତିବର୍ଷ ବଢ଼ି ବଢ଼ି ଚାଲିଛି । ୨୦୦୮–୦୯ ମସିହାରେ ଭାରତର ମୋଟ୍ ଖାଦ୍ୟଶସ୍ୟ ଉତ୍ପାଦନ ପ୍ରାୟ ୨୩୪ ଲକ୍ଷ ଟନ୍ ଥିଲା । ଏଥିରେ ଧାନ, ଗହମ, ଡ଼ାଲିଜାତୀୟ ଖାଦ୍ୟ ଆଦି ଅନ୍ତର୍ଭୁକ୍ତ ।

### ୪. ଶିଳ୍ପ କ୍ଷେତ୍ରକୁ କଞ୍ଚାମାଲ ଯୋଗାଣ

ଚିନି ଶିଳ୍ପ, ଝୋଟ ଶିଳ୍ପ, ବୟନ ଶିଳ୍ପ, ବନସ୍ପତି ଆଦି ସେମାନଙ୍କର କଞ୍ଚାମାଲ ସବୁ କୃଷି କ୍ଷେତ୍ରରୁ ପାଇଥାଆନ୍ତି । ତୁମେ ଜାଣ କି, କାଗଜ କିପରି ତିଆରି ହୁଏ ? ଏହା ଏକ ନିର୍ଦ୍ଦିଷ୍ଟ ପ୍ରକାର ଘାସ ଏବଂ ବାଉଁଶ ଦରକାର କରିଥାଏ । କୃଷି ବିନା କାଗଜ ଉତ୍ପାଦନ ସମ୍ଭବ ନୁହେଁ । ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପକୁ ଲକ୍ଷ୍ୟ କର, ଯାହାକି ବିଭିନ୍ନ ପ୍ରକାରର ଖାଦ୍ୟ ଯଥା ଆଚାର, ଜାମ୍, ଫଳରସ, ବିସ୍କୁଟ୍, ପାଉଁରୁଟି, ଅର୍ଦ୍ଧରନ୍ଧା ଖାଦ୍ୟ ଆଦି ପ୍ୟାକେଟ୍‌ରେ ଯୋଗାଣ କରିଥାଏ । କେବଳ କୃଷି ଯୋଗୁଁ ହିଁ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଚାଲୁଅଛି ।

## ପାଠଗତ ପ୍ରଶ୍ନାବଳୀ ୨୦.୨

୧. ୨୦୦୮–୨୦୦୯ ମସିହାରେ ଭାରତର ଖାଦ୍ୟଶସ୍ୟ ଉତ୍ପାଦନ କେତେ ଥିଲା ?

୨. ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପର ଉତ୍ପାଦଗୁଡ଼ିକ ମଧ୍ୟରୁ ତିନୋଟି ଉଦାହରଣ ଦିଅ ।

୩. ସ୍ୱାଧିନତା ବେଳେ ଜାତୀୟ ଆୟ ପ୍ରତି କୃଷିର ଅବଦାନ କେତେ ଥିଲା ?

୪. ୨୦୦୯–୧୦ ମସିହାରେ ଭାରତର ଜାତୀୟ ଆୟକୁ କୃଷିର ଅବଦାନ କେତେ ଥିଲା ?

## ୨୦.୩ ମାଧ୍ୟମିକ କ୍ଷେତ୍ରର ଭୂମିକା ଓ ବିଶେଷତ୍ୱ

ମାଧ୍ୟମିକ କ୍ଷେତ୍ରର ଶିଳ୍ପୋଦ୍ୟୋଗ ଏକ ବଡ଼ ଅଂଶ । ଏହି ଶିଳ୍ପକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ ଯଥା ଲଘୁ ଉଦ୍ୟୋଗ ବା କ୍ଷୁଦ୍ର ଶିଳ୍ପ ଓ ଭାରୀ ଉଦ୍ୟୋଗ ।

ଲଘୁ ଉଦ୍ୟୋଗ କହିଲେ କ'ଣ ବୁଝାଯାଏ ? ଯେଉଁ ଉଦ୍ୟୋଗ କାରଖାନା ଓ ଯନ୍ତ୍ରପାତି କିଣାକିଣି ପାଇଁ ଅନ୍ୟୁନ ୨୫ ଲକ୍ଷ ଖର୍ଚ୍ଚ କରି ବସାଯାଇପାରେ ତାହାକୁ ଲଘୁ ଉଦ୍ୟୋଗ କୁହାଯାଏ । ଏହି ଶିଳ୍ପଗୁଡ଼ିକ ପ୍ରାୟତଃ ଅଧିକ ଶ୍ରମ ଭିତ୍ତିକ । ଅନ୍ୟ ପକ୍ଷରେ ଭାରିଶିଳ୍ପଗୁଡ଼ିକରେ କାରଖାନା ଓ ଯନ୍ତ୍ରପାତି କିଣାରେ ବହୁ ଅର୍ଥ ନିବେଶ କରିବାକୁ ପଡ଼ିଥାଏ । ଏହା ମଧ ବଡ଼ ଅଞ୍ଚଳ ପର୍ଯ୍ୟନ୍ତ ବ୍ୟାପ୍ତଥାଏ ଏବଂ ବହୁତ ଲୋକଙ୍କୁ ନିଯୁକ୍ତି ସୁଯୋଗ ଦେଇଥାଏ । ଏହା ପୁଞ୍ଜି ଭିତ୍ତିକ ଉତ୍ପାଦନ ଅଟେ । ଉଦାହରଣ ସ୍ୱରୂପ ଇସ୍ପାତ କାରଖାନାକୁ ନିଆଯାଉ । ଟାଟା ଲୁହା ଓ ଇସ୍ପାତ କାରଖାନା ଦେଶର ସବୁଠାରୁ ପୁରୁଣା । ଏହା ଜାମ୍‌ସେଦ୍‌ପୁରରେ ୩୭.୩୧ ବର୍ଗ କି.ମି. ଅଞ୍ଚଳ ମଧ୍ୟରେ ପରିବ୍ୟାପ୍ତ ।

ସ୍ୱାଧିନତା ପରଠାରୁ ଉଭୟ ଲଘୁ ଉଦ୍ୟୋଗ ଓ ଭାରି ଉଦ୍ୟୋଗର ବିଶେଷତ୍ୱ ବୃଦ୍ଧି ପାଇଛି । ଚାଲ, ସେସବୁକୁ ଗୋଟିକ ପରେ ଗୋଟିଏ ଆଲୋଚନା କରିବା ।

### ୧. ଜାତୀୟ ଆୟର ଅବଦାନ

ସ୍ୱାଧିନତା ପରଠାରୁ ଶିଳ୍ପ କ୍ଷେତ୍ରର ଅବଦାନ ଧୀରେ ଧୀରେ ବଢ଼ି ବଢ଼ି ଚାଲିଛି । ୨୦୦୯–୧୦ ମସିହାରେ ଭାରତର ଘରୋଇ ଉତ୍ପାଦକୁ ଏହି କ୍ଷେତ୍ରର ଅବଦାନ ୨୮ ପ୍ରତିଶତ ଥିଲା । ସ୍ୱାଧୀନତା ସମୟରେ ଏହା ମାତ୍ର ୧୪ ପ୍ରତିଶତ ଥିଲା । ଶିଳ୍ପୋଦ୍ୟୋଗଗୁଡ଼ିକର ସଂଖ୍ୟା ଏବଂ ଶିଳ୍ପ ଉତ୍ପାଦନର ବୃଦ୍ଧି ଘଟିବା ଫଳରେ ଏହା ସମ୍ଭବ ହୋଇପାରିଛି ।

### ୨. ନିଯୁକ୍ତି ସୃଷ୍ଟି

ଭାରତର ଜନସଂଖ୍ୟାକୁ ନିଯୁକ୍ତି ସୁଯୋଗ ଯୋଗାଇବାରେ ଶିଳ୍ପକ୍ଷେତ୍ର ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ପ୍ରାୟ ୩ କୋଟି ୩୦ ଲକ୍ଷ ଲୋକ ଉଭୟ କ୍ଷୁଦ୍ରଶିଳ୍ପ ଓ ଭାରିଶିଳ୍ପରେ କାର୍ଯ୍ୟ କରୁଛନ୍ତି । ଏଥିମଧ୍ୟରୁ କ୍ଷୁଦ୍ରଶିଳ୍ପ କେବଳ ୩ କୋଟି ୧୨ ଲକ୍ଷ ଲୋକଙ୍କୁ ନଯୁକ୍ତି ଦେଇଛି ।

### ୩. ଭିତ୍ତିଭୂମିର ପ୍ରତିଷ୍ଠା

ଆଜିକାଲି ରାଜପଥ, ରେଳପଥ ଓ ଆକାଶପଥ ଯୋଗୁଁ ଦୂର ସ୍ଥାନକୁ ଗମନାଗମନ ସହଜସାଧ୍ୟ ହୋଇପାରୁଛି । ହୀରାକୁଦ ଓ ଭାକ୍ରାନଙ୍ଗଲ ଭଳି ବଡ଼ ବଡ଼ ନଦୀବନ୍ଧ ଯୋଜନାଗୁଡ଼ିକ ବିଷୟରେ ଭାବି ଦେଖ, ଯାହାକି ବିଦ୍ୟୁତ ଯୋଗାଣ ଓ ଜଳସେଚନରେ ସାହାଯ୍ୟ କରୁଛନ୍ତି । ବଡ଼ ବଡ଼ ଅଟ୍ଟାଳିକାଗୁଡ଼ିକୁ ଦେଖ, ଯେଉଁଗୁଡ଼ିକ ମଧ୍ୟରେ କେତେକ କାର୍ଯ୍ୟାଳୟ, ଦୋକାନ ଘର, ବାଣିଜ୍ୟ କେନ୍ଦ୍ର, କାରଖାନା, ଅନୁଷ୍ଠାନ କାମ କରୁଛି ଏବଂ ଯାହା ଲୋକମାନଙ୍କୁ ବାସସ୍ଥାନ ଯୋଗାଇଥାଏ । ରେଡ଼ିଓ ଓ ଟେଲିଫୋନ୍ ମିନାରଗୁଡ଼ିକୁ ଦେଖ ଯାହା ଯୋଗାଯୋଗକୁ ସୁଗମ କରିପାରିଛି। ଏହିସବୁ ଭିତ୍ତିଭୂମିର ଅଂଶବିଶେଷ । ତୁମେ ଚିନ୍ତା କରିପାର, ଏହିସବୁ ସୁବିଧାର ଅଭାବରେ ବଞ୍ଚିବା କେତେ ଦୁର୍ବିସହ ହେବ । ଭିତ୍ତିଭୂମିର ପ୍ରତିଷ୍ଠା ଦିଗରେ ଭାରିଶିଳ୍ପର ଯଥେଷ୍ଟ ଅବଦାନ ରହିଛି । ଭିତ୍ତିଭୂମିର ନିର୍ମାଣ ପାଇଁ ଦରକାର ହେଉଥିବା ଯନ୍ତ୍ରପାତି ଏବଂ ଉପକରଣ ସବୁ ଏହି ଭାରିଶିଳ୍ପଗୁଡ଼ିକରେ ଉତ୍ପାଦିତ ହୋଇଥାଏ ।

### ୪. ଖାଉଟି ଦ୍ରବ୍ୟର ଯୋଗାଣ

ଆମେ ବ୍ୟବହାର କରୁଥିବା ଲୁଗାପଟା, କଲମ, ସାବୁନ, ଜୋତା, ସାଇକେଲ, କାର ଇତ୍ୟାଦି ଶିଳ୍ପୋଦ୍ୟୋଗ ଦ୍ୱାରା ଉତ୍ପାଦିତ ହୋଇଥାଏ । ଆଜିକାଲି ବଜାରରେ ତୁମ ପସନ୍ଦର ବହୁ ଜିନିଷ ଉପଲବ୍ଧ । ଶିଳ୍ପର ବିକାଶ ଫଳରେ ଏହା ସମ୍ଭବ ହୋଇପାରିଛି ।

## ପାଠଗତ ପ୍ରଶ୍ନାବଳୀ ୨୦.୩

୧. କ୍ଷୁଦ୍ର ଶିଳ୍ପର ସଂଜ୍ଞା କ'ଣ ?

୨. ୨୦୦୯–୧୦ ମସିହାରେ ଜାତୀୟ ଆୟକୁ ଶିଳ୍ପ କ୍ଷେତ୍ରର ଅବଦାନ କେତେ ଥିଲା ?

୩. ଭିତ୍ତିଭୂମିର ଦୁଇଟି ଉଦାହରଣ ଦିଅ ।

## ୨୦.୪ ସେବା କ୍ଷେତ୍ରର ଭୂମିକା ଏବଂ ବିଶେଷତ୍ୱ

ଭାରତର ସେବା କ୍ଷେତ୍ର ଖୁବ୍ ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି । ତୁମ ଚାରିପାଖରେ ଦେଖ । ତୁମେ ଦେଖିପାରିବ ଯେ ରେଳଦ୍ୱାରା ଯାତ୍ରୀ ଏବଂ ବିଭିନ୍ନ ଦ୍ରବ୍ୟ ପରିବହନ ଯଥେଷ୍ଟ ବୃଦ୍ଧି ପାଇଛି । ସେହିପରି ରାସ୍ତାରେ ଯାଉଥିବା ବସ୍, କାର, ଟ୍ରକ ଆଦି ଯାନବାହାନ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଉଥିବା ସଂଖ୍ୟା ବୃଦ୍ଧି ପାଇଛି । ଏହାର ଅର୍ଥ ଏହା ଯେ ସମୟକ୍ରମେ ପରିବହନ ସେବାର ବୃଦ୍ଧି ଘଟିଛି । ବହୁ ଲୋକଙ୍କ ପାଖରେ ବର୍ତ୍ତମାନ ମୋବାଇଲ ଫୋନ ବ୍ୟତିତ ଟେଲିଫୋନ ହେଲାଣି । ଶିକ୍ଷାଦାନ ପାଇ ଦେଶରେ ବହୁ ବିଦ୍ୟାଳୟ ସ୍ଥାପିତ ହେଲାଣି ।

ମୁକ୍ତ ବିଦ୍ୟାଳୟ ଅଧିନରେ ବହୁ ଶିକ୍ଷାଦାନ କେନ୍ଦ୍ର ଖୋଲାଗଲାଣି, ଯାହାଦ୍ୱାରା ବହୁ ସଂଖ୍ୟାରେ ବିଦ୍ୟାର୍ଥୀ ଉପକୃତ ହୋଇପାରିବେ । ତୁମେ ଦେଖିପାରିବ ଯେ ବହୁ ସଂଖ୍ୟାରେ ଡାକ୍ତରଖାନା, ସ୍ୱାସ୍ଥ୍ୟକେନ୍ଦ୍ର ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଛନ୍ତି । ବ୍ୟାଙ୍କଗୁଡ଼ିକ ମଧ୍ୟ ସେମାନଙ୍କର ଶାଖା ବିଭିନ୍ନ ସ୍ଥାନରେ ଖୋଲିଛନ୍ତି । ଯାହାଦ୍ୱାରା କି ଲୋକମାନେ ସେମାନଙ୍କର ଖାତା ଖୋଲିପାରିବେ । ଦରକାର ମୁତାବକ ଟଙ୍କା ଉଠାଣ କରିପାରିବେ ଏବଂ ଘର, କାର, ସ୍କୁଟର ଆଦି କିଣିବା ପାଇଁ ଋଣ ନେଇପାରିବେ । ଲୋକମାନଙ୍କୁ ଖାଦ୍ୟ ଉପଲବ୍ଧ କରାଇବା ପାଇଁ ପ୍ରାୟ ପ୍ରତ୍ୟେକଟି ସାର୍ବଜନୀନ ସ୍ଥାନଗୁଡ଼ିକରେ ହୋଟେଲ ଏବଂ ଭୋଜନାଳୟମାନ ରହିଛି । ଏହିସବୁ ହେଉଛି ବିଭିନ୍ନ ପ୍ରକାରର ସେବାର ଉଦାହରଣ । ସେବାକୁ ବାଦଦେଇ ଅର୍ଥନୀତିରେ ଜୀବନ ବିଷୟରେ ଭାବିବା ହିଁ ନିରର୍ଥକ । ସେଥିପାଇଁ ସେବାକ୍ଷେତ୍ରର ଭୂମିକା ଏବଂ ବିଶେଷତ୍ୱ ବିଷୟରେ ବାଣିଜ୍ୟ ନିହାତି ଜରୁରୀ, ଯାହା ଆମେ ନିମ୍ନଲିଖିତ ଅନୁକ୍ରମରେ ଆଲୋଚନା କରିବା ।

୧. ଜାତୀୟ ଆୟକୁ ସେବା କ୍ଷେତ୍ରର ଅବଦାନ

୨. ନିଯୁକ୍ତି ଯୋଗାଇବାରେ ସେବା କ୍ଷେତ୍ରର ଅବଦାନ

୩. ବିଦେଶରୁ ପୁଞ୍ଜି ଆକର୍ଷଣ

୪. ରପ୍ତାନୀରେ ସେବା କ୍ଷେତ୍ରର ଅବଦାନ

## ତୁମ ପାଇଁ କାର୍ଯ୍ୟ

ତୁମ ଅଞ୍ଚଳର ପରିବହନ ସେବା ଉପରେ ୨୦୦ ଶବ୍ଦ ମଧ୍ୟରେ ଏକ ପ୍ରକଳ୍ପ ତିଆରି କର ।

## ୨୦.୫ ସେବା କ୍ଷେତ୍ରର ଅବଦାନ

### ୧. ଜାତୀୟ ଆୟକୁ ଅବଦାନ

କୃଷି, ଶିଳ୍ପ ଏବଂ ସେବା, ଏହି ତିନୋଟି କ୍ଷେତ୍ର ମଧ୍ୟରୁ ଭାରତର ଜାତୀୟ ଆୟକୁ ସେବାକ୍ଷେତ୍ରର ଅବଦାନ ସର୍ବାଧିକ । ଯଦି ଭାରତର ଜାତୀୟ ଆୟ ୧୦୦ ହୁଏ, ତେବେ ୨୦୦୯–୧୦ ମସିହାରେ ସେବା କ୍ଷେତ୍ରର ଅବଦାନ ଥିଲା ୫୫.୨୦, ଯାହାକି ସର୍ବମୋଟର ଅଧାରୁ ଅଧିକ । ନିମ୍ନରେ ଦିଆଯାଇଥିବା ସାରଣୀ ୨୦.୨ରେ ବିଭିନ୍ନ ପ୍ରକାରର ସେବାର ଅବଦାନ ପ୍ରଦାନ କରାଗଲା ।

ସାରଣୀ ୨୦.୨ : ଜାତୀୟ ଘରୋଇ ଉତ୍ପାଦକୁ ସେବା କ୍ଷେତ୍ରର ଅବଦାନ (୨୦୦୯–୧୦)

| | |
|---|---|
| ବାଣିଜ୍ୟ, ହୋଟେଲ ଆଦି | ୧୬.୩ |
| ପରିବହନ, ଯୋଗାଯୋଗ | ୭.୮ |
| ଅର୍ଥ, ଘରବାଡ଼ି, ବ୍ୟବସାୟ | ୧୬.୭ |
| ସାମାଜିକ, ଗୋଷ୍ଠୀ ଏବଂ ଅନ୍ୟାନ୍ୟ | ୧୪.୪ |
| ମୋଟ୍ ସେବା କ୍ଷେତ୍ର | ୫୫.୬୦ |

***ସୂତ୍ର : ଆର୍ଥିକ ସର୍ଭେକ୍ଷଣ***

ତୁମେ ଦେଖିପାରିବ ଯେ, ଆର୍ଥିକ, ଘରବାଡ଼ି ଏବଂ ବ୍ୟବସାୟ କ୍ଷେତ୍ର ସର୍ବମୋଟ୍ ୫୫.୬୦ ପ୍ରତିଶତରୁ ୧୬.୭ ପ୍ରତିଶତ ଯୋଗଦାନ କରିଛି । ବ୍ୟାଙ୍କ ଏବଂ ବୀମା ହେଉଛି ଆର୍ଥିକ ସେବା, ବାଣିଜ୍ୟ ଏବଂ ହୋଟେଲ କ୍ଷେତ୍ରର ଅବଦାନ ରହିଛି ୧୬.୩ ପ୍ରତିଶତ । ଗୋଷ୍ଠୀ ଏବଂ ସାମାଜିକ କ୍ଷେତ୍ର ଯାହା ମଧ୍ୟରେ ରହିଛି ଲୋକ ପ୍ରଶାସନ, ସୁରକ୍ଷା ଇତ୍ୟାଦି, ୧୪.୪ ପ୍ରତିଶତ ଯୋଗଦାନ କରୁଥିବା ସ୍ଥଳେ, ପରିବହନ ଏବଂ ଯୋଗାଯୋଗ କ୍ଷେତ୍ର ୭.୮ ପ୍ରତିଶତ ଯୋଗଦାନ କରିଛି ।

### ୨. ନିଯୁକ୍ତି କ୍ଷେତ୍ରରେ ଅବଦାନ

ଆଜିକାଲି ବହୁ ଲୋକ ସେବା କ୍ଷେତ୍ରରେ ନିଯୁକ୍ତି ପାଇଛନ୍ତି । ୨୦୦୯–୧୦ ମସିହାରେ, ଦେଶରୁ ସର୍ବମୋଟ ନିଯୁକ୍ତି ମଧ୍ୟରୁ ଏହି କ୍ଷେତ୍ରର ଅବଦାନ ଥିଲା ୨୯.୪ ପ୍ରତିଶତ । ଭବିଷ୍ୟତରେ ଏହା ଆହୁରି ବୃଦ୍ଧି ପାଇବ । ଏହାର କାରଣ, ଭାରତରେ ଶିକ୍ଷିତ ଲୋକଙ୍କ ସଂଖ୍ୟା ପ୍ରତିବର୍ଷ ବଢ଼ି ବଢ଼ି ଚାଲିଛି । ସେମାନେ ବିଭିନ୍ନ କ୍ଷେତ୍ର ଯଥା ମାଧ୍ୟମିକ ସ୍ନାତକ, କଳା, ବିଜ୍ଞାନ, ବାଣିଜ୍ୟ, ଯାନ୍ତ୍ରିକ, ଡାକ୍ତରୀ, ବ୍ୟବସାୟିକ ଏବଂ ଧନ୍ଦାମୂଳକ କ୍ଷେତ୍ରରୁ ଆସିଥାଆନ୍ତି। ସେବା କ୍ଷେତ୍ର ଏହିଭଳି ଲୋକଙ୍କୁ ନିଯୁକ୍ତି ଯୋଗାଇଥାଏ । ମଜୁରୀ ଓ ଦରମାକୁ ବିଚାରକୁ ନେଲେ, ସେବା କ୍ଷେତ୍ର କୃଷି କ୍ଷେତ୍ରଠାରୁ ଅଧିକ ପ୍ରଦାନ କରିଥାଏ । କୃଷିକ୍ଷେତ୍ର ସହ ତୁଳନା କଲେ ସେବାକ୍ଷେତ୍ର ଅଧିକ ନିଯୁକ୍ତି ସୁଯୋଗ ପ୍ରଦାନ କରିଥାଏ । ବହୁତ ପ୍ରକାରର ସେବା ରହିଛି ଯାହାକି ବର୍ଷସାରା ପ୍ରଦାନ କରାଯାଇଥାଏ । କିନ୍ତୁ କୃଷି କ୍ଷେତ୍ରରେ କେବଳ କିଛି ଋତୁରେ ହିଁ କାର୍ଯ୍ୟ କରିବାକୁ ସୁଯୋଗ ଦେଇଥାଏ । ତେଣୁ ଲୋକମାନେ ଯେତେ ଶିକ୍ଷିତ ହୁଅନ୍ତୁ, ସେମାନେ ସେବାକ୍ଷେତ୍ର ଦିଗକୁ ଆକୃଷ୍ଟ ହୋଇଥାଆନ୍ତି । ତେଣୁ ସେବା କ୍ଷେତ୍ରରେ ନିଯୁକ୍ତି ବଢ଼ିବାରେ ଲାଗିଛି ।

### ୩. ବିଦେଶୀ ପୁଞ୍ଜିକୁ ଆକୃଷ୍ଟ କରିବା

ଭାରତରେ ସେବା କ୍ଷେତ୍ରର ଅଭିବୃଦ୍ଧି ଦେଖି ବିଦେଶର ଲୋକମାନେ ଲାଭ ପାଇବା ଆଶାରେ ଏହି କ୍ଷେତ୍ରରେ ସେମାନଙ୍କର ପୁଞ୍ଜି ନିବେଶ କରିବାଲାଗି ଆଗ୍ରହ ପ୍ରକାଶ କରୁଛନ୍ତି । ବ୍ୟାଙ୍କ ସେବା, ବୀମା ସେବା, ବାଣିଜ୍ୟ, ପରିବହନ, ହୋଟେଲ ସେବା ମିଳିତ ଭାବେ ପ୍ରତ୍ୟକ୍ଷ ପୁଞ୍ଜି ନିବେଶ ଆକାରରେ ବିଦେଶରୁ ୧୧ ଲକ୍ଷ ୧୮ ହଜାର କୋଟି ଟଙ୍କାରୁ ଅଧିକ ପୁଞ୍ଜି ଆହରଣ କରିଛନ୍ତି । ବର୍ତ୍ତମାନ ଭାରତରେ କମ୍ପ୍ୟୁଟର ସେବାର ଯଥେଷ୍ଟ ଅଭିବୃଦ୍ଧି ଘଟିଛି । ଏହା ୪୭ ହଜାର କୋଟି ଟଙ୍କାରୁ ଅଧିକ ବିଦେଶୀ ପୁଞ୍ଜି ଆକୃଷ୍ଟ କରିପାରିଛି । ନିବେଶ ଦ୍ୱାରା ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଥାଏ । ଏହା ଦେଶ ପାଇଁ ଲାଭଦାୟକ ।

### ୪. ରପ୍ତାନୀରେ ସେବା କ୍ଷେତ୍ରର ଅବଦାନ

ବାହାର ଦେଶର ଲୋକଙ୍କୁ ବିଭିନ୍ନ ସେବା ଏବଂ ଦ୍ରବ୍ୟ ବିକ୍ରୟ କରି ତା ପ୍ରତିବଦଳରେ ବୈଦେଶିକ ମୁଦ୍ରା ଯଥା ଡଲାର, ୟୁରୋ, ୟେନ୍, ପାଉଣ୍ଡ ଆଦି ଉପାର୍ଜନ କରିବାକୁ ରପ୍ତାନୀ କୁହାଯାଏ । ଏହି କିଛି ବର୍ଷ ହେବ ଭାରତର ସେବା କ୍ଷେତ୍ର ରପ୍ତାନୀ ଦ୍ୱାରା ଦେଶ ପାଇଁ ବହୁ ବିଦେଶୀ ମୁଦ୍ରା ଉପାର୍ଜନ କରିପାରିଛି । ଆମର ବ୍ୟବସାୟିକ ସେବା ଯଥା – ସୂଚନା ପ୍ରଯୁକ୍ତି ବିଦ୍ୟା, ପରାମର୍ଶ ସେବା, ଆଇନ୍ ସେବା ଇତ୍ୟାଦି ବିଶ୍ୱସ୍ତରୀୟ ବୋଲି ପରିଗଣିତ ।

୨୦୦୯–୧୦ ମସିହାରେ ଭାରତ ରପ୍ତାନୀ ସେବା ଦ୍ୱାରା ୪.୩୫ ଲକ୍ଷ କୋଟି ଟଙ୍କା ଲାଭ ଉପାର୍ଜନ କରିଥିଲା ।

## ପାଠଗତ ପ୍ରଶ୍ନାବଳୀ ୨୦.୪

୧. ୨୦୦୯–୧୦ ମସିହାରେ ନିଯୁକ୍ତିରେ ସେବା କ୍ଷେତ୍ରର ଅବଦାନ କେତେ ଥିଲା ?

୨. ୨୦୦୯–୧୦ ମସିହାରେ ଭାରତର ଜାତୀୟ ଆୟ ପ୍ରତି ସେବା କ୍ଷେତ୍ରର ଅବଦାନ କେତେ ଥିଲା ?

## ୨୦.୬ ଅର୍ଥନୀତିର ତିନୋଟି କ୍ଷେତ୍ର ମଧ୍ୟରେ ସମ୍ବନ୍ଧ

ତିନୋଟି କ୍ଷେତ୍ର ପରସ୍ପର ସହ ସଂଯୁକ୍ତ । ପ୍ରକୃତରେ ପ୍ରତ୍ୟେକଟି ପରସ୍ପରର ପରିପୂରକ । ତୁମେ ଏହାକୁ ବୁଝିବା ପାଇଁ, ଆମେ ନିମ୍ନରେ ଏକ ଗଳ୍ପ ଦେଉଛୁ ।

ହରି ସିଂ ଜଣେ ଚାଷୀ, ଯେ ନିଜ ଗାଁ ରାମପୁରରେ ନିଜ କ୍ଷେତରେ ଗହମ ଚାଷ କରନ୍ତି । ଗତ ବର୍ଷ ଭଲ ବର୍ଷା ହେବା ଯୋଗୁଁ ସେ ଭଲ ଫସଲ ଅମଳ କରିଥିଲେ । ତେଣୁ ସେ ପାଖରେ ଥିବା ସ୍ଥାନୀୟ ମଣ୍ଡିରେ ୧୦ କ୍ୱିଣ୍ଟାଲ ଗହମ ବିକ୍ରି କରିପାରିଥିଲେ ଏବଂ ଆଉ ୧୦ କ୍ୱିଣ୍ଟାଲ ନିଜ ଘର ପାଇଁ ରଖିପାରିଥିଲେ, ଏହି ବର୍ଷ ଭଲ ବର୍ଷା ହୋଇନାହିଁ । ଉକ୍ତ ଅଞ୍ଚଳରେ କୌଣସି ପ୍ରକାରର ଜଳସେବାରେ ସୁବିଧା ମଧ୍ୟ ନାହିଁ । ତେବେ ଗହମ ଫସଲକୁ କିପରି ଜଳ ଯୋଗାଯାଇପାରିବ ? ହରି ସିଂ ଭୂତଳ ଜଳ ଉତ୍ତୋଳନ କରିବା ପାଇଁ ଚାହିଁଲେ । କିନ୍ତୁ ଏଥିପାଇଁ ତାଙ୍କୁ ଏକ ଡିଜେଲ୍ ପମ୍ପ ଦରକାର । ଏହା ତାଙ୍କୁ କିଏ ଯୋଗାଇଦେବ ? ଏହା ୨୦୦ କି.ମି. ଦୂରରେ ଥିବା କରିମ୍ ନଗର ଶିଳ୍ପାଞ୍ଚଳର ରବି ନିର୍ମାତା ନାମକ ନିର୍ମାଣକାରୀ ସଂସ୍ଥା ଦ୍ୱାରା ଉତ୍ପାଦିତ ହେଉଛି । ବର୍ତ୍ତମାନ ଏହି ଦୂର ସ୍ଥାନକୁ ଯିବା ମଧ୍ୟ ଏକ କଷ୍ଟକର ବ୍ୟାପାର । ହରି ସିଂର ସାଙ୍ଗ, ଗଙ୍ଗା ସିଂ କହିଲା ଯେ ଏଥିରେ କିଛି ବ୍ୟସ୍ତ ହେବାର ନାହିଁ । ସେ ହରି ସିଂକୁ ନିକଟରେ ଥିବା ବଜାର ଶିବ ମଣ୍ଡିକୁ ନେଇଗଲା । ସେହି ବଜାରରେ ପପ୍ପୁ ହାର୍ଡଓୟାର ଷ୍ଟୋର ଥିଲା ଯାହାର ମାଲିକ ଗଙ୍ଗା ସିଂର ସଳା ପପ୍ପୁ ଯିଏ ପମ୍ପର ବିକ୍ରୟ କରନ୍ତି । ଯେତେବେଳେ ହରି ସିଂ ପମ୍ପ ବିଷୟରେ ପଚାରିଲା, ସେତେବେଳେ ପପ୍ପୁ ତାକୁ କହିଲା ଦୁଇ ଘଣ୍ଟା ଅପେକ୍ଷା କରିବାକୁ କହିଲା କାରଣ, ୫୦ଟି ରବି କମ୍ପାନୀର ପମ୍ପ ଏବଂ ଟ୍ରାକ୍ଟରରେ ବ୍ୟବହୃତ ହେଉଥିବା କିଛି ଉପକରଣ ଧରି ଏକ ଟ୍ରକ୍ କରିନା ନଗରରୁ ସେହି ଦୋକାନକୁ ସେତେବେଳେ ଆସିବାର ଥିଲା । ଏହାକୁ ନିଶ୍ଚିତ କରିବା ପାଇଁ ପପ୍ପୁ ମଧ୍ୟ ରବି ପମ୍ପର ମାଲିକ ରବି କ୍ଷେତ୍ରପାଳ ସହିତ ମୋବାଇଲ୍ ଫୋନ୍‌ରେ କଥା ହୋଇଗଲା । ଏହି ସମୟ ମଧ୍ୟରେ ଗଙ୍ଗା ଏବଂ ହରି ପାଖ ଚା ଦୋକାନରୁ ଚା ଓ ଜଳଖିଆ ନେଲେ, ହରିର ଛୋଟ ଝିଅର ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖା ବିଷୟରେ ବୁଝାବୁଝି କଲେ ଏବଂ ଡାକ୍ତରଖାନାରୁ ଗଙ୍ଗାର ପୁଅ ପାଇଁ ଔଷଧ ଆଣିଲେ, ଯିଏ କି ଘରେ ଜ୍ୱରରେ ପୀଡ଼ିତ ଥିଲା । ଦୁଇ ଘଣ୍ଟା ପରେ ସେମାନେ ଯେତେବେଳେ ପପ୍ପୁର ଦୋକାନକୁ ଫେରିଲେ, ସେମାନେ ଦେଖିଲେ ଶ୍ରମିକମାନେ ଟ୍ରକ୍‌ରୁ ପମ୍ପଗୁଡ଼ିକ କାଢୁଛନ୍ତି । ପପ୍ପୁ ସେମାନଙ୍କୁ କହିଲା ଯେ ସେ କରିମ୍ ନଗରରେ ଥିବା କାରଖାନାରୁ ୫୦ଟି ପମ୍ପ ମଗାଇଥିଲା । ଉକ୍ତ ଟ୍ରକ୍ ଟ୍ରାକ୍ଟରର ଉପକରଣ ବିକ୍ରି କରିଥାଏ । ହରି ଦେଖିଲା ଯେ ପପ୍ପୁ ଉକ୍ତ ଟ୍ରକ୍ ଚାଳକକୁ ୧ ଲକ୍ଷ ଟଙ୍କାର ଏକ ଚେକ୍ ଦେଲା ଯିଏ କି ରବି କ୍ଷେତ୍ରପାଳ ତରଫରୁ ତାହାକୁ ଗ୍ରହଣ କଲା । ପପ୍ପୁ କହିଲା ଯେ ଯେହେତୁ ଟଙ୍କାର ପରିମାଣ ବହୁତ ବେଶୀ, ତେଣୁ ନଗଦ ଆକାରରେ ଦେବା ନିରାପଦ ନୁହେଁ । କ୍ଷେତ୍ରପାଲ୍ ବାବୁ ଉକ୍ତ ଚେକ୍‌ଟି ନିଜର ବ୍ୟାଙ୍କଖାତାରେ ଜମାଦେଇ ଟଙ୍କା ପାଇପାରିବେ । ସେ ଆହୁରି ମଧ୍ୟ କହିଲା ଯେ ପୂର୍ବରୁ ଥିବା କିଛି ବାକି ପାଇଁ ଏହି ଟଙ୍କା ଦିଆଗଲା । ସେହି ଏକ ଉପାୟରେ, ପମ୍ପଗୁଡ଼ିକୁ ଗ୍ରାହକମାନଙ୍କୁ ବିକ୍ରି କରିସାରିବା ପରେ ହିଁ, ତାହାର ଅର୍ଥପ୍ରଦାନ କରାଯିବ । ହରି ସିଂ ପପ୍ପୁକୁ ୭୦୦୦

ଟଙ୍କା ଦେଇ ଏକ ପମ୍ପ କିଣିଲା । ପପ୍ପୁ ଦୃଢ଼ତାର ସହ କହିଲା ଯେଖରାପ ମୌସୁମୀ ଯୋଗୁଁ ଏହି ବର୍ଷ ପମ୍ପର ବହୁତ୍ ଚାହିଦା ରହିଛି । ତେଣୁ ସେସବୁ ଶୀଘ୍ର ବିକ୍ରି ହୋଇଯିବ । ବାଟରେ ଗାଁକୁ ଫେରିବା ବେଳେ ହରି ଗଙ୍ଗ ସିଂକୁ ପଚାରିଲା ଯେ ଏବେ ଟ୍ରକ୍ କ'ଣ ହେବ ? ଗଙ୍ଗା ଉତ୍ତର ଦେଲା ଯେ ଟ୍ରକ୍‌ଟି ବର୍ତ୍ତମାନ ଉକ୍ତ ବଜାରରୁ ଗହମ ଓ ପନିପରିବା ନେଇଯିବ ଯାହା କରିନା ନଗର ସହର ଓ ଶିଳ୍ପାଞ୍ଚଳରେ ଥିବା ପରିବାରଗୁଡ଼ିକୁ ବିକ୍ରି କରାଯାଇପାରିବ ।

ଉପରେ ଦର୍ଶାଯାଇଥିବା ଗଳ୍ପରୁ ତୁମେ କୃଷି, ଶିଳ୍ପ ଏବଂ ସେବା ମଧ୍ୟରେ ଥିବା ସମ୍ବନ୍ଧ ନିର୍ଦ୍ଧାରଣ କରିପାରିବ । କୃଷି କ୍ଷେତ୍ରରେ କାର୍ଯ୍ୟ କରୁଥିବା ହରି ସିଂ ଭଳି ବହୁ ଚାଷୀ, ସେମାନଙ୍କର ଜମିରେ ଜଳସେଚନ ପାଇଁ ପମ୍ପର ଆବଶ୍ୟକତା କରିଥାଆନ୍ତି । ପମ୍ପକୁ ଛାଡ଼ିଦେଲେ କୃଷି କାର୍ଯ୍ୟରେ ଆହୁରି ବହୁତ ଜିନିଷ ଯଥା, ସାର, କୀଟନାଶକ, ଲଙ୍ଗଳ, ଟ୍ରାକ୍ଟର ଦରକାର ହୋଇଥାଏ । ଗଳ୍ପ ବର୍ଣ୍ଣିତ ପମ୍ପ ଭଳି ଏହିସବୁ ମଧ ଶିଳ୍ପ ଦ୍ୱାରା ଯୋଗାଣ ହୋଇଥାଏ । ଏହାର ପ୍ରତି ବଦଳରେ, ଶିଳ୍ପକ୍ଷେତ୍ର ଏବଂ ସେବା କ୍ଷେତ୍ରରେ ନିୟୋଜିତ ଲୋକମାନେ କୃଷି କ୍ଷେତ୍ରରୁ ଯୋଗାଇ ଦିଆଯାଉଥିବା ଖାଦ୍ୟ ପାଇଥାଆନ୍ତି, ଠିକ୍ ଯେଉଁଭଳି ଭାବରେ ହରି ସିଂ ତାଙ୍କର ବଳକା ଗହମ ମଣ୍ଡିରେ ବିକ୍ରିକରିଥିଲେ । ତେବେ ସେବା କ୍ଷେତ୍ରର ଭୂମିକା କ'ଣ ? କୃଷି ଓ ଶିଳ୍ପ ମଧ୍ୟରେ ହେଉଥିବା ଏହିସବୁ କାରବାରକୁ ନିଶ୍ଚିତ କରିବା ହେଉଛି ଏହାର କାର୍ଯ୍ୟ । ଗଳ୍ପରେ ଟ୍ରକ୍‌ଟି ପମ୍ପ ଓ ଟ୍ରାକ୍ଟର ଉପକରଣ ଧରି କରିମ୍ ନଗରରୁ ଶିବ ମଣ୍ଡି ଯାଉଛି ଏବଂ ଫେରିବା ବେଳେ ଖାଦ୍ୟପଦାର୍ଥ ଆଣୁଛି ଯାହାକି ପରିବହନ ସେବାର ଅଂଶ ବିଶେଷ । ମଗାଇଥିବା ଜିନିଷ ଉପରେ ନଜର ରଖିବା ପାଇଁ ବ୍ୟବହାର କରାଯାଉଥିବା ମୋବାଇଲ୍ ଫୋନ୍, ଯୋଗାଯୋଗ ସେବାର ଅଂଶ ବିଶେଷ । ବ୍ୟାଙ୍କରେ ଚେକ୍ ପ୍ରଦାନ କରିବା ହେଉଛି ଆର୍ଥିକ ସେବାର ଅଂଶ ବିଶେଷ । ପପ୍ପୁର ଦୋକାନ ଜିନିଷପତ୍ର ଯୋଗାଇବା ଭଳି ବ୍ୟବସାୟିକ ସେବା ଯୋଗାଇଦେଉଛି । ଲକ୍ଷ୍ୟ କର ଯେ, ଏହିସବୁ ପ୍ରତ୍ୟେକଟି କାର୍ଯ୍ୟକଳାପ ଅର୍ଥର ପ୍ରବାହ ଯୋଗୁଁ ସମ୍ଭବ ହୋଇପାରୁଛି । ଏହି ଗଳ୍ପରେ ହରି ସିଂ ଗହମ ବିକ୍ରି କରି ଅର୍ଥ ପାଇଲେ । ଏହି ଅର୍ଥ ସେ ପମ୍ପ କିଣିବାରେ ବିନିଯୋଗ କଲେ । ପପ୍ପୁ ହରିଙ୍କଠାରୁ ଅର୍ଥ ନେଇ ନିଜର ଲାଭ ରଖି ପମ୍ପର ଯୋଗାଣକାରୀ ପ୍ରଦାନ କଲେ । ପମ୍ପ ଯୋଗାଣକାରୀ ଏହି ଅର୍ଥ ପାଇବା ପରେ, ଟ୍ରକ୍ ଚାଳକଙ୍କୁ ତାଙ୍କର ପ୍ରାପ୍ୟ ଏବଂ କାରଖାନାର କମାମ କରୁଥିବା ଶ୍ରମିକମାନଙ୍କୁ ତାଙ୍କର ମଜୁରୀ ଦେବେ । ଏହିସବୁ ଲୋକମାନେ ଏହି ଅର୍ଥ ଦ୍ୱାରା ସ୍ଥାନୀୟ ବଜାରରୁ ଖାଦ୍ୟଦ୍ରବ୍ୟ କିଣିଥାଆନ୍ତି, ଯାହାକି ଟ୍ରକ୍ ଦ୍ୱାରା ମଣ୍ଡିରୁ ଆସିଥାଏ ।

ଏହି ସରଳ ଗଳ୍ପରୁ ତୁମେ ଚିନ୍ତା କରିପାରିବ ଯେ କିପରି ଅର୍ଥବ୍ୟବସ୍ଥାର ସମସ୍ତ କାର୍ଯ୍ୟ ଅନ୍ତଃ ସଂଯୋଜିତ ଓ ସହସମ୍ବନ୍ଧିତ ।

## ପାଠଗତ ପ୍ରଶ୍ନାବଳୀ ୨୦.୫

୧. ଚେକ୍ ମାଧ୍ୟମରେ ଦେୟ ପ୍ରଦାନର ଉପକାରିତାର ଏକ ଉଦାହରଣ ଦିଅ ।

୨. ଖାଦ୍ୟଶସ୍ୟ ପରିବହନ ଯେଉଁ କ୍ଷେତ୍ରର ଅଂଶ ବିଶେଷ ?

(କ) କୃଷି (ଖ) ଶିଳ୍ପ (ଗ) ସେବା

## ତୁମ ପାଇଁ କାମ

ପାଖରେ ଥିବା ବଜାରକୁ ଯାଅ ଏବଂ ସେଠାରେ ତୁମକୁ ମିଳୁଥିବା ସେବାଗୁଡ଼ିକର ଏକ ତାଲିକା କର । ଆହୁରି ମଧ୍ୟ ପାଞ୍ଚୋଟି ଲେଖାଏଁ କୃଷିଜାତ ଏବଂ ଶିଳ୍ପଜାତ ଦ୍ରବ୍ୟର ତାଲିକା କର ଏବଂ ସେଗୁଡ଼ିକର ଉତ୍ପତ୍ତି ସ୍ଥଳ ଖୋଜି ବାହାର କର ।

## ତୁମେ କ'ଣ ଶିଖିଲ ?

- ଅର୍ଥ ବ୍ୟବସ୍ଥାର ତିନୋଟି କ୍ଷେତ୍ର ରହିଛି, ଯଥା ପ୍ରାଥମିକ (କୃଷି ଏବଂ ଆନୁଷଙ୍ଗିକ କାର୍ଯ୍ୟକଳାପ), ମାଧ୍ୟମିକ (ଶିଳ୍ପ ଉତ୍ପାଦନ ଇତ୍ୟାଦି) ଏବଂ ସେବା କ୍ଷେତ୍ର ।
- ଏହିସବୁ କ୍ଷେତ୍ରଗୁଡ଼ିକ ଜାତୀୟ ଆୟର ସୃଷ୍ଟି ଏବଂ ଅଭିବୃଦ୍ଧି ନିଯୁକ୍ତି ସୁଯୋଗର ସୃଷ୍ଟି, ଦ୍ରବ୍ୟ ଏବଂ ସେବାର ଯୋଗାଣ ଏବଂ ଭିତ୍ତିଭୂମିର ପ୍ରତିଷ୍ଠା ଦିଗରେ ଯୋଗଦାନ କରିଥାଆନ୍ତି ।
- ଏହି ତିନୋଟିଯାକ କ୍ଷେତ୍ର ପରସ୍ପରର ପରିପୂରକ ଏବଂ ନିଜ ନିଜ ମଧ୍ୟରେ ସମ୍ବନ୍ଧିତ ।

## ଅନ୍ତିମ ପ୍ରଶ୍ନାବଳୀ

୧. ପ୍ରାଥମିକ କ୍ଷେତ୍ରର ଉପକ୍ଷେତ୍ରଗୁଡ଼ିକର ନାମ କ'ଣ ?

୨. ମାଧ୍ୟମିକ କ୍ଷେତ୍ରର ଉପକ୍ଷେତ୍ରଗୁଡ଼ିକର ନାମ କ'ଣ ?

୩. ସେବା କ୍ଷେତ୍ରର ଉପକ୍ଷେତ୍ରଗୁଡ଼ିକର ନାମ କ'ଣ ?

୪. ପ୍ରାଥମିକ କ୍ଷେତ୍ରର ଭୂମିକା ଏବଂ ଗୁରୁତ୍ୱ ବୁଝାଇ ଲେଖ ।

୫. ମାଧ୍ୟମିକ କ୍ଷେତ୍ରର ଭୂମିକା ଏବଂ ଗୁରୁତ୍ୱ ବୁଝାଇ ଲେଖ ।

୬. ସେବା କ୍ଷେତ୍ରର ଭୂମିକା ଏବଂ ଗୁରୁତ୍ୱ ବୁଝାଇ ଲେଖ ।

୭. ଅର୍ଥ ବ୍ୟବସ୍ଥାର ତିନୋଟିଯାକ କ୍ଷେତ୍ର କିପରି ଭାବରେ ନିଜ ନିଜ ଭିତରେ ସମ୍ବନ୍ଧିତ ?

## ପାଠଗତ ପ୍ରଶ୍ନାବଳୀର ଉତ୍ତର

**୨୦.୧** ୧. (କ)

୨. କୃଷି





୨୦.୨ ୧. ୨୩୪ ନିୟୁତ ଟନ୍

୨. ରୁଟି, ଫଳ ଜାମ୍ ଏବଂ ଆଚାର

୩. ୫୦ ପ୍ରତିଶତରୁ ଅଧିକ

୪. ୧୫ ପ୍ରତିଶତ

୨୦.୩ ୧. ଯେଉଁ ଶିଳ୍ପ କାରଖାନା ଏବଂ ଯନ୍ତ୍ରାଂଶ ଦିଗରେ ୨୫ ଲକ୍ଷ ଟଙ୍କା ବ୍ୟୟକରି ବସାଯାଇପାରିବ ତାହାକୁ କ୍ଷୁଦ୍ର ଶିଳ୍ପ କୁହାଯାଏ ।

୨. ୨୮ ପ୍ରତିଶତ

୩. ଟେଲିଫୋନ୍ ଟାୱାର, ହୀରାକୁଦ ନଦୀବନ୍ଧ

୨୦.୪ ୧. ୨୯.୪ ପ୍ରତିଶତ

୨. ୫୫.୨ ପ୍ରତିଶତ

୨୦.୫ ୧. ନିରାପତ୍ତା (ବ୍ୟାଙ୍କ ଖାତା ମାଧ୍ୟମରେ ଲୋକଟି ପାଖରେ ପହଞ୍ଚେ)

୨. ସେବା

# ୨୧
# ଭାରତୀୟ ଅର୍ଥନୀତିର ଆହ୍ୱାନ୍

ସବୁ ଦେଶର ପ୍ରତ୍ୟେକ ନାଗରୀକମାନଙ୍କର ଏକ ସୁସ୍ଥ ସରଳ ଜୀବନଯାପନ କରିବାର ଅଧିକାର ରହିଛି । ସମସ୍ତ ଅନ୍ତତଃ ନିଜର ସର୍ବନିମ୍ନ ଆବଶ୍ୟକତା ଯେପରିକି ଖାଦ୍ୟ, ସ୍ୱାସ୍ଥ୍ୟ ବାସଗୃହ ପାନୀୟଜଳ ଓ ଶିକ୍ଷା ପୂରଣ କରିବା ପାଇଁ ସକ୍ଷମ ହେବେ । କିନ୍ତୁ ଭାରତ ଏକ ଦରିଦ୍ର ଦେଶ ଯେଉଁଠି ଅଧିକାଂଶ ଲୋକମାନେ ସେମାନଙ୍କର ସର୍ବନିମ୍ନ ଆବଶ୍ୟକତା ପୂରଣ କରିବାର କ୍ଷମତା ନାହିଁ । ଏହି ପରିସ୍ଥିତିକୁ ଆଉ ଅଧିକତର ଖରାପ କରାଏ ବେକାରୀର ସମସ୍ୟା ଗରିବ ଲୋକମାନେ ରୋଜଗାର କରିବା ପାଇଁ ନିଯୁକ୍ତିର ଅଭାବ ଅନୁଭବ କରନ୍ତି । ତେଣୁ ଯଥାଶୀଘ୍ର ଏହି ଦାରିଦ୍ର୍ୟ ଓ ବେକାରୀର ସମସ୍ୟାର ନିରାକରଣ ନହେଲେ ଦେଶର ସାମାଜିକ ଓ ରାଜନୀତିକ ବ୍ୟବସ୍ଥା ପ୍ରତି ଏହା ଯେ ବିପଦ ସୃଷ୍ଟି କରିବ । ଏଥିରେ ସନ୍ଦେହ ନାହିଁ । ସେହିଭଳି ଭାବରେ ଉନ୍ନତମାନର ଜୀବନଯାପନ ପଛରେ ଉପଯୁକ୍ତ ଶିକ୍ଷା ବ୍ୟବସ୍ଥା ଓ ଭଲ ସ୍ୱାସ୍ଥ୍ୟ ସେବା ପରି ସୁବିଧା ଯୋଗାଇବା ଦରକାର । ଭାରତର ବ୍ୟାପକ ଜନସଂଖ୍ୟା ପାଇଁ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ଯୋଗାଇବା ଏକ ମଧ୍ୟ ଭାରତର ସରକାର ପାଇଁ ଆହ୍ୱାନ୍ । ଭାରତ ସରକାରରେ ଆହୁରି ଅନ୍ୟଏକ ଚିନ୍ତାର ବିଷୟ ହେଉଛି ମୁଦ୍ରାସ୍ଫୀତି ଯୋଗୁଁ ସାମଗ୍ରୀର ଦରଦାମ ବୃଦ୍ଧିକୁ କିଭଳି ନିୟନ୍ତ୍ରଣ କରିବେ । ମୁଦ୍ରାସ୍ଫୀତି ସାଧାରଣ ଜନତା ବିଶେଷକରି ଭୂମିହୀନ କୃଷି ଶ୍ରମିକ, ଦିନମଜୁରିଆ, ନାମମାତ୍ର ଚାଷୀଙ୍କର ଦୈନ୍ୟ ଓ ଦୁର୍ଗତିର କାରଣ ହୋଇଛି ଏବଂ ସେମାନେ ବିଶେଷ ଭାବରେ ପ୍ରଭାବିତ । ତେଣୁ ଦରଦାମ ବୃଦ୍ଧି ନିୟନ୍ତ୍ରଣ ଅତ୍ୟାବଶ୍ୟକ ଅଟେ । ଶେଷରେ ଗୋଟେ ଦେଶର ଜନସଂଖ୍ୟା ବୃଦ୍ଧି ସହିତ ଉକ୍ତ ଦେଶର ଜାତୀୟ ଆୟର ବୃଦ୍ଧି ହେବା ଦରକାର ଫଳରେ ଉନ୍ନୟନର ପ୍ରକ୍ରିୟା ଚାଲୁ ରହିଥିବ । ତେଣୁ ପ୍ରତି ବର୍ଷ ଅର୍ଥନୈତିକ ଅଭିବୃଦ୍ଧି ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ ହାସଲ କରିବା ମଧ୍ୟ ଭାରତ ସରକାର ପାଇଁ ଆଉ ଏକ ବଡ଼ ଆହ୍ୱାନ୍ ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟ ପଢ଼ିସାରିବା ପରେ ତୁମେମାନେ ଜାଣିପାରିବ –

- ଦାରିଦ୍ର୍ୟର ଅର୍ଥ ଓ ସରକାରଙ୍କର ବିଭିନ୍ନ ଦାରିଦ୍ର୍ୟ ନିରାକରଣ ଓ ନିଯୁକ୍ତି କାର୍ଯ୍ୟକ୍ରମ ବିଷୟରେ ;
- ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଶିକ୍ଷା ଓ ସ୍ୱାସ୍ଥ୍ୟସେବାର ସୁବିଧା କ୍ଷେତ୍ରର ;
- ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ପାଇଁ ବିଭିନ୍ନ ପଦକ୍ଷେପ ବିଷୟରେ ଏବଂ
- ଆର୍ଥନିତିକ ଅଭିବୃଦ୍ଧି କରିବା ପାଇଁ ସରକାରଙ୍କର ଉପାୟ ବିଷୟରେ ।

ଟିପ୍ପଣୀ

## ୨୧.୧ ଦାରିଦ୍ର୍ୟ ଓ ବେକାରୀ ସମସ୍ୟାର ନିରାକରଣ

ଆମେ କାହାକୁ ଗରିବ ବୋଲି କହିବା ? ଯୋଜନା ଆୟୋଗ ଅନୁଯାୟୀ ଭାରତର ମୁଣ୍ଡପିଛା ଦୈନିକ ସର୍ବନିମ୍ନ କ୍ୟାଲୋରି ଉପଭୋକ୍ତାକୁ ଦାରିଦ୍ର୍ୟ ରେଖାର ପରିମାପ ହିସାବରେ ଗ୍ରହଣ କରାଯାଇଛି । ଦୈନିକ ଗ୍ରାମାଞ୍ଚଳରେ ୨୪୦୦ ଓ ସହରାଞ୍ଚଳରେ ୨୧୦୦ କ୍ୟାଲୋରି ଉପଭୋଗ ପାଇଁ ଯେଉଁ ମୌଦ୍ରିକ ପରିବ୍ୟୟ ଆବଶ୍ୟକ ତାହାକୁ ଦାରିଦ୍ର ରେଖାର ସୀମା ହିସାବରେ ଗ୍ରହଣ କରାଯାଇଅଛି । ଯେଉଁମାନଙ୍କ ମୌଦ୍ରିକ ପରିବ୍ୟୟ ଉକ୍ତ ସର୍ବନିମ୍ନ କ୍ୟାଲୋରି ଉପଭୋଗ ପାଇଁ ଯଥେଷ୍ଟ ହୁଏ ନାହିଁ, ସେମାନଙ୍କୁ ଦରିଦ୍ର କୁହାଯାଇଥାଏ । ଏହି ଦରିଦ୍ରରେଖାକୁ କିଭଳି ବ୍ୟାଖ୍ୟା କରିବା ଆମେ ଜାଣିଛୁ ଖାଦ୍ୟ ଆମ ବଞ୍ଚିରହିବା ପାଇଁ ନିତ୍ୟାନ୍ତ ଅତ୍ୟାବଶ୍ୟକ ଅଟେ । ଖାଦ୍ୟରୁ ଆମକୁ କର୍ମଶକ୍ତି ମିଳିଥାଏ । କର୍ମଶକ୍ତିକୁ କିପରି ମପାଯାଏ ? ଆମ ଶରୀରରେ ସର୍ବନିମ୍ନ ଦୈନିକ ହିସାବରେ କେତେ କର୍ମଶକ୍ତି ଦରକାର ?

କର୍ମଶକ୍ତିର ପରିମାପକ କିଲୋ କ୍ୟାଲୋରି ଅଟେ । ଗ୍ରାମାଞ୍ଚଳରେ ନିଜ ଜୀବିକା ପାଇଁ ଲୋକମାନେ କଠିନ ଶାରିରୀକ ପରିଶ୍ରମ କରିଥାନ୍ତି । ତେଣୁ ବିଶେଷଜ୍ଞମାନଙ୍କ ମତରେ ଗ୍ରାମାଞ୍ଚଳରେ ଦୈନିକ କାମ ପାଇଁ ସର୍ବନିମ୍ନ ୨୪୦୦ କ୍ୟାଲୋରିର ଶକ୍ତି ଦରକାର ଏବଂ ସହରାଞ୍ଚଳରେ ୨୧୦୦ କ୍ୟାଲୋରି । ଏହି କ୍ୟାଲୋରି ଉପଭୋଗ ପାଇଁ ଖାଦ୍ୟ ଯେପରିକି ଖାଦ୍ୟଶସ୍ୟ, ଡ଼ାଲିଜାତୀୟ ଖାଦ୍ୟ ଓ ପନିପରିବା ଦରକାର । ଏହାସବୁ କିଣିବା ପାଇଁ ଅର୍ଥ ଦରକାର ହୋଇଥାଏ । ତେଣୁ ଯେଉଁମାନଙ୍କ ମୌଦ୍ରିକ ପରିବ୍ୟୟର ଅଭାବ ଉକ୍ତ ସର୍ବନିମ୍ନ କ୍ୟାଲୋରି ଉପଭୋଗ ପାଇଁ ସେମାନଙ୍କୁ ଦରିଦ୍ର କୁହାଯାଏ ବା ଦରିଦ୍ର ରେଖା ତଳେ କୁହାଯାଇଥାଏ ।

ଉକ୍ତ ତଥ୍ୟ ଅନୁଯାୟୀ ୨୦୦୪-୦୫ ମସିହା ଭିତରେ ଭାରତର ଜନସଂଖ୍ୟାର ୨୭.୫ ପ୍ରତିଶତ ଗରିବ ଯାହାକି ୨୭ କୋଟି ଲୋକ ହେବ । ତୁମେମାନେ ତାହାଲେ କ'ଣ ଭାବୁଛ କେବଳ ଖାଦ୍ୟ ଉପଭୋଗର ପରିମାଣର ଦରିଦ୍ର୍ୟତା ମପା ହେବ ? ଅନ୍ୟ ଆବଶ୍ୟକ ସାମଗ୍ରୀ ଯଥା ଲୁଗା, ଜୋତା, ମଧ ଏହି ସର୍ବନିମ୍ନ ଆବଶ୍ୟକତା ମଧରେ ଆସିବା ଦରକାର । ଏହାର ଅର୍ଥ ହେଉଛି ଏହି ଅନ୍ୟାନ୍ୟ ଜିନିଷର ଉପଭୋଗ ପାଇଁ ଆହୁରି ଆୟ ଦରକାର ହେବ । ଭାରତ ସରକାରଙ୍କର ଅନୁଯାୟୀ ଯଦି ଖାଦ୍ୟ, ଲୁଗା, ଜୋତା ଓ ଅଣଖାଦ୍ୟ ସବୁକୁ ଆମେ ନେବା, ତାହାଲେ ଭାରତର ଜନସଂଖ୍ୟାର ୩୭ ପ୍ରତିଶତରୁ ଅଧିକା ବା ୩୭ କୋଟି ଲୋକ ଗରିବ ଅଟନ୍ତି ।

ସେହିଭଳି ଭାବରେ ଭାରତରେ ବେକାରୀ ସମସ୍ୟା ମଧ ବଢ଼ି ଚାଲିଛି । ନିଯୁକ୍ତି ସମସ୍ୟା ଦାରିଦ୍ର୍ୟ ନିରାକରଣ ସେ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ବେକାରୀମାନଙ୍କର କାର୍ଯ୍ୟକରିବାର ସାମର୍ଥ୍ୟ ଥାଇ ମଧ ସେମାନେ ନିଯୁକ୍ତି ପାଇପାରୁ ନାହାଁନ୍ତି । ଶ୍ରମ ନିଯୁକ୍ତିର ସ୍ତର ଉଚ୍ଚତର ହେଲେ ଜାତୀୟ ଆୟରେ ଶ୍ରମିକ ଶ୍ରେଣୀର ଭାଗିଦାରି ବୃଦ୍ଧି ହୋଇଥାଏ । ଫଳରେ ସେମାନଙ୍କର ଜୀବନଧାରଣ ମାନରେ ଅଭିବୃଦ୍ଧି ଘଟିଥାଏ । ଅନ୍ୟପକ୍ଷରେ ବ୍ୟାପକ ବେକାରୀ ଦାରିଦ୍ର୍ୟ ନିରାକରଣରେ ପ୍ରତିବନ୍ଧକ ସୃଷ୍ଟି କରିଥାଏ । ମନ୍ଥର ଅର୍ଥନୀତିକ ଅଭିବୃଦ୍ଧି, ସ୍ୱଳ୍ପ ବିକଶିତ ଔଦ୍ୟୋଗି କ୍ଷେତ୍ର, ତ୍ରୁଟିପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥା, ଅନଗ୍ରସର କୃଷି ଓ ଜନସଂଖ୍ୟାର ଚାପ ପ୍ରଭୃତି ବେକାରୀର ମୁଖ୍ୟ କାରଣଗୁଡ଼ିକ । ଫସଲ ଅମଳ ପରେ ପରବର୍ତ୍ତୀ ମୌସୁମୀ ପ୍ରବାହ ପର୍ଯ୍ୟନ୍ତ ଜମି ପଡ଼ିଆ ରହେ । ଫଳରେ କୃଷିକାର୍ଯ୍ୟରେ ନିୟୋଜିତ ଶ୍ରମିକ ବେକାର ହୋଇଥାନ୍ତି । ଭାରତରେ ୨୦୧୦ ମସିହା ଶେଷସୁଧା ୪୩ କୋଟିରୁ ଅଧିକ ଶ୍ରମଶକ୍ତି ଥିଲା । ଶ୍ରମଶକ୍ତି କହିଲେ ୧୫ ବର୍ଷରୁ ୫୯ ବର୍ଷ ବୟସ ସୀମା ମଧରେ ଥିବା ବ୍ୟକ୍ତିମାନଙ୍କୁ ବୁଝାଏ ଯେଉଁମାନେ କାମ କରିବାକୁ ସକ୍ଷମ ଅଟନ୍ତି । ଦୈନିକ ଭିତ୍ତିରେ ପ୍ରାୟ ୩ ରୁ ୪ କୋଟି ବା ଶ୍ରମଶକ୍ତି ପ୍ରତିଶତ ଲୋକଙ୍କର ପାଖରେ କିଛି ନିଯୁକ୍ତି ନଥାଏ ।

## ୨୧.୨ ବେକାରୀ ସମସ୍ୟା ସମାଧାନ ଓ ଦାରିଦ୍ର୍ୟ ନିରାକରଣ କାର୍ଯ୍ୟକ୍ରମ



ଟିପ୍ପଣୀ

ସରକାର ଦାରିଦ୍ର୍ୟ ଓ ବେକାରୀ ସମସ୍ୟାର ସମାଧାନ ପାଇଁ କ'ଣ କ'ଣ କରିଛନ୍ତି ? ଗରିବ ଲୋକମାନଙ୍କୁ ଅଧିକ ନିଯୁକ୍ତି ସୁଯୋଗ ଦେବା ସଙ୍ଗେ ସଙ୍ଗେ ସେମାନଙ୍କୁ ଉତ୍ପାଦନକ୍ଷମ ପରି ସମ୍ପତ୍ତି ହସ୍ତାନ୍ତରକରି ଦାରିଦ୍ର୍ୟରେଖା ଉପରକୁ ଉଠାଇବା ପାଇଁ ଭାରତ ସରକାର ସ୍ୱାଧୀନତାପରଠାରୁ କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରିବାର ଆବଶ୍ୟକତା ଉପଲବ୍ଧି କରିଛନ୍ତି । ସେହିପରି ବେକାରୀ ହାର ଯେପରି ଆୟତ ଭିତରେ ରହିବ ସେଥିପାଇଁ ସରକାର ନିଯୁକ୍ତି ଭିତ୍ତିକ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଦାରିଦ୍ର୍ୟ ନିରାକରଣ ପାଇଁ ସ୍ୱତନ୍ତ୍ର ନିଯୁକ୍ତି କାର୍ଯ୍ୟକ୍ରମ ମଧ୍ୟରୁ ନିମ୍ନରେ ପ୍ରମୁଖ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଛି ।

### ୧. ମହାତ୍ମାଗାନ୍ଧି ଜାତୀୟ ଗ୍ରାମାଞ୍ଚଳ ନିଯୁକ୍ତି ଗ୍ୟାରେଣ୍ଟି ଯୋଜନା

ଏହି ଯୋଜାନାରେ ଗ୍ରାମାଞ୍ଚଳର ପ୍ରତି ପରିବାରର ଜଣକ ବର୍ଷକର ୧୦୦ ଦିନ ନିଶ୍ଚିତ ନିଯୁକ୍ତି ଯୋଗାଇ ଦିଆଯିବ । ଏଥିରେ ଅଣକୁଶଳୀ ହସ୍ତ କାର୍ଯ୍ୟର ପ୍ରକୃତି ଉପରେ ପର୍ଯ୍ୟବେଶିତ । ୨୦୦୬ ମସିହା ଫେବୃୟାରୀ ମାସରୁ ଖାଦ୍ୟ ପାଇଁ କାମ ଅଧୀନରେ ଥିବା ଦେଶର ୧୫୦ ଜିଲ୍ଲା ସମେତ ୨୦୦ଟି ପଛୁଆ ଜିଲ୍ଲାରେ ଏହି ଯୋଜନା କାର୍ଯ୍ୟକାରୀ ହେଲା । ୨୦୦୭–୦୮ ବଜେଟ୍ ପ୍ରସ୍ତାବରେ ଏହି ଯୋଜନାକୁ ୩୩୦ ଜିଲ୍ଲାକୁ ସଂପ୍ରସାରଣ କରାଯାଇଛି । ଗ୍ରାମାଞ୍ଚଳରେ ଥିବା ପରିବାର ପ୍ରାପ୍ତ ସଦସ୍ୟଙ୍କୁ ଦୈନିକ ମଜୁରୀ ହାରରେ ୧୦୦ ଦିନ ଶ୍ରମ ଯୋଗାଇ ଦିଆଯିବ । ୨୦୧୦ ମସିହା ଶେଷସୁଦ୍ଧା ପ୍ରାୟ ୪.୧ କୋଟି ଲୋକ ଏହି ଯୋଜନା ଦ୍ୱାରା ଲାଭବାନ୍ ହୋଇଛନ୍ତି । ଓଡ଼ିଶାର ସବୁ ଜିଲ୍ଲାକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ୨୦୧୧–୧୨ ବଜେଟ୍‌ରେ ଏହି ଯୋଜନା ପାଇଁ ୪୦,୧୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିଲା ।

### ୨. ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନା

ସ୍ୱର୍ଣ୍ଣ ଜୟନ୍ତି ଗ୍ରାମ ସ୍ୱରୋଜଗାର ଯୋଜନା ୧୯୯୯ ମସିହାରେ କାର୍ଯ୍ୟକାରୀ କରାଗଲା । ଏହି ଯୋଜନା ଗ୍ରାମାଞ୍ଚଳର ଦରିଦ୍ର ଲୋକମାନଙ୍କ ପାଇଁ ଏକ ଆତ୍ମନିଯୁକ୍ତି ଯୋଜନା ମାଧ୍ୟମରେ ଆୟ ସୃଷ୍ଟି କରିବାର ଏକ କାର୍ଯ୍ୟକ୍ରମ ଏହି ଯୋଜନା, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ମହିଳାମାନଙ୍କ ଉପରେ ପ୍ରାଥମିକ ଦୃଷ୍ଟି ଦେଇଥାଏ । ବ୍ଲକ ସ୍ତରରେ ଆତ୍ମ ସହାୟତା ଦଳ ଗଠନ କରିବାର ବ୍ୟବସ୍ଥା କରାଯାଇଛି ଏବଂ ମହିଳାମାନଙ୍କର ଦଳ ମୋଟ ଦଳର ୫୦ ପ୍ରତିଶତ ରହିବାର ବ୍ୟବସ୍ଥା କରାଯାଇଛି । ବ୍ୟକ୍ତିଗତ ହିତାଧିକାରୀଙ୍କୁ ୩୦ ପ୍ରତିଶତ ଓ ତଫସିଲଭୁକ୍ତ ଜାତି ଓ ଉପଜାତିଙ୍କ କ୍ଷେତ୍ରରେ ୫୦ ପ୍ରତିଶତ ସବ୍‌ସିଡ଼ି ଦେବାର ବ୍ୟବସ୍ଥା ରହିଛି । ଏହି ଯୋଜାନ ମୁଖ୍ୟତଃ ସ୍ୱରୋଜଗାରି ବା ଯେଉଁ ଲୋକମାନେ ନିଜ କାମ ନିଜେ କରନ୍ତି ସେମାନଙ୍କ ଦକ୍ଷତା ବୃଦ୍ଧି ପାଇଁ କରାହୋଇଛି । ସେମାନଙ୍କୁ ସମକ୍ଷମ କରିବା ପାଇଁ ଗ୍ରାମାଞ୍ଚଳ ସ୍ୱରୋଜଗାରି ତାଲିମ୍ ଅନୁଷ୍ଠାନ ପ୍ରତ୍ୟେକ ଜିଲ୍ଲାରେ ସୃଷ୍ଟି କରାହୋଇଛି । ପ୍ରାୟ ୭୭୦୦୦ ଗ୍ରାମୀଣ ଯୁବକ ଏହି ଅନୁଷ୍ଠାନ ଭିତରେ ଡିସେମ୍ବର୨୦୧୦ ମସିହାସୁଦ୍ଧା ତାଲିମ୍ ନେଇଛନ୍ତି ।

### ୩. ସ୍ୱର୍ଣ୍ଣ ଜୟନ୍ତୀ ସହରୀ ରୋଜଗାର ଯୋଜନା

ସ୍ୱାଧୀନତାର ସ୍ୱର୍ଣ୍ଣ ଜୟନ୍ତୀ ବର୍ଷ ଅର୍ଥାତ୍ ୧୯୯୭ ମସିହାରେ ସହରାଞ୍ଚଳର ବେକାର ଓ ଅର୍ଦ୍ଧ ବେକାର ଦରିଦ୍ର ଲୋକମାନଙ୍କୁ କାମଧନ୍ଦା ଯୋଗାଇଦେବା ପାଇଁ ଏହି ଯୋଜନାର ଶୁଭାରମ୍ଭ ହୋଇଥିଲା । ତାପରେ ୨୦୦୯ ମସିହାର କେତୋଟି ନୂତନ ପଦକ୍ଷେପ ନିଆଯାଇଛି । ସେଗୁଡ଼ିକ ନିମ୍ନରେ ଦିଆଯାଇଛି ।

(କ) ଆତ୍ମନିଯୁକ୍ତି କାର୍ଯ୍ୟକ୍ରମ

(ଖ) ସହରାଞ୍ଚଳ ମହିଳାମାନଙ୍କ ପାଇଁ ଯୋଜନା

(ଗ) ସହରୀ ଦରିଦ୍ରଙ୍କ ପାଇଁ ତାଲିମ୍‌ର କାର୍ଯ୍ୟକ୍ରମ

(ଘ) ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମ

(ଙ) ମଜୁରି ଭିତ୍ତିକ ନିଯୁକ୍ତି କାର୍ଯ୍ୟକ୍ରମ

୨୦୧୧–୧୨ ବଜେଟ୍‌ରେ ଏହି କାର୍ଯ୍ୟକ୍ରମ ପାଇଁ ୫୦୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା । ପ୍ରାୟ ୬ ଲକ୍ଷ ୫୦ ହଜାରରୁ ଊର୍ଦ୍ଧ୍ୱ ସହରାଞ୍ଚଳରେ ଥିବା ପରିବାର ଏହି ଯୋଜନାରୁ ଲାଭବାନ ହୋଇଛନ୍ତି ।

## ପାଠଗତ ପ୍ରଶ୍ନାବଳୀ ୨୧.୧

୧. ଗ୍ରାମାଞ୍ଚଳରେ ଦରିଦ୍ରରେଖା କିପରି ନିର୍ଦ୍ଧାରଣ କରାଯାଇଅଛି ?

୨. ଭାରତ ଜନସଂଖ୍ୟାରେ ଶ୍ରମଶକ୍ତି କେତେ ?

୩. ସହରାଞ୍ଚଳ ଦାରିଦ୍ର୍ୟ ନିରାକରଣ ଯୋଜନାର ନାମ ଲେଖ ?

## ୨୧.୩ ଶିକ୍ଷାର ବ୍ୟବସ୍ଥା

ଆମ ଦେଶର ଆଉ ଏକ କଷ୍ଟକର ବ୍ୟାପାର ହେଲା ସବୁ ନାଗରିକମାନଙ୍କୁ ଶିକ୍ଷିତ କରାଇବା । ଜନଗଣନା ୨୦୧୧ ଅନୁଯାୟୀ ଭାରତର ସାକ୍ଷରତା ହାର ୭୪.୦୪ ପ୍ରତିଶତ ଥିଲା । ତାହା ମଧ୍ୟରୁ ପୁରୁଷ ସାକ୍ଷରତା ହାର ୮୨.୧୪ ପ୍ରତିଶତ ଥିଲାବେଳେ ମହିଳା ସ୍ୱାକ୍ଷରତା ହାର ୬୫.୪୬ ପ୍ରତିଶତ ଥିଲା ।

ଭାରତ ସରକାରଙ୍କ ଦ୍ୱାରା ଶିକ୍ଷା ଯୋଗାଇବା ପାଇଁ ନିମ୍ନରେ ଦିଆଯାଇଥିବା ଯୋଜାନା :

### ୧. ପିଲାମାନଙ୍କ ପାଇଁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଆଇନ୍ ୨୦୦୯

ଭାରତ ସରକାର ୬ ରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଶିକ୍ଷା ବ୍ୟବସ୍ଥାକୁ ଏକ ମୌଳିକ ଅଧିକାର ବୋଲି ୨୦୦୯ରେ ଭାରତୀୟ ସମ୍ବିଧାନରେ ନିର୍ଦ୍ଦେଶ ଦିଆଗଲା । ଏହି ଆଇନ ସମଗ୍ର ଦେଶରେ ଏପ୍ରିଲ୍ ପହିଲା ୨୦୧୦ରୁ କାର୍ଯ୍ୟକାରୀ ହେଉଅଛି । ତେଣୁ ବର୍ତ୍ତମାନ ୬ ରୁ ୧୪ ବର୍ଷ ବୟସ ଗୋଷ୍ଠୀର ପିଲାମାନଙ୍କ ପାଇଁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଦାବି କରିହେବ । ସରକାର ଏହା କରିବା ପାଇଁ ବାଧ୍ୟ ହେବେ । ଏହି ଅନୁଯାୟୀ ସରକାର ଆବଶ୍ୟକ ଅନୁସାରେ ଅଧିକ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରତିଷ୍ଠା କରିବା ସହିତ ଅଧିକ ସଂଖ୍ୟକ ଶିକ୍ଷକ ନିଯୁକ୍ତି ଉପରେ ଗୁରୁତ୍ୱ ଦେଇଛନ୍ତି ।

### ୨. ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ପାଇଁ ଯୋଜନା

ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷାର ବିକାଶ ଓ ପ୍ରସାର ପାଇଁ କିଛି ଗୁରୁତ୍ୱପୂର୍ଣ୍ଣ ଯୋଜନା ନିମ୍ନରେ ଦିଆହୋଇଛି ।





## ସର୍ବଶିକ୍ଷା ଅଭିଯାନ :

କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କର ମିଳିତ ପ୍ରୟାସରେ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ କରାଗଲା । ଏହା ମୁଖ୍ୟତଃ ୬ ରୁ ୧୪ ବର୍ଷ ବୟସ ପିଲାଙ୍କର ଶିକ୍ଷା ଲାଗି ଆରମ୍ଭ କରାଗଲା । ଶିକ୍ଷା ଅଧିକାର ଆଇନ୍‌କୁ ଦୃଷ୍ଟିରେ ରଖି ଏହି ସର୍ବଶିକ୍ଷା ଅଭିଯାନରେ କେତୋଟି ସଂଶୋଧନ କରାଗଲା । ଏହାର ଉଦ୍ଦେଶ୍ୟ ହେଉଛି –

(କ) ସବୁ ପିଲାମାନଙ୍କର ବିଦ୍ୟାଳୟରେ ନାମଲେଖା ।

(ଖ) ଉଚ୍ଚ ପ୍ରାଥମିକ ସ୍ତର ପୂର୍ବରୁ ପିଲାମାନେ ଯେପରି ପାଠପଢ଼ା ନଛାଡ଼ିବେ ।

(ଗ) 'ବିଦ୍ୟାଳୟକୁ ଫେରିଚାଲ' ପାଇଁ ପ୍ରୋତ୍ସାହନ ଦେବା ।

(ଘ) ଶିକ୍ଷା ନିଶ୍ଚିତ କେନ୍ଦ୍ରର ନିର୍ମାଣ କରିବା ।

(ଙ) ଜାତି, ଲିଙ୍ଗ ଯୋଗୁଁ ଉପୁଜୁଥିବା ଭେଦଭାବକୁ ବନ୍ଦ କରିବା

ସେପ୍ଟେମ୍ବର ୨୦୧୦ ମସିହା ସୁଦ୍ଧା ପାଖାପାଖି ୩୦୯,୭୨୭ ନୂଆ ବିଦ୍ୟାଳୟ ଖୋଲାଯାଇଥିଲା । ଏହି ମଧ୍ୟରେ ପ୍ରାୟ ୧୧ ଲକ୍ଷରୁ ଅଧିକ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥିଲା ଏବଂ ପ୍ରାୟ ୯ କୋଟି ପିଲାମାନଙ୍କ ବହିପତ୍ର ଦିଆଯାଇସାରିଲାଣି ।

ନାରୀ ଶିକ୍ଷାର ପ୍ରସାର ପାଇ ପ୍ରାଥମିକ ସ୍ତରରେ ବାଳିକାମାନଙ୍କ ଶିକ୍ଷା ପାଇଁ ପ୍ରାଥମିକ ଜାତୀୟ ନାରୀ ଶିକ୍ଷା ଯୋଜନା ଯାହାକି ସର୍ବଶିକ୍ଷା ଅଭିଯାନର ଗୋଟିଏ ମହତ୍ୱପୂର୍ଣ୍ଣ ଅଙ୍ଗ ଏହି ଯୋଜନା ଅନୁଯାୟୀ ନିର୍ଦ୍ଦିଷ୍ଟ କେତୋଟି ଜାଗାରେ ବାଳିକାମାନଙ୍କ ଶିକ୍ଷା ନିମିତ୍ତ''ଉନ୍ନତ ବିଦ୍ୟଳୟମାନ'' ସ୍ଥାପନ କରାଯାଉଅଛି । ମାଗଣାରେ ପଠପଢ଼ା ଜିନିଷ ଓ ବିଦ୍ୟାଳୟ ନିମିତ୍ତ ପୋଷାକ ବାଳିକାମାନଙ୍କୁ ଯୋଗାଇ ଦିଆଯାଉଛି । ଏହି ଯୋଜନାରେ ଶିକ୍ଷକମାନଙ୍କୁ ମଧ୍ୟ ସ୍ୱତନ୍ତ୍ର ତାଲିମ୍ ମଧ୍ୟ ଦିଆଯାଇଥାଏ ।

ସର୍ବଶିକ୍ଷା ଅଭିଯାନ ମଧ୍ୟରେ ବାଳିକାମାନଙ୍କ ପାଇଁ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଖୋଲାଯାଇଛି, ଯେଉଁ ବିଦ୍ୟାଳୟଗୁଡ଼ିକ ବାସସ୍ଥାନ ଓ ବିଦ୍ୟାଳୟ ଉଭୟର କାମ କରୁଛି । କସ୍ତୁରବା ଗାନ୍ଧି ବିଦ୍ୟାଳୟଗୁଡ଼ିକରେ ନାମ ଲେଖାଇଥିବା ୭୫ ପ୍ରତିଶତ ବାଳିକା ବିଦ୍ୟାର୍ଥି ତଫସିଲଭୁକ୍ତ ଜାତି ଓ ଉପଜାତିଙ୍କ କ୍ଷେତ୍ରରେ ଅଛନ୍ତି । ବାଳିକା ୨୫ ପ୍ରତିଶତ ଦାରିଦ୍ର୍ୟ ରେଖାତଳେ ଥିବା ପରିବାରରୁ ଆସିଛନ୍ତି । ୨ ଲକ୍ଷରୁ ଉର୍ଦ୍ଧ୍ୱ ବାଳିକାମାନେ ମାର୍ଚ୍ଚମାସ ୨୦୧୦ ସୁଦ୍ଧା କସ୍ତୁରବା ଗାନ୍ଧୀ ବିଦ୍ୟାଳୟରେ ନାମ ଲେଖାଇଛନ୍ତି ।

## ବିଦ୍ୟାଳୟଗୁଡ଼ିକରେ ମଧ୍ୟାହ୍ନ ଭୋଜନ ପାଇଁ ଜାତୀୟ ଯୋଜନା

ପିଲାମାନଙ୍କୁ ବିଦ୍ୟାଳୟ ଆଡ଼କୁ ଆକୃଷ୍ଟ କରିବା ପାଇଁ ଓ ପାଠପଢ଼ା ଛାଡ଼ିବା ପ୍ରବୃତ୍ତିକୁ ରୋକିବା ପାଇଁ ସରକାର ସ୍କୁଲରେ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା ଲାଗୁକରିଛନ୍ତି । ପିଲାମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେବା ହିଁ ହେଉଛି ଏହା ପଛରେ ମୂଳ ଉଦ୍ଦେଶ୍ୟ । ବିଭିନ୍ନ ବର୍ଗର ପିଲାମାନେ ଏକସାଙ୍ଗରେ ଭୋଜନ କରିଥାନ୍ତି । ଯାହାକି ପରସ୍ପର ଭିତରେ ସ୍ନେହ ଶ୍ରଦ୍ଧା ବଢ଼ାଇଥାଏ । ୨୦୦୯–୧୦ ମସିହା ସୁଦ୍ଧା ୧୪ କୋଟିରୁ ଉର୍ଦ୍ଧ୍ୱ ପିଲାମାନେ ଏହି ଯୋଜନା ଦ୍ୱାରା ଲାଭବାନ୍ ହୋଇଛନ୍ତି ।





## ରାଷ୍ଟ୍ରୀୟ ମାଧ୍ୟମିକକ ଶିକ୍ଷା ଅଭିଯାନ

ମାଧ୍ୟମିକ ଶିକ୍ଷାର ପ୍ରସାର ଓ ଗୁଣାତ୍ମକ ବିକାଶ ପାଇଁ ଏକ ନୂତନ କେନ୍ଦ୍ରୀୟ ପରିଯୋଜନା ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ ୨୦୦୯ ମାର୍ଚ୍ଚ ମାସରୁ ଆରମ୍ଭ କରାଯାଇଛି । ଏହି ଯୋଜନାର ବ୍ୟୟ କେନ୍ଦ୍ର ଓ ରାଜ୍ୟ ସରକାର ଯଥାକ୍ରମେ ୭୫:୨୫ ଅନୁପାତରେ ବହନ କରନ୍ତି । ଉତ୍ତରପୂର୍ବ ରାଜ୍ୟମାନଙ୍କ ପାଇଁ ଏହି ଅନୁପାତ ୯୦:୧୦ ପ୍ରତିଶତ ନିର୍ଦ୍ଧାରିତ ହୋଇଛି । ଏହି ଯୋଜନା କେନ୍ଦ୍ର ସରକାର ଓ ରାଜ୍ୟସରକାର ମିଳିତ ବ୍ୟୟ ଅନୁସାରେ ଏହି କାର୍ଯ୍ୟକ୍ରମ ଚାଲିଅଛି ।

## ମାଧ୍ୟମିକ ସ୍ତରରେ ଭିନ୍ନକ୍ଷମମାନଙ୍କ ପାଇଁ ଅନ୍ତର୍ନିବେଶୀ ଶିକ୍ଷା

ଯେଉଁ ପିଲାମାନଙ୍କର ସ୍ୱତନ୍ତ୍ର ସାହାଯ୍ୟ ଦରକାର ଯେପରିକି ଭିନ୍ନକ୍ଷମମାନଙ୍କ ପାଇଁ ସରକାର ଏହି ମାଧ୍ୟମିକ ସ୍ତରରେ ଭିନ୍ନକ୍ଷମମାନଙ୍କ ପାଇଁ ଅନ୍ତର୍ନିବେଶୀ ଯୋଜନା ୨୦୦୯–୧୦ ମସିହାରେ କାର୍ଯ୍ୟକାରୀ କରିଥିଲେ । ଏହି ଯୋଜନାରେ ଭିନ୍ନକ୍ଷମ ପିଲାଙ୍କର ଶ୍ରେଣୀ ନବମ ଓ ଦଶମ ଶ୍ରେଣୀରେ ପାଠପାଇଁ ଦରକାର ହେଉଥିବା ୧୦୦ ପ୍ରତିଶତ କେନ୍ଦ୍ରୀୟ ସାହାଯ୍ୟ ଯୋଗାଇ ଦେବାର ବ୍ୟବସ୍ଥା ରହିଛି ।

## ସାକ୍ଷର ଭାରତ

ଦେଶର ନିରକ୍ଷରତା ଦୂର କରିବା ପାଇଁ ୧୫ ବର୍ଷରୁ ୩୫ ବର୍ଷ ବୟସ ଗୋଷ୍ଠୀର ଲୋକଙ୍କ ପାଇଁ ସରକାର ନିଜର 'ଜାତୀୟ ସାକ୍ଷରତା ମିଶନ'କୁ ସଂଶୋଧିତ କରି 'ସାକ୍ଷର ଭାରତ ଯୋଜନା' ଆରମ୍ଭ କରିଛନ୍ତି । ଏହା ମହିଳା ସାକ୍ଷରତା ହାର ବୃଦ୍ଧି ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି ।

## ଉଚ୍ଚଶିକ୍ଷା ଓ ବୈଷୟିକ ଶିକ୍ଷାର ପ୍ରସାର ପାଇଁ ଯୋଜନା

ବିଦ୍ୟାଳୟରୁ ବାହାରି ଯେତେବେଳେ ପିଲାମାନେ ବିଶ୍ୱବିଦ୍ୟାଳୟରେ ଏବଂ ବୈଷୟିକ ଶିକ୍ଷା ପଢ଼ିବେ ଉଚ୍ଚଶିକ୍ଷା ଆରମ୍ଭ ହେବ । ଉଚ୍ଚ ଓ ବୈଷୟିକ ଶିକ୍ଷା କହିଲେ ଆମେ, କଳା, ବିଜ୍ଞାନ, ସାମାଜିକ ବିଜ୍ଞାନ, ଇଞ୍ଜିନିୟରିଂ, ଚିକିତ୍ସା, ସୂଚନା ବିଦ୍ୟା ଅନ୍ୟାନ୍ୟରେ ସ୍ନାତକ ବା ଡିଗ୍ରୀକୁ ବୁଝାଇଥାଏ । ମାନବୀୟ ପୁଞ୍ଜି ଗଠନରେ ଓ ଆନ୍ତର୍ଜାତୀୟ ସ୍ତରରେ ନିଜ ଦେଶର ପ୍ରତିଷ୍ଠା କରିବାରେ ବୈଷୟିକ ଓ ଉଚ୍ଚଶିକ୍ଷାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ନିମ୍ନଲିଖିତ ପଦକ୍ଷେପ ଭାରତ ସରକାର ଉଚ୍ଚଶିକ୍ଷା ଓ ବୈଷୟିକ ଶିକ୍ଷାର ପ୍ରସାର ନିମନ୍ତେ ନେଉଛନ୍ତି ।

୧. ଏକାଦଶ ଯୋଜନାରେ ୮ଟି ନୂତନ ବିଶ୍ୱବିଦ୍ୟାଳୟ, ୧୦ଟି ନୂତନ ଇଞ୍ଜିନିୟରିଂ କଲେଜ, କେନ୍ଦ୍ରୀୟ ସରକାର ରାଜ୍ୟ ସରକାରଙ୍କର ସାହାଯ୍ୟରେ ସ୍ଥାପନ କରାହେବାର ଲକ୍ଷ୍ୟ ରହିଛି ।

୨. ନୂତନ ଉନ୍ନୀତ ମହାବିଦ୍ୟାଳୟ ଦେଶର ଶିକ୍ଷା କ୍ଷେତ୍ରରେ ଥିବା ପଛୁଆ ଜିଲ୍ଲାଗୁଡ଼ିକରେ ସ୍ଥାପନ କରାହେବ।

୩. ସୂଚନା ବୈଷୟିକ ଶିକ୍ଷାର ପ୍ରସାର ପାଇଁ ୨୦ଟି ଭାରତୀୟ ସୂଚନା ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନ ସ୍ଥାପନା କରାହେବାର ନିର୍ଣ୍ଣୟ ରହିଛି ।

୪. ଜାତୀୟ ବୈଷୟିକ ପ୍ରତିଷ୍ଠାନ ଓ ଭାରତୀୟ ବୈଷୟିକ ପ୍ରତିଷ୍ଠାନ ଭଳି ଆହୁରି ଇଞ୍ଜିନିୟରିଂ କଲେଜର ନିର୍ମାଣ କରାହେବ ଯାହାକି ଭାରତର ବିଭିନ୍ନ ସ୍ଥାନରେ ୨୦୧୧–୧୨ ସୁଦ୍ଧା କାର୍ଯ୍ୟକାରୀ କରାଯିବ ।

୫. ବିଜ୍ଞାନ ଶିକ୍ଷାର ଓ ଗବେଷଣାର ପ୍ରସାର ପାଇଁ କେନ୍ଦ୍ର ସରକାର ୫ଟି ଭାରତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ ଆମ ଦେଶର ବିଭିନ୍ନ ସ୍ଥାନରେ ପ୍ରତିଷ୍ଠା କରାଯାଇଛି ।

୬. ଶେଷରେ ଏକାଦଶ ଯୋଜନାରେ ପାଞ୍ଚୋଟି ନୂତନ ଜାତୀୟ ପରିଚାଳନା ପ୍ରତିଷ୍ଠାନଗୁଡ଼ିକ କାର୍ଯ୍ୟକାରୀ ହୋଇଛି ଏବଂ ୨୦୧୧-୧୨ ସୁଦ୍ଧା ଆଉ ଦୁଇଟିକୁ କାର୍ଯ୍ୟକାରୀ କରାହେବ ।



ଟିପ୍ପଣୀ

## ପାଠଗତ ପ୍ରଶ୍ନାବଳୀ ୨୧.୨

୧. ସର୍ବଶିକ୍ଷା ଅଭିଯାନର ତିନୋଟି ମୁଖ୍ୟ ଉଦ୍ଦେଶ୍ୟ ବର୍ଣ୍ଣନା କର ।

୨. ବାଳିକାମାନଙ୍କର ଶିକ୍ଷା ପାଇଁ କିଛି ପରାମର୍ଶ ଦିଅ ?

୩. ମଧ୍ୟାହ୍ନ ଭୋଜନର ଏକ ସୁବିଧା ଲେଖ ?

## ୨୧.୪ ସ୍ୱାସ୍ଥ୍ୟସେବାର ବିକାଶ

ଆମ ଦେଶର ସବୁ ଲୋକଙ୍କୁ ସ୍ୱାସ୍ଥ୍ୟ ସେବାର ସୁବିଧା ଯୋଗାଇଦେବା ହେଉଛି ଆମ ସରକାରଙ୍କ ପାଇଁ ଆଉ ଏକ କଷ୍ଟକର ବ୍ୟାପାର । ଅବହେଳିତ ଚିକିତ୍ସା ବ୍ୟବସ୍ଥା ଯୋଗୁଁ ୧୦୦,୦୦୦ରୁ ୨୫୪ ମହିଳା ପ୍ରସବବେଳେ ମୃତ୍ୟୁବରଣ କରିଥାନ୍ତି । ଏହାକୁ ମାତୃ ମୃତ୍ୟୁହାର ବୋଲି କୁହାଯାଏ । ୧୦୦୦ ରୁ ୫୦ ନବଜାତ ଶିଶୁମାନେ ନିଜ ଜନ୍ମ ସମୟରେ ହିଁ ମୃତ୍ୟୁବରଣ କରିଥାଆନ୍ତି । ଏହାକୁ ନବଜାତ ଶିଶୁ ମୃତ୍ୟୁହାର ବୋଲି କୁହାଯାଏ । ୧୦୦୦ ରୁ ୧୫ଟି ପିଲା (୪ ବର୍ଷର ସମାପ୍ତି ପୂର୍ବରୁ) ହିଁ ମୃତ୍ୟୁବରଣ କରିଥାଆନ୍ତି । ଏହାକୁ ଶିଶୁ ମୃତ୍ୟୁହାର ବୋଲି କୁହାଯାଏ । କିନ୍ତୁ ଏହା ଦେଶର ଦୁଃଖଦ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ବୁଝାଇଥାଏ । ଆମ ଦେଶରେ ବହୁ ଗ୍ରାମ ଓ ପଛୁଆ ଅଞ୍ଚଳ ଅଛି । କିନ୍ତୁ ଏହି ସବୁ ଅଞ୍ଚଳରେ ଆମ ସହର ଭଳି ସ୍ୱାସ୍ଥ୍ୟସେବା ପହଞ୍ଚି ପାରି ନାହିଁ । ଏହିସବୁ ଅଞ୍ଚଳରେ ଅଧିକ ସ୍ୱସ୍ଥ୍ୟ କେନ୍ଦ୍ର ବା ଡାକ୍ତରଖାନା ଓ ରୋଗୀମାନଙ୍କର ସମସ୍ୟା ବୁଝିବା ପାଇଁ ଡାକ୍ତର ନାହାଁନ୍ତି ।

୨୦୧୦-୧୧ ମସିହାରେ ସରକାରଙ୍କର ମୋଟ ବ୍ୟୟରୁ ମାତ୍ର ୫ ପ୍ରତିଶତ ବ୍ୟୟ ସ୍ୱାସ୍ଥ୍ୟସେବା ଉପରେ କରାଯାଇଛି ଯାହାକି ଆମ ଜାତୀୟ ଆୟର ମାତ୍ର ୧.୨୭ ପ୍ରତିଶତ । ଏହିପରିକି ଆମର ପଡ଼ୋଶୀ ରାଜ୍ୟ ଶ୍ରୀଲଙ୍କା ଭାରତ ଅପେକ୍ଷା ସ୍ୱାସ୍ଥ୍ୟ ସେବାରେ ମୁଣ୍ଡପିଛା ଅଧିକ ବ୍ୟୟ କରିଥାଏ ।

ସ୍ୱାସ୍ଥ୍ୟସେବା ସୁବିଧା ଯୋଗାଇଦେବାରେ ସରକାରଙ୍କର ଭୂମିକା ନିମ୍ନରେ ଦିଆହୋଇଛି –

### ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ

ଗ୍ରାମ ଓ ସହର ସ୍ୱାସ୍ଥ୍ୟ ସେବାରେ ଥିବା ବୈଷମ୍ୟକୁ ଦୂରକରି ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଅଧିକ ପରିବ୍ୟାପ୍ତ ଓ ଉନ୍ନତ କରିବା ଉଦ୍ଦେଶ୍ୟରେ "ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ" ନାମରେ ଏକ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ ୨୦୦୫ ଏପ୍ରିଲ ମାସରୁ ଆରମ୍ଭ କରାଯାଇଛି । ଏହାର ମୁଖ୍ୟ ଲକ୍ଷ୍ୟ ହେଉଛି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଯୋଜନାକୁ ଆହୁରି ଶକ୍ତିଶାଳୀ କରିବା ଓ ମ୍ୟାଲେରିଆ, କଳାଆଜାର, ଯକ୍ଷ୍ମା, କୁଷ୍ଟ, ଅନ୍ଧ ।ରକଣା ପରି ରୋଗର ନିୟନ୍ତ୍ରଣ କରିବା ।

ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ପ୍ରାଥମିକ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବା, ଜନସଂଖ୍ୟା ଅନୁଯାୟୀ ନୂତନ ଭିତ୍ତିଭୂମି ପାଇଁ ଅର୍ଥ ମଞ୍ଜୁର କରିବା, ଜଣେ ଡାକ୍ତର ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଦୁଇ ଡାକ୍ତର କେନ୍ଦ୍ରରେ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛି ।

ସେପ୍ଟେମ୍ବର ମାସ ୨୦୧୦ ମସିହା ସୁଦ୍ଧା ପ୍ରାୟ ୮ ଲକ୍ଷ ସ୍ୱାସ୍ଥ୍ୟ କର୍ମୀଙ୍କୁ ସ୍ୱାସ୍ଥ୍ୟସେବା ଉପରେ ତାଲିମ୍ ଦିଆସରିଲାଣି ୯ ହଜାରରୁ ଉର୍ଦ୍ଧ୍ୱ ଡାକ୍ତର ଏବଂ ୨୬ ହଜାର ନର୍ସଙ୍କୁ ଚୁକ୍ତି ଭିତ୍ତିରେ ନିଯୁକ୍ତି ଦିଆହୋଇଛି । ଏହା ମଧ ବହୁ ଚଳନଶୀଳ ସ୍ୱାସ୍ଥ୍ୟ କେନ୍ଦ୍ରର ବ୍ୟବସ୍ଥା ରହିଛି ଯାହା ଘରେ ଘରେ ବୁଲି ସ୍ୱାସ୍ଥ୍ୟ ସେବା ଯୋଗାଉଛି ।

## ଜନନୀ ସୁରକ୍ଷା ଯୋଜନା

ଆନୁଷ୍ଠାନିକ ପ୍ରସବକୁ ପ୍ରୋତ୍ସାହନ ଦେଇ ଦେଶରେ ମାତୃ ମୃତ୍ୟୁହାରକୁ ହ୍ରାସ କରିବା ପାଇଁ ସରକାର 'ଜନନୀ ସୁରକ୍ଷା ଯୋଜନା' ନାମରେ ଏକ ଯୋଜନା ଆରମ୍ଭ କରିଛି ।

## ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜାନା

ଦେଶ ମଧ୍ୟରେ ସ୍ୱାସ୍ଥ୍ୟସେବା ଉପଲବ୍ଧ କ୍ଷେତ୍ରରେ ଅନେକ ବୈଷମ୍ୟ ଦେଖାଦେଇଛି । କିଛି ରାଜ୍ୟରେ ସ୍ୱାସ୍ଥ୍ୟ ସେବା ଉନ୍ନତ ଅଟେ । ସେଠାରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ଯେପରି ଚିକିତ୍ସାଳୟ, ମେଡ଼ିକାଲ କଲେଜର ଭଲ ସୁବିଧା ଅଛି ଯାହାକି ଅନ୍ୟ କେତୋଟି ରାଜ୍ୟରେ ନାହିଁ । ଏଥିପାଇଁ କେତେକ ସ୍ଥାନରେ ସ୍ୱାସ୍ଥ୍ୟ ସେବା ଯୋଗାଣରେ ଆଞ୍ଚଳିକ ବୈଷମ୍ୟ ଦେଖାଦେଇଛି । କେତେକ ସ୍ଥାନରେ ଅତି ଭିଡ଼ ହେବାର ଦେଖାଦେଇଛି । ଉଦାହରଣ ସ୍ୱରୂପ ଦିଲ୍ଲୀସ୍ଥିତ ଅଖିଳ ଭାରତୀୟ ଭେଷଜ ବିଜ୍ଞାନ ପ୍ରତିଷ୍ଠାନ ବିଶ୍ୱସ୍ତରୀୟ ମେଡ଼ିକାଲ ପ୍ରତିଷ୍ଠାନ ଅଟେ । ଯେହେତୁ ଅନ୍ୟ ରାଜ୍ୟ ଏହିଭଳି ଚିକିତ୍ସାଳୟର ଅଭାବ ଅଛି । ବିଭିନ୍ନ ରାଜ୍ୟରୁ ଲୋକମାନେ ଏଠାରେ ଚିକିତ୍ସିତ ହେବା ପାଇଁ ଆସନ୍ତି । ଫଳସ୍ୱରୂପ ଏହା ଭିତରେ ଅତିଭିଡ଼ ହୁଏ ଏବଂ ବହୁ ସମୟ ଧରି ଲୋକମାନଙ୍କୁ ଚିକିତ୍ସା ପାଇଁ ଅପେକ୍ଷା କରିବାକୁ ପଡ଼ିଥାଏ । ଏହାର ନିରାକରଣ ପାଇଁ ସରକାର ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ଆରମ୍ଭ କରିଥିଲେ । ଏହି ଯୋଜନା ଅନୁଯାୟୀ ଅଖିଳ ଭାରତୀୟ ଭେଷଜ ବିଜ୍ଞାନ ପ୍ରତିଷ୍ଠାନ ଭଳି ଛଅଗୋଟି ନୂଆ ମେଡ଼ିକାଲ ପ୍ରତିଷ୍ଠାନ ସ୍ଥାପନ ପାଇଁ କାର୍ଯ୍ୟ ଚାଲିଛି ଏବଂ ୧୨ଟି ମେଡ଼ିକାଲ କଲେଜର ମାନ ସର୍ବଭାରତୀୟ ସ୍ତରକୁ ଉନ୍ନିତ କରାଯାଇଛି ।

## ଜାତୀୟ ଏଡ଼ସ୍ ନିୟନ୍ତ୍ରଣ କାର୍ଯ୍ୟକ୍ରମ

ବିଂଶ ଶତାବ୍ଦୀରେ ସବୁଠାରୁ ମାରାତ୍ମକ ରୋଗ ହିସାବରେ ଏଡ଼ସ୍ କୁଖ୍ୟାତି ଅର୍ଜନ କରିଛି । ୨୦୦୯ ମସିହାରେ ଭାରତରେ ପ୍ରାୟ ୨୪ ଲକ୍ଷ ଲୋକ ଏହି ଏଚ୍ଆଇଭି ଜୀବାଣୁ ଦ୍ୱାରା ଆକ୍ରାନ୍ତ ହୋଇଛନ୍ତି ଯାହାକି ବିଶ୍ୱର ସବୁଠାରୁ ଅଧିକ । ଯେତେବେଳେ ଏଚ୍ଆଇଭି ନାମକ ଏହି ଜୀବାଣୁ ମଣିଷ ଶରୀରକୁ ଆକ୍ରମଣ କରିଥାଏ ଉକ୍ତ ଲୋକର ରୋଗ ପ୍ରତିରୋଧକ ଶକ୍ତି କମିଯାଏ । ଏହିଭଳି ପରିସ୍ଥିତିରେ ଲୋକର ଆରୋଗ୍ୟ ହେବା କଷ୍ଟକର। ଜନସାଧାରଣଙ୍କୁ ଏଡ୍ସର ଭୟାବହତା ସମ୍ପର୍କରେ ଗଣମାଧ୍ୟମକୁ ଶିକ୍ଷା ପ୍ରଦାନ କରିବା ପାଇଁ ଭାରତ ସରକାର ବିଭିନ୍ନ କେନ୍ଦ୍ର ଖୋଲିଛନ୍ତି ।

## ପାଠଗତ ପ୍ରଶ୍ନାବଳୀ ୨୧.୩

୧. ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନର ଆଭିମୁଖ୍ୟ ଲେଖ ।





## ୨୧.୫ ଦରଦାମ୍ ବୃଦ୍ଧିର ନିୟନ୍ତ୍ରଣ

ଲୋକମାନେ ବାଜରରୁ ବିଭିନ୍ନ ଜିନିଷ ବା ଦ୍ରବ୍ୟ ଦର ଦେଇ କିଣିଥାନ୍ତି । ଯଦି ଦରର ବୃଦ୍ଧି ହୁଏ ତେବେ ସେହି ଏକା ଜିନିଷଗୁଡ଼ିକ କିଣିବା ପାଇଁ ଅଧିକ ମୁଦ୍ରା ଦେବାକୁ ପଡ଼ିଥାଏ । ଫଳସ୍ୱରୂପ ମୁଦ୍ରାର ମୂଲ୍ୟ ହ୍ରାସ ପାଏ ଓ ବ୍ୟକ୍ତିଗତ ଭାବେ ଉକ୍ତ ଜିନିଷଠାରୁ ଲଭୁଥିବା ତୃପ୍ତି ବା ଆନନ୍ଦ ମଧ୍ୟ ହ୍ରାସ ପାଏ । ଦରଦାମ ବୃଦ୍ଧି ହେଲେ ତୁମର ଆୟ ଉପରେ କୁପ୍ରଭାବ ପକାଏ, କାରଣ ଆମକୁ ସେତିକି ପରିମାଣର ଦ୍ରବ୍ୟ ଆଣିବା ପାଇଁ ଅଧିକ ଆୟ ବ୍ୟୟ କରିବାକୁ ପଡ଼ିଥାଏ । ଏହା କ୍ରେତାମାନଙ୍କ ନକରାତ୍ମକ ପ୍ରଭାବ ପକାଏ । ଦରଦାମର ବୃଦ୍ଧି କ'ର ପାଇଁ ହୁଏ ? ଏହାର ଏକ ସାଧାରଣ କାରଣ ହେଉଛି ବଜାରରେ ବାସ୍ତବିକ ଭାବରେ ମିଳୁଥିବା ଜିନିଷଗୁଡ଼ିକଠାରୁ ଲୋକମାନଙ୍କର ଆବଶ୍ୟକ ହେଉଥିବା ଜିନିଷଗୁଡ଼ିକଠାରୁ ଅଧିକ ହୁଏ ତେବେ ଏହା ଉକ୍ତ ଦ୍ରବ୍ୟଗୁଡ଼ିକର ଅଭାବ ଦର୍ଶାଏ । ଏହି କାରଣବଶତଃ ଦରଦାମ୍‌ରେ ବୃଦ୍ଧି ଘଟେ । ଯଦି ଯଥେଷ୍ଟ ଉତ୍ପାଦନ ହୋଇନଥିବ ତେବେ ଅଭାବ ଦେଖାଦେବ । ଉଦାହରଣ – ଖାଦ୍ୟଶସ୍ୟର ଉତ୍ପାଦନ ମରୁଡ଼ି ଭଳି ପରିସ୍ଥିତିରେ ହ୍ରାସ ପାଇଥାଏ । ଯଥାଯଥ ଶୀତଳ ଭଣ୍ଡାର ସୁବିଧା ନଥିଲେ ଖାଦ୍ୟ ଜିନିଷ ନଷ୍ଟ ହୁଏ ଓ ଅଭାବ ଦେଖାଦେଇଥାଏ । ଶେଷରେ ବିକ୍ରେତାମାନେ ଯଦି ଦ୍ରବ୍ୟକୁ ଅନୈତିକ ଭାବରେ ଦ୍ରବ୍ୟଗୁଡ଼ିକ ଜମାରଖିବେ ତାହାହେଲେ ମଣିଷକୃତ ଅଭାବ ସୃଷ୍ଟି ହୋଇଥାଏ । ବିକ୍ରେତାମାନେ ଏହା ଦରଦାମ ବୃଦ୍ଧି କରିବା ପାଇଁ ଉଦ୍ଦେଶ୍ୟମୂଳକ କରିଥାନ୍ତି । ଅନୈତିକ ଜମାକାରୀ ମୁଖ୍ୟତଃ ଅତ୍ୟାବଶ୍ୟକ ସାମଗ୍ରୀ ଯଥା – ପିଆଜ, ଚାଉଳ, ଔଷଧ ଭଳି ଜିନିଷ ହୋଇଥାଏ ।

ସରକାର ଦରଦାମ ବୃଦ୍ଧିକୁ ନିୟନ୍ତ୍ରଣ କରିବାରେ ମୁଖ୍ୟ ଭୂମିକା ଅଛି । ଏହା ନିମ୍ନରେ ଉଲ୍ଲେଖ କରାଯାଇଛି –

୧. ଖାଦ୍ୟଶସ୍ୟ ଉତ୍ପାଦର କୌଣସି କ୍ଷତି ନହେବ ପାଇଁ ସମୟ ସମୟରେ ଚାଷୀମାନଙ୍କର ସାହାଯ୍ୟ କରି । ଉଦାହରଣ ସ୍ୱରୂପ ଚାଷୀମାନେ ସରକାରଙ୍କଠାରୁ ନିମ୍ନ ଦରରେ ମଞ୍ଜି, ସାର ଇତ୍ୟାଦି କିଣି ପାରିବେ ।

୨. ଖାଦ୍ୟଶସ୍ୟ ଓ ପନିପରିବାକୁ ରଖିବା ପାଇଁ ଗୋଦାମ ଘର ଓ ଶୀତଳଭଣ୍ଡାର ନିର୍ମାଣ କରିବା ।

୩. ଅତ୍ୟାବଶ୍ୟକ ସାମଗ୍ରୀର ଅନୈତିକ ଜମାକାରି ଉପରେ କଡ଼ା ନଜର ରଖି ଓ ଦୋଷୀମାନଙ୍କୁ ଉଚିତ ଦଣ୍ଡ ଦେବା ।

## ୨୧.୬ ଉଚ୍ଚ ଅର୍ଥନୈତିକ ଅଭିବୃଦ୍ଧି

ସାଧାରଣ ଭାବରେ ଜାତୀୟ ଆୟ ଓ ମୁଣ୍ଡପିଛା ଆୟର ଦ୍ରୁତ ଅଭିବୃଦ୍ଧି ହିଁ ହେଉଛି ଅର୍ଥନୈତିକ ଅଭିବୃଦ୍ଧି । ଏହା ସେତେବେଳେ ସମ୍ଭବପର ହେବ ଯେତେବେଳେ ଭାରତର କୃଷି ଓ ଶିଳ୍ପ ଉତ୍ପାଦନର ପ୍ରଗତି ହେବ । ଏହା ସହିତ ସେବା କ୍ଷେତ୍ରରେ ମଧ୍ୟ ଚାହିଦା ଅନୁଯାୟୀ ବିକାଶ ହେବା । ଏହି ଦିଗରେ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପଗୁଡ଼ିକ ନିମ୍ନରେ ଦିଆହୋଇଛି ।

୧. ଭାରତର ଦ୍ୱିତୀୟ ଶିଳ୍ପନୀତି ଯାହାକି ୧୯୫୬ରେ ଆରମ୍ଭ ହୋଇଥିଲା । ଏକ ବ୍ୟାପକ ଶିଳ୍ପନୀତି ଅଟେ । ଏହି ଶିଳ୍ପନୀତିରେ ସମସ୍ତ ଦିଗ ଯଥା କୌଳିକ ଓ ଗୁରୁଶିଳ୍ପ, କ୍ଷୁଦ୍ର ଓ କୁଟୀର ଶିଳ୍ପକୁ ପ୍ରୋତ୍ସାହନ ଦିଆଯାଇଥିଲା । ଏହି ଶିଳ୍ପ ଦ୍ୱାରା ଉତ୍ପାଦିତ ବିଭିନ୍ନ ଦ୍ରବ୍ୟ ଲୋକମାନଙ୍କର ବ୍ୟବହାର ପାଇଁ ଯନ୍ତ୍ର

ଭିତ୍ତିଭୂମି ନିର୍ମାଣ ପାଇଁ ଓ ସେବା କ୍ଷେତ୍ରର ପ୍ରସାର ପାଇଁ ଉପଯୋଗ କରାଯାଇଥାଏ । ଏହା ଅଧିକାଂଶ ଶ୍ରମିକଙ୍କୁ ନିଯୁକ୍ତି ଦେଇଥାଏ ଓ ସେମାନଙ୍କୁ ଉଚ୍ଚ ମଜୁରି ମଧ୍ୟ ଦେଇଥାଏ ।

୨. ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି କରିବା ପାଇଁ ସରକାର ଉନ୍ନତ ସାଧନର ବ୍ୟବହାର ଯଥା ଉନ୍ନତ ବିହନ, ସାର ଇତ୍ୟାଦି ଉପରେ ଗୁରୁତ୍ୱ ଦେଇ ଆସୁଛନ୍ତି ।

୩. ଭଲ ଭିତ୍ତିଭୂମି ଯେପରିକି ରାସ୍ତା, ରେଳଲାଇନ୍, ବିମାନ ବନ୍ଦର, ଯୋଗାଯୋଗ ଟାୱାର ଇତ୍ୟାଦି ଯୋଗୁଁ ଭାରତର ସେବା କ୍ଷେତ୍ରରେ ଦ୍ରୁତଗତିରେ ଅଭିବୃଦ୍ଧି ହେଉଛି ।

ଅର୍ଥନୈତିକ ଅଭିବୃଦ୍ଧିରେ ଏହି ଗତିକୁ ସ୍ଥାୟୀ ରଖିବା ପାଇଁ ସରକାର ନିଜ ନିୟମାବଳୀରେ କେତେକ ସଂଶୋଧନ କରିଛନ୍ତି । ଯାହାଫଳରେ ଲୋକମାନେ ଏହି ପ୍ରକ୍ରିୟାରେ ଯୋଗାଯୋଗ କରିପାରିବେ । ଏହି ପଦକ୍ଷେପଗୁଡ଼ିକୁ ଅର୍ଥନୀତିକ ସଂସ୍କାର ବୋଲି କୁହାଯାଏ ।

## ପାଠଗତ ପ୍ରଶ୍ନାବଳୀ ୨୧.୪

୧. ଜଣେ ବିକ୍ରେତା ପାଇଁ ଦରଦାମର ବୃଦ୍ଧି ଖରାପ କ'ଣ ପାଇଁ ଅଟେ ?

୨. ଅନୈତିକ ଜମାକାରୀର ଅର୍ଥ କ'ଣ ?

## ତୁମେ କ'ଣ ଶିଖିଲ ?

- ସରକାର ବେକାରି ଓ ଦାରିଦ୍ର୍ୟ ଦୂରୀକରଣ ପାଇଁ ଯେଉଁ ସବୁ ଯୋଜନା କାର୍ଯ୍ୟକାରୀ କରିଛନ୍ତି ତାହାହେଲା – ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଯୋଜନା, ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମୀଣ ସ୍ୱରୋଜଗାର ଯୋଜନା ଓ ସ୍ୱର୍ଣ୍ଣ ଜୟନ୍ତୀ ସହରୀ ରୋଜଗାର ଯୋଜନା ।
- ଶିକ୍ଷା ସୁବିଧା ଯୋଗାଇବା ପାଇଁ ବିଭିନ୍ନ ଯୋଜନା ଯେପରିକି ମଧ୍ୟାହ୍ନ ଭୋଜନ, ସାକ୍ଷର ଭାରତ, ଓ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟକାରୀ କରାଯାଇଛି ।
- ଭଲ ସ୍ୱାସ୍ଥ୍ୟସେବା ପାଇଁ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ, ଜାତୀୟ ଏଡ଼ସ୍ ନିୟନ୍ତ୍ରଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି ।
- ଦରଦାମ ବୃଦ୍ଧିର ନିୟନ୍ତ୍ରଣ ଓ ଅର୍ଥନୈତିକ ଅଭିବୃଦ୍ଧି ଆମ ସରକାରର ଦାୟିତ୍ୱ ହେଉଛି ଉତ୍ପାଦନ ବୃଦ୍ଧି ପାଇଁ ଉତ୍ପାଦିତ କରିବା ।



ଟିପ୍ପଣୀ

## ଅନ୍ତିମ ପ୍ରଶ୍ନାବଳୀ

୧. ଦାରିଦ୍ର୍ୟ ନିରାକରଣ ଯୋଜନାଗୁଡ଼ିକ କ'ଣ ? କୌଣସି ଗୋଟିକର ବ୍ୟାଖ୍ୟା କର ?

୨. ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷାର ପ୍ରସାର ପାଇଁ କେଉଁ ଦୁଇଟି ଯୋଜନା ଅଛି ବର୍ଣ୍ଣନା କର ।

୩. ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଉପରେ ସଂକ୍ଷିପ୍ତ ଟିପ୍ପଣୀ ଲେଖ ।

୪. ଦରଦାମ ବୃଦ୍ଧିର ସମସ୍ୟାର ସମାଧାନ ପାଇଁ ନିଆଯାଇଥିବା କିଛି ପଦକ୍ଷେପ ଲେଖ ?

୫. ସରକାର ଅର୍ଥନୈତିକ ଅଭିବୃଦ୍ଧିର ବୃଦ୍ଧି ପାଇଁ କ'ଣ କ'ଣ କରୁଛନ୍ତି ।

## ପାଠଗତ ପ୍ରଶ୍ନାବଳୀର ଉତ୍ତର

**୨୧.୧**

୧. ୨୪୦୦ କିଲୋ କ୍ୟାଲୋରୀ ପ୍ରତିଦିନ ବ୍ୟକ୍ତି ମୁଣ୍ଡପିଛା

୨. ୪୩ କୋଟି

୩. ସ୍ୱର୍ଣ୍ଣ ଜୟନ୍ତୀ ସହରୀ ରୋଜଗାର ଯୋଜନା

**୨୧.୨**

୧. (କ) ସବୁ ପିଲାମାନଙ୍କର ବିଦ୍ୟାଳୟରେ ନାମଲେଖ ।
(ଖ) ଶିକ୍ଷା ନିଶ୍ଚିତ କେନ୍ଦ୍ରର ନିର୍ମାଣ
(ଗ) ବିଦ୍ୟାଳୟ ଫେରିଚାଲର କ୍ୟାମ୍ପ

୨. (କ) ବାଳିକା ପିଲାଙ୍କ ପାଇଁ ଉନ୍ନତ ବିଦ୍ୟାଳୟ ନିର୍ମାଣ ପ୍ରତି ସ୍ଥାନରେ
(ଖ) ବାଳିକାମାନଙ୍କ ପାଇଁ ବିଦ୍ୟାଳୟ ନିମିତ ପୋଷାକ ଓ ପାଠ୍ୟ ସାମଗ୍ରୀ
(ଗ) ବାଳିକା ଛାତ୍ରୀମାନଙ୍କୁ ପଢ଼ାଇବା ପାଇଁ ଶିକ୍ଷକମାନଙ୍କୁ ତାଲିମ୍

୩. ମଧ୍ୟାହ୍ନ ଭୋଜନ ଦ୍ୱାରା ସମାଜର ବିଭିନ୍ନ ବର୍ଗର ପିଲାମାନେ ଏକ ସଙ୍ଗରେ ଭୋଜନ କରିବେ, ଯାହା ଯୋଗୁଁ ପରିସର ଭିତରେ ସ୍ନେହ ଶ୍ରଦ୍ଧା ଆସିବ ।

**୨୧.୩**

୧. (କ) ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଯୋଜନାକୁ ସୁଦୃଢ଼ କରିବା ।
(ଖ) ମ୍ୟାଲେରିଆ, କଳାଆଜାର, ଅନ୍ଧତ୍ୱ, ଫାଇଲେରିଆ ପ୍ରଭୃତି ରୋଗର ନିରାକରଣ ପାଇଁ ।

**୨୧.୪**

୧. ନିଜ ଆୟରୁ କ୍ରେତାମାନଙ୍କୁ ଅଧିକ ମୁଦ୍ରା ବ୍ୟୟ କରିବାକୁ ପଡ଼ିଥାଏ । ଯାହାକି ଏକ ବୋଝ ଅଟେ ।

୨. ଅନୈତିକ ଜମାକାରୀ କୃତ୍ରିମ ଅଭାବ ସୃଷ୍ଟି କରିବା ପାଇଁ ଜିନିଷକୁ ଗୁପ୍ତ ଆକାରରେ ରଖାଯାଇଥାଏ ।

୩. ଅର୍ଥନୈତିକ ଅଭିବୃଦ୍ଧି ହେଉଛି ଜାତୀୟ ଓ ମୁଣ୍ଡପିଛା ଆୟର ବୃଦ୍ଧି ।

# ୨୨
# ଜଗତୀକରଣ ପରିପ୍ରେକ୍ଷୀରେ ଭାରତୀୟ ଅର୍ଥନୀତି

ବିଶ୍ୱର ଅନେକ ଦେଶ ମଧ୍ୟରେ ଭାରତ ଏକ ଦେଶ । ଦେଶଗୁଡ଼ିକ ପରସ୍ପର ଭିତରେ ଯୋଗାଯୋଗ ରଖନ୍ତି ବିଭିନ୍ନ କ୍ଷେତ୍ରରେ ନିଜ ସ୍ୱାର୍ଥ ଅନୁଯାୟୀ ସମ୍ପର୍କ ସ୍ଥାପନ କରିଥାନ୍ତି । ଗୋଟିଏ ଦେଶର ନାଗରିକ ଅନ୍ୟ ଦେଶକୁ ଯାତ୍ରା କରିଥାନ୍ତି । ବେଳେବେଳେ ଯାତ୍ରୀ ହିସାବରେ କେବେ ଚାକିରି ଖୋଜିବା ପାଇଁ, ବାଣିଜ୍ୟ, ପାଠପଢ଼ିବା ବା କୌଣସି ସରକାରୀ କାମ ପାଇଁ ମଧ୍ୟ ଯାଇଥାନ୍ତି । ଏହି ଅଧ୍ୟାୟରେ ଭାରତ ସହିତ ଅନ୍ୟ ଦେଶମାନଙ୍କର ଅର୍ଥନୈତିକ ସମ୍ପର୍କ ଉପରେ ମୁଖ୍ୟତଃ ଦୃଷ୍ଟିଦେବା ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟ ପଢ଼ିସାରିବା ପରେ ତୁମେମାନେ ଜାଣିପାରିବ –

- ଦେଶଗୁଡ଼ିକ ମଧ୍ୟରେ ଅର୍ଥନୈତିକ ସମ୍ପର୍କର ଅର୍ଥ ;
- ଭାରତରେ ହେଉଥିବା ଦ୍ରବ୍ୟ ଓ ସେବାର ଆମଦାନୀ ଓ ରପ୍ତାନୀ ;
- ଜଗତୀକରଣର ଅର୍ଥ ଏବଂ
- ଦୁଇଟି ମୁଖ୍ୟ ଅର୍ଥନୀତି ଯୁକ୍ତରାଷ୍ଟ୍ର ଆମେରିକା ଓ ଚୀନ ବିଷୟରେ ଏକ ସଂକ୍ଷିପ୍ତ ରୂପରେଖା ଦିଆହୋଇଛି ଯାହା ସାହାଯ୍ୟରେ ତୁମେ ଭାରତର ବିଶ୍ୱ ଅର୍ଥନୀତିରେ ସ୍ଥିତିକୁ ତୁଳନା କରିପାରିବ ।

## ୨୨.୧ ଦେଶଗୁଡ଼ିକ ମଧ୍ୟରେ ଅର୍ଥନୈତିକ ସମ୍ପର୍କର ଅର୍ଥ

ତୁମର କିଛି ମୁଦ୍ରା ଦରକାର ହେଲେ ତୁମେ ତୁମ ସାଙ୍ଗ ବା ବ୍ୟାଙ୍କରୁ ଧାର ନେଇପାରିବ । ତୁମର ଯଦି ଏକ ବହି ଦରକାର ତୁମେ ସ୍ଥାନୀୟ ବହି ଦୋକାନୀକୁ କିଛି ମୁଦ୍ରା ଦେଇ ବହି କିଣି ପାରିବ । ଯଦି ତୁମେ ଲୁଗାପଟା ବା ସୌଦାପତ୍ର, ଜୋତାର କ୍ରେତା ହୋଇଥାଅ ତେବେ ତୁମେ ସେଇ ଖାଉଟିମାନଙ୍କୁ ବିକିବ ଯେଉଁମାନେ ତୁମକୁ ଏହା କିଣିବା ପାଇଁ ମୂଲ୍ୟ ଦେବ । ଯଦି ତୁମେ ଏକ ଦ୍ରବ୍ୟର ଉତ୍ପାଦନ କରିବକୁ ଚାହୁଁଛ ତାହାହେଲେ ପ୍ରଥମେ ଏକ କାରଖାନା ଆରମ୍ଭ କରିବା ପାଇଁ କିଛି ମୁଦ୍ରା ନିବେଶ କରିବ ତାପରେ ସେଥିରେ କିଛି ଲୋକମାନଙ୍କୁ ନିଯୁକ୍ତି ଦେବ ଯେଉଁମାନେ ତାଙ୍କ ଶ୍ରମ ଦେବେ । ଦେଶ ଭିତରେ ହେଉଥିବା ଅର୍ଥନୈତିକ କାର୍ଯ୍ୟକଳାପ ଯେଉଁଥିରେ ଦେଶର ନାଗରିକମାନେ ଯୋଗ ଦିଅନ୍ତି ତାହାର ଏକ ଉଦାହରଣ । କିନ୍ତୁ ଯେତେବେଳେ ଏହି କାର୍ଯ୍ୟ ଦୁଇ ବା ଦୁଇରୁ



ଟିପ୍ପଣୀ

ଅଧିକ ଦେଶ ମଧ୍ୟରେ ଘଟିଥାଏ ତେବେ ଆମେ ତାକୁ ଦେଶମାନଙ୍କ ଭିତରେ ଥିବା ଅର୍ଥନୈତିକ ସମ୍ପର୍କକୁ ବୁଝିଥାଉ । ଭାରତକୁ ହିଁ ଏକ ଉଦାହରଣ ନିଅ । ଯେହେତୁ ଆମେ ଭାରତୀୟ, ଭାରତକୁ ହିଁ ଆମେ ଆଭ୍ୟନ୍ତରୀଣ ଦେଶ ଏବଂ ବାକି ସବୁ ଦେଶଗୁଡ଼ିକୁ ବୈଦେଶିକ ଦେଶ ବୋଲି କହିଥାଉ ।

ଭାରତର ପୃଥିବୀର ଦୁଇ ବା ତତୋଽଧିକ ଦେଶ ମଧ୍ୟରେ ସଂଘଟିତ ହେଉଥିବା ଦ୍ରବ୍ୟ ଓ ସେବାର ବିନିମୟକୁ ଅନ୍ୟଦେଶମାନଙ୍କ ସହିତ ଭାରତର ଅର୍ଥନୈତିକ ସମ୍ପର୍କକୁ ବୁଝାଇଥାଏ । ଆମ ଦେଶର ନାଗରିକମାନେ ବାହାର ଦେଶକୁ ବାଣିଜ୍ୟ ବା ଚାକିରି ନିମନ୍ତେ ଯାଆନ୍ତି, ସେହିଭଳି ବୈଦେଶିକ ନାଗରିକମାନେ ଆମ ଦେଶକୁ ମଧ୍ୟ ଚାକିରି ନିମନ୍ତେ ଆସିଥାନ୍ତି । ଏହାର କିଛି ଉଦାହରଣ ଯାହାକି ଅର୍ଥନୈତିକ ସମ୍ପର୍କକୁ ବୁଝାଇଥାଏ ନିମ୍ନରେ ଲେଖା ହୋଇଛି ।

୧. ଆମ ଦେଶରୁ ଦ୍ରବ୍ୟ ଓ ସେବାର ବିକ୍ରି ଅନ୍ୟ ଦେଶମାନଙ୍କୁ ହୋଇଥାଏ । ଏହାକୁ ରପ୍ତାନୀ କୁହାଯାଏ ।

୨. ଅନ୍ୟ ଦେଶରୁ ଦ୍ରବ୍ୟ ଓ ସେବା ଯେତେବେଳେ ଆମ ଦେଶ ପାଇଁ କିଣାଯାଏ ଆମେ ତାହାକୁ ଆମଦାନୀ କହିଥାଉ ।

୩. କୌଣସି ଦେଶରେ ରହୁଥିବା ଲୋକଙ୍କୁ ଉପହାର ଦେବା ବା ଅନ୍ୟ ଦେଶର ଲୋକମାନଙ୍କଠାରୁ ଉପହାର ନେବାକୁ ମଧ୍ୟ ଅର୍ଥନୈତିକ ସମ୍ପର୍କର ଏକ ଉଦାହରଣ ବୋଲି ବୁଝାଯାଏ ।

୪. ଅନ୍ୟଦେଶକୁ ମୁଦ୍ରା ପଠେଇବା ବା ଅନ୍ୟଦେଶଠାରୁ ମୁଦ୍ରା ଗ୍ରହଣ କରିବା ।

୫. ବୁଲାବୁଲି ପାଇଁ ଆସୁଥିବା ଯାତ୍ରୀ, ବାଣିଜ୍ୟିକ ଲୋକ ବା ସରକାରୀ ଲୋକ ।

ଯେତେବେଳେ କୌଣସି ରାଷ୍ଟ୍ର ଅନ୍ୟ ରାଷ୍ଟ୍ରମାନଙ୍କ ସହିତ ଅର୍ଥନୈତିକ ସମ୍ପର୍କ ସ୍ଥାପନ କରେ ସେତେବେଳେ ଏହାକୁ ମୁକ୍ତ ଅର୍ଥନୀତି ବୋଲି କୁହାଯାଏ ।

## ୨୨.୨ ବାଣିଜ୍ୟର ଭୂମିକା

ଉଦାହରଣ (୧) ଏବଂ (୨) ହେଉଛି 'ବାଣିଜ୍ୟ'ର ହିଁ ଭାଗ । ଲୋକମାନେ ନିଜ ଆଞ୍ଚଳିକ ସୀମା ମଧ୍ୟରେ ଦ୍ରବ୍ୟ ଓ ସେବାର ବିନିମୟ କରିଥାନ୍ତି । ଯେତେବେଳେ ଏହି କାରବାର ବିଭିନ୍ନ ଦେଶର ନାଗରିକମାନଙ୍କ ମଧ୍ୟରେ ସଂଘଟିତ ହୁଏ ଏହାକୁ ଆନ୍ତର୍ଜାତୀୟ ବାଣିଜ୍ୟ କୁହାଯାଏ । ଆମଦାନୀ ଓ ରପ୍ତାନୀର ସମାହାରକୁ ଆମେ ବୈଦେଶିକ ବାଣିଜ୍ୟ କହିଥାଉ ।

ବାଣିଜ୍ୟ କାରବାର ଯେକୌଣସି ଦେଶର ଅର୍ଥନୈତିକ କାର୍ଯ୍ୟକଳାପର ଏକ ଅବିଚ୍ଛେଦ୍ୟ ଅଙ୍ଗ । ବାଣିଜ୍ୟ ବିନା ଆମ ଜୀବନଶୈଳୀ ବହୁତ କଷ୍ଟକର ହେବ । ଗୋଟିଏ ଦେଶ ମଧ୍ୟରେ ଦ୍ରବ୍ୟଗୁଡ଼ିକ ରେଳ, ଟ୍ରକ ଇତ୍ୟାଦି ମାଧ୍ୟମରେ ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ପଠାଯାଇଥାଏ । ସେହିଭଳି ଭାବରେ ଉଡାଜାହାଜ ଓ ଜାହାଜ ମାଧ୍ୟମରେ ଦ୍ରବ୍ୟଗୁଡ଼ିକ ଗୋଟିଏ ଦେଶରୁ ଅନ୍ୟ ଦେଶକୁ ପରିବହନ କରାଯାଇଥାଏ ।

ତେଣୁ ବିକ୍ରେତା ଯେଉଁ ଦେଶରେ ରହୁଥାଉ, ବୈଦେଶିକ ବାଣିଜ୍ୟ ଦ୍ୱାରା ସେହି ଲୋକଟି ଚାହୁଁଥିବା ଦ୍ରବ୍ୟଟିକୁ





ମୂଲ୍ୟ ବିନିମୟ କରି ପାଇପାରିବା । ତେଣୁ ବାଣିଜ୍ୟ ଯୋଗୁଁ ଦ୍ରବ୍ୟ ଓ ସେବାର ବଣ୍ଟନ ସମ୍ଭବପର ହୋଇଅଛି । ସେଥିପାଇଁ ବାଣିଜ୍ୟ ଏତେ ଗୁରୁତ୍ୱପୂର୍ଣ୍ଣ ଅଟେ । ନିମ୍ନ ଆଲୋଚନା ମାଧ୍ୟମରେ ଆମେ ଅର୍ଥବ୍ୟବସ୍ଥାରେ ବାଣିଜ୍ୟର ଭୂମିକା ସମ୍ପର୍କରେ ଆଲୋକପାତ କରିଅଛୁ ।

୧. ବାଣିଜ୍ୟ ମାଧ୍ୟମରେ ବିଭିନ୍ନ ପ୍ରକାରର ଦ୍ରବ୍ୟ ଓ ସେବା ଲୋକମାନେ ପାଇଥାନ୍ତି । ଖରାଦିନ ହେଲେ ତୁମମାନଙ୍କୁ ଥଣ୍ଡା ପିଇବା ପାଇଁ ଇଚ୍ଛା ହୋଇଥାଏ । କେତେଗୁଡ଼ିଏ ଥଣ୍ଡା ଆମ ବଜାରରେ ମିଳୁଛି ଯଥା – କୋକାକୋଲା, ପେପ୍‌ସି କୋଲା ଇତ୍ୟାଦି । ତୁମେମାନେ ଜାଣିଛ କି କୋକାକୋଲା ଭାରତକୁ ପ୍ରଥମେ କେଉଁଠାରୁ ଆସିଲା ? ଏହାର ତିଆରି ଯୁକ୍ତରାଷ୍ଟ୍ର ଆମେରିକା ଯାହାକି ଭାରତଠାରୁ ବହୁ ଦୂରରେ ଅବସ୍ଥିତ, ସେହିଠାରେ ହେଉଛି । ଯଦିଓ ଏବେ ଭାରତରେ ଏହାର ତିଆରି ପାଇଁ କାରଖାନା ନିର୍ମାଣ କରାଯାଇସାରିଲାଣି । ଏହା ଏବେ ମଧ୍ୟ ଏକ ବୈଦେଶିକ କମ୍ପାନୀ । ସେହିଭଳି ଭାରତର ବ୍ୟବସାୟୀମାନେ ଘରୋଇ ଆଚାର ଦେଶ ବିଦେଶରେ ବିକ୍ରି କରିଥାନ୍ତି । ଏହିଭଳି ଅନ୍ୟ କେତେ ଉଦାହରଣ ଅଛି ଯେଉଁଥିରେ ଆମେ ଦେଖିପାରିବା କିଭଳି ଭାରତରେ ପ୍ରସ୍ତୁତ ଦ୍ରବ୍ୟକୁ ବୈଦେଶିକ ଲୋକମାନେ ଉପଭୋଗ କରୁଛନ୍ତି ଓ ବିଦେଶରେ ପ୍ରସ୍ତୁତ ଜିନିଷ ଭାରତୀୟମାନେ ଉପଭୋଗ କରୁଛନ୍ତି ।

୨. ବାଣିଜ୍ୟ ନୂତନ ଦ୍ରବ୍ୟ ଓ ସେବାର ଉତ୍ପାଦନ ପାଇଁ ପ୍ରୋତ୍ସାହନ ଦେଇଥାଏ । ବାଣିଜ୍ୟ ମାଧ୍ୟମରେ ଯେଉଁ କ୍ରେତା ଓ ବିକ୍ରେତା ମଧ୍ୟରେ ସମ୍ପର୍କ ସୃଷ୍ଟି ହୋଇଥାଏ, ତାହାଦ୍ୱାରା ବିକ୍ରେତାମାନେ ଲୋକମାନଙ୍କର ପସନ୍ଦ ଓ ଅପସନ୍ଦ ବିଷୟରେ ଜାଣିପାରନ୍ତି ଓ ସେହି ଅନୁଯାୟୀ ଦ୍ରବ୍ୟ ଓ ସେବାର ଉତ୍ପାଦନ କରିଥାନ୍ତି ।

୩. ବାଣିଜ୍ୟ ମାଧ୍ୟମରେ ବିଭିନ୍ନ ଦେଶର ଲୋକମାନେ ପରସ୍ପର ସହିତ ଭେଟ ହୋଇଥାନ୍ତି । ଏହାଦ୍ୱାରା ସେମାନେ ଅନ୍ୟ ଦେଶର ଭାଷା, ସଭ୍ୟତା ଓ ପରମ୍ପରା ବିଷୟରେ ଜାଣିପାରନ୍ତି ।

୪. ଆନ୍ତର୍ଜାତୀୟ ବାଣିଜ୍ୟ ଫଳରେ ବିଶେଷୀକରଣ ଦ୍ୱାରା ଦ୍ରବ୍ୟର ଉତ୍ପାଦନ ଆହୁରି ଦକ୍ଷ ଭାବରେ ବୃଦ୍ଧି ସମ୍ଭବ ହୋଇଥାଏ । ଏହାର ଅର୍ଥ ହେଉଛି ଏବେ ଦ୍ରବ୍ୟଗୁଡ଼ିକୁ ଶସ୍ତାରେ ଉତ୍ପାଦନ କରିହେବ ଏବଂ ଲୋକମାନେ ନିମ୍ନ ଦରରେ ଏହାକୁ କିଣି ପାରିବେ । ଏହା କିପରି ହେବ ? ଗୋଟିଏ ଜିନିଷ ବିଭିନ୍ନ ଦେଶରେ ଉତ୍ପାଦନ ହୋଇପାରିବ । କିନ୍ତୁ କିଛି ଦେଶରେ କଞ୍ଚାମାଲର ସୁବିଧା ଦ୍ୱାରା ଏହା ବେଶୀ ଦକ୍ଷତାର ସହ ଉତ୍ପାଦିତ ହୋଇପାରିବ । ଯଥା ଭାରତର ହିଁ ଉଦାହରଣ ନିଅ । ଭାରତର ଭୂମି ଓ ଜଳବାୟୁ ଅନୁଯାୟୀ ମସଲା ଓ ଲୁଗା ଉତ୍ପାଦନ ସହଜ ଭାବରେ ହୋଇଥାଏ । ଆମର ପ୍ରାଚୁର୍ଯ୍ୟ ପ୍ରଥା, ସଭ୍ୟତା ଓ ପରମ୍ପରା ଯୋଗୁଁ ଭାରତୀୟ ହସ୍ତଶିଳ୍ପର ଚାହିଦା ପୃଥିବୀ ବିଖ୍ୟାତ ଥିଲା । ତେଣୁ ଏହା ଭାରତରେ ଅତି ଶସ୍ତାରେ ଉତ୍ପାଦିତ ହୋଇପାରୁଥିଲା । ଏହି ଭାବରେ ଉପରୋକ୍ତ ଦ୍ରବ୍ୟର ଭାରତରେ ବିଶେଷୀକରଣ ବା ଉତ୍କର୍ଷତା ଲାଭ କରିଥିଲା । ତେଣୁ ଅନ୍ୟ ଦେଶର ଲୋକମାନେ ଏହି ଜିନିଷଗୁଡ଼ିକୁ କମ୍ ଦାମରେ ଭାରତରୁ କିଣିପାରିବେ । ସେହିଭଳି ଭାବରେ ଦକ୍ଷିଣ ଆଫ୍ରିକାରେ ଥିବା ହିରା ଖଣିରୁ ସହଜ ଭାବରେ ହିରା ମିଳିଥାଏ । ତୁମେମାନେ ଏହିଭଳି ଅନେକ ଉଦାହରଣ ପାଇପାରିବ । ମୁଖ୍ୟ କଥା ହେଲା ଯଦି ଦେଶ ଏକ ଦ୍ରବ୍ୟକୁ ଭଲ ଭାବରେ ଦକ୍ଷତା ସହ ଶସ୍ତାରେ ଉତ୍ପାଦନ କରିପାରିବ ତେବେ ସେହି ଦେଶ ଏହି ଦ୍ରବ୍ୟର ରପ୍ତାନୀ କରି ଲାଭବାନ୍ ହୋଇପାରିବ ।

## ପାଠଗତ ପ୍ରଶ୍ନାବଳୀ ୨୨.୧

୧. ଆନ୍ତର୍ଜାତୀୟ ବାଣିଜ୍ୟର ଗୋଟିଏ ସୁବିଧା କୁହ ?

୨. ରପ୍ତାନୀ କହିଲେ ତୁମେ କ'ଣ ବୁଝ ?

୩. ଆମଦାନୀର ସଂଜ୍ଞା ବ୍ୟାଖ୍ୟା କର ।

## ୨୨.୩ ଭାରତର ଆମଦାନୀ ଓ ରପ୍ତାନୀ

ପୃଥିବୀର ବହୁଗୁଡ଼ିଏ ଦେଶ ସହିତ ଭାରତର ଅର୍ଥନୈତିକ ସମ୍ପର୍କ ଅଛି । ଏହା ଫଳରେ ଭାରତ ବିଭିନ୍ନ ଜିନିଷ ଅନ୍ୟ ଦେଶକୁ ରପ୍ତାନୀ କରିଥାଏ ଓ ବୈଦେଶିକ ଦେଶରୁ ଜିନିଷ ଆମଦାନୀ ମଧ୍ୟ କରିଥାଏ । ଭାରତ ସହିତ ଆମଦାନୀ ଓ ରପ୍ତାନୀ କାରବାରରେ ଲିପ୍ତ ଥିବା ଦେଶଗୁଡ଼ିକ ଭାରତର ବାଣିଜ୍ୟିକ ସହଭାଗୀ ବା ସହଯୋଗୀ ବୋଲି କୁହାଯାଏ ।

### (କ) ଭାରତର ରପ୍ତାନୀ

ଭାରତୀୟ ରପ୍ତାନୀର ମୁଖ୍ୟ ଦ୍ରବ୍ୟ ହେଲା ଇଞ୍ଜିନିୟରିଂ ଦ୍ରବ୍ୟ, ହସ୍ତଶିଳ୍ପ, ରସାୟନ ଓ ଆନୁଷଙ୍ଗିକ ଦ୍ରବ୍ୟ, ପ୍ରାକ୍-ପ୍ରସ୍ତୁତ ପୋଷାକ, କାର୍ପାସ୍ ସୂତା ଓ ବସ୍ତ୍ର, ଶିଳ୍ପଜାତ ସାମଗ୍ରୀ, ଚମଡ଼ାଜାତ ଦ୍ରବ୍ୟ, ମାଛ, ଚାଉଳ, ଫଳ, ପନିପରିବା ଇତ୍ୟାଦି । ଯେଉଁ ଦେଶମାନଙ୍କୁ ରପ୍ତାନୀ କରାଯାଏ ସେହିଗୁଡ଼ଇକ ହେଲା, ଫ୍ରାନ୍ସ, ଜର୍ମାନୀ, ଯୁକ୍ତରାଜ୍ୟ, ଯୁକ୍ତରାଷ୍ଟ୍ର ଆମେରିକା, ଇରାନ, ସଂଯୁକ୍ତ ଆରବ, ଏମିରେଟସ୍, ଚୀନ, ହଙ୍ଗକଙ୍ଗ୍, ସିଙ୍ଗାପୁର ଏବଂ ଆଫ୍ରିକା ଓ ଉତ୍ତର ଆମେରିକା ଦେଶ ।

### (ଖ) ଭାରତର ଆମଦାନୀ

ଭାରତୀୟ ଆମଦାନୀର ମୁଖ୍ୟ ଦ୍ରବ୍ୟ ହେଲା ପେଟ୍ରୋଲ ଓ ପେଟ୍ରୋଲଜାତ ପଦାର୍ଥ । ଏହାର ମୁଖ୍ୟ ଆମଦାନୀ ହୋଇଥାଏ ପେଟ୍ରୋଲ ରପ୍ତାନୀକାରୀ ରାଷ୍ଟ୍ରସଂଘ ଯେମିତିକି ଇରାନ୍, କୁଏତ୍, ସାଉଦିଆରବିଆ, ସଂଯୁକ୍ତ ଆରବ ଏମିରେଟସ୍, ଦେଶମାନଙ୍କଠାରୁ । ଏହା ଅଣ-ପେଟ୍ରୋଲିୟମ୍ ସାମଗ୍ରୀ ଯଥା ରାସାୟନିକ ସାରର ଆମଦାନୀ ମଧ୍ୟ କରିଥାଏ । ପୁଞ୍ଜି ଦ୍ରବ୍ୟ କହିଲେ ମେସିନ୍, ଯନ୍ତ୍ରପାତି, ପରିବହନ ଯନ୍ତ୍ରପାତି ଇତ୍ୟାଦିକୁ ବୁଝାଏ । ଯେଉଁ ଦେଶମାନଙ୍କୁ ଭାରତ ଦ୍ରବ୍ୟ ଓ ସେବାର ରପ୍ତାନୀ କରିଥାଏ ସେହି ଦେଶମାନଙ୍କଠାରୁ ମୁଖ୍ୟତଃ ଆମଦାନୀ ମଧ୍ୟ କରିଥାଏ ।

## ପାଠଗତ ପ୍ରଶ୍ନାବଳୀ ୨୨.୨

୧. ଭାରତ ରପ୍ତାନୀ କରୁଥିବା ଦୁଇଟି ମୁଖ୍ୟ ଦ୍ରବ୍ୟର ନାମ ଲେଖ ?

୨. ଭାରତ ଆମଦାନୀ କରୁଥିବା ଦୁଇଟି ମୁଖ୍ୟ ଦ୍ରବ୍ୟର ନାମ ଲେଖ ?

୩. ଭାରତର ଦୁଇଟି ମୁଖ୍ୟ ବାଣିଜ୍ୟିକ ସହଯୋଗୀର ନାମ ଲେଖ ?

## ୨୨.୪ ଜଗତୀକରଣର ଅର୍ଥ

ଆଜିକାଲି ଜଗତୀକରଣର ଶବ୍ଦ ସାଧାରଣ ଭାବରେ ବ୍ୟବହୃତ ହେଉଛି । ଏହାର କାରଣ ମଧ୍ୟ ଯଥାର୍ଥ । ଆଜିକାଲି ସବୁଆଡ଼େ ସୁବିଧାରେ ଟି.ଭି., ଇଣ୍ଟରନେଟ ଓ ମୋବାଇଲ ଫୋନ ମିଳିପାରୁଛି । ଅତି ନିପଟ ମଫସଲ ସ୍ଥାନରେ ରହୁଥିବା ଲୋକମାନେ ମଧ୍ୟ ମୋବାଇଲ ଫୋନ ମାଧ୍ୟମରେ ପରସ୍ପର ସହିତ କଥାବାର୍ତ୍ତା କରିପାରିବେ ଓ ସମ୍ପର୍କ ରଖିପାରିବେ । ଆଜିକାଲି ତୁମେ ଭାରତ–ପୂର୍ବଭାରତ ସହିତ ଚାଲିଥିବା ପ୍ରେରିତ କ୍ରିକେଟ ମ୍ୟାଚ୍ ମଧ୍ୟ ଟି.ଭି. ମାଧ୍ୟମରେ ଦେଖିପାରିବ । ତୁମେ ଆମେରିକା ବା ଇଉରୋପରେ ଥିବା ତୁମ ସାଙ୍ଗ ସହିତ ମୋବାଇଲ ଫୋନ୍ ସାହାଯ୍ୟରେ କଥାବାର୍ତ୍ତା କରିପାରିବ । ଏବେ କିଛି କଥା ବିସ୍ତୃତ ଭାବରେ କହିବା ବା ଚିଠି ଲେଖିବାର ଆବଶ୍ୟକ ପଡ଼ି ନଥାଏ । କାରଣ ଭାରତରୁ ଆମେରିକା ଚିଠି ପଠେଇଲେ କମ୍ ସେ କମ୍ ୩ ରୁ ୭ ଦିନ ପର୍ଯ୍ୟନ୍ତ ପହଁଞ୍ଚିବା ପାଇଁ ଲାଗିଥାଏ । କିନ୍ତୁ ଇଣ୍ଟରନେଟ ସାହାଯ୍ୟରେ ଇ–ମେଲ ପଠେଇଲେ କିଛି ମୁହୁର୍ତ୍ତରେ ତୁମ ସାଙ୍ଗ ପାଖକୁ ତୁମ ସମ୍ବାଦ ପହଞ୍ଚିଯିବ ।

ତୁମେ ଜର୍ମାନୀ ବା ଜାପାନ୍‌ରେ ଉତ୍ପାଦିତ ହେଉଥିବା ଜିନିଷ ଇଣ୍ଟରନେଟ ମାଧ୍ୟମରେ ଆଣି ପାରିବ ଓ ଏହାମଧ୍ୟ ଭାରତରେ ପହଁଞ୍ଚିଯିବ । ଏହିପରି ସମୃଦ୍ଧି ହେତୁ ଆମେ କହିପାରିବା ଯେ ସାରା ପୃଥିବୀ କେତେ ଛୋଟ ଓ ସବୁ ଲୋକମାନେ ଯେପରି ଗୋଟିଏ ଗାଁରେ ରହୁଥିବା ଭଳି ଲାଗେ । ଦୀର୍ଘ କେତେ ବର୍ଷରୁ ଏହି ପ୍ରକ୍ରିୟା ଚାଲିଆସୁଅଛି । ପ୍ରାଚୀନକାଳରେ ଲୋକମାନେ ବାଣିଜ୍ୟ କାରବାର ପାଇଁ ସମୁଦ୍ର ପଥ ଦେଇ ବିଭିନ୍ନ ଦେଶମାନଙ୍କୁ ଭ୍ରମଣ କରୁଥିଲେ। କିନ୍ତୁ ଉଡାଜାହାଜ ଏବଂ ଜାହାଜର ଉଦ୍ଭାବନ ପରେ କୌଣସି ସ୍ଥାନକୁ ଭ୍ରମଣ କରିବା ବା ଜିନିଷ ପଠାଇବା ଏକ ସରଳ ବ୍ୟପାର ହୋଇଗଲାଣି । ସେବୁ ଦେଶର ନାଗରିକମାନେ ଯେପରି ଦ୍ରବ୍ୟ ବିନିମୟ ସମୟରେ କୌଣସି ଅସୁବିଧାର ସମ୍ମୁଖୀନ ହେବେ ନାହିଁ, ସେଥିପାଇଁ ବିଭିନ୍ନ ଦେଶର ସରକାରମାନେ ପରସ୍ପର ଭିତରେ ବୁଝାମଣା କରି ଉପସ୍ଥିତ ଥିବା ପ୍ରତିବନ୍ଧକକୁ ସର୍ବନିମ୍ନ କରିବାରେ ଚେଷ୍ଟିତ ଅଛନ୍ତି । ଆମେ ଆଜି ପରିବହନ ଓ ଯୋଗାଯୋଗ କ୍ଷେତ୍ରରେ ଯାହା ଉନ୍ନତି ଦେଖୁଛୁ ତାହା ବୈଜ୍ଞାନିକ ଓ ପ୍ରଯୁକ୍ତି ବିଦ୍ୟାର ଅଗ୍ରଗତି ଯୋଗୁଁ ସମ୍ଭବ ହୋଇଛି । ଏହାଦ୍ୱାରା ବିଭିନ୍ନ ଦେଶଗୁଡ଼ିକ ପରସ୍ପର ଭିତରେ ଯୋଗାଯୋଗ ଏବେ ସହଜକର ହୋଇଛି । ତେଣୁ ଯଦିଓ ଆମେ ଭିନ୍ନ ଭିନ୍ନ ଦେଶର ଭିନ୍ନଭିନ୍ନ ସ୍ଥାନରେ ରହୁଛୁ ତଥାପି ଆମେ ପରସ୍ପର ସହିତ ଜଡ଼ିତ । ବରଂ ଲୋକମାନେ ବାଣିଜ୍ୟ ମାଧ୍ୟମରେ ଆହୁରି ପରସ୍ପର ପାଖକୁ ଆସୁଛନ୍ତି । ଲୋକମାନେ ଚାହିଁଲେ ଉଭୟ ଘରୋଇ ଦ୍ରବ୍ୟ ବା ବୈଦେଶିକ ଦ୍ରବ୍ୟ ଉପଭୋଗ କରିପାରିବ । ବିଦେଶରେ ଚାକିରି କରିପାରିବେ, ଦ୍ରବ୍ୟ ଓ ସେବାର ରପ୍ତାନୀ କରିପାରିବେ ଓ ବିଦେଶ ନାଗରିକମାନଙ୍କ ସହିତ ମତ ବିନିମୟ କରିପାରିବେ ।

ତେଣୁ ଏହା ସ୍ପଷ୍ଟ ହେଉଛି ଯେ ପୃଥିବୀର ବିଭିନ୍ନ ଦେଶଗୁଡ଼ିକ ଯେପରି ପରସ୍ପର ପାଖକୁ ଆସୁଛନ୍ତି । ସରଳ ଭାବରେ ଏହି ଅବସ୍ଥାକୁ ଜଗତୀକରଣର ଆଖ୍ୟା ଦିଆଯାଇଛି ।

## ୨୨.୫ ଭାରତ, ଚୀନ ଓ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ଅର୍ଥନୈତିକ ବିକାଶ ତୁଳନା

ଯୁକ୍ତରାଷ୍ଟ୍ର ଆମେରିକା ପୃଥିବୀର ସବୁଠାରୁ ବିକଶିତ ଅର୍ଥନୀତି ଭିତରୁ ଗୋଟିଏ । କିନ୍ତୁ ଭାରତ ଆଉ ଯୁକ୍ତରାଷ୍ଟ୍ର ଆମେରିକା ଉଭୟ ବିଶ୍ୱର ଦୁଇଟି ବଡ଼ ଗଣତାନ୍ତ୍ରିକ ଦେଶ ଯେଉଁଥିରେ ଲୋକମାନଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧି



ଟିପ୍ପଣୀ

ଦେଶକୁ ଶାସନ କରିଥାନ୍ତି । ସେହିଭଳି ଭାବରେ ଭାରତ ଓ ତାର ପଡ଼ୋଶୀ ଦେଶ ଚୀନ ଉଭୟ ଏସିଆ ମହାଦେଶର ଅଙ୍ଗ । କିଛି ବର୍ଷ ପୂର୍ବରୁ ଭାରତ ଓ ଚୀନ୍‌ର ଅର୍ଥନୈତିକ ଅଭିବୃଦ୍ଧି ପ୍ରାୟତଃ ଏକାଭଳି ଥିଲା । ଉଭୟ ବିକାଶୋନ୍ମୁଖୀ ଦେଶ ଥିଲେ । କିନ୍ତୁ ଏବେ କିଛି ବର୍ଷ ପୂର୍ବରୁ ଚୀନର ଅର୍ଥନୀତିର ଦ୍ରୁତଗତିରେ ଅଭିବୃଦ୍ଧି ହୋଇଆସୁଛି । ତେଣୁ ଏହାଭିତରେ ତୁଳନାତ୍ମକ ଆଲୋଚନା କରିବା ଦରକାର ଅଟେ । ପୂର୍ବର ତିନୋଟି ଅଧ୍ୟୟରେ ତୁମେମାନେ ଭାରତର ଅର୍ଥନୀତି ବିଷୟରେ ପଢ଼ିଲ । ଏଠାରେ ଆମେ ଯୁକ୍ତରାଷ୍ଟ୍ର ଆମେରିକା ଓ ଚୀନ୍‌ର ଅର୍ଥନୀତି ଉପରେ ଯଥାକ୍ରମେ ସମ୍ୟକ ଦୃଷ୍ଟି ପକେଇବା ।

## ୨୨.୫.୧ ଯୁକ୍ତରାଷ୍ଟ୍ର ଆମେରିକା ଅର୍ଥନୀତିର ସଂକ୍ଷିପ୍ତ ବିବରଣୀ

ଯୁକ୍ତରାଷ୍ଟ୍ର ଆମେରିକା ଅର୍ଥନୀତିର ସବୁଠାରୁ ପ୍ରମୁଖ ବୈଶିଷ୍ଟ୍ୟ ହେଉଛି ଘରୋଇ କ୍ଷେତ୍ର ଦ୍ରବ୍ୟ ଓ ସେବାର ଉତ୍ପାଦନରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ବାଣିଜ୍ୟିକ କାରବାରରେ ସରକାରଙ୍କର ହସ୍ତକ୍ଷେପ ପ୍ରାୟ ନଥାଏ । ଆମେରିକାରେ ପାଖାପାଖି ୩୦ ହଜାର ଲକ୍ଷ କ୍ଷୁଦ୍ର କାରବାର ଅଛି । ବିଶ୍ୱରେ ଥିବା ୫୦୦ଟି ସବୁଠାରୁ ବଡ଼ କମ୍ପାନୀ ମଧ୍ୟରୁ ୧୩୯ଟି କେବଳ ଆମେରିକାରେ ଅଛି । ବିଶ୍ୱର ପାଖାପାଖି ୪୦ ପ୍ରତିଶତ ଧନୀ ଲୋକ ଆମେରିକାରେ ରହନ୍ତି । ଆମେରିକାର ବ୍ୟବସାୟୀ ଓ ନିଗମମାନେ ବିଖ୍ୟାତ ଓ ସେଥିପାଇଁ ସେମାନେ ମଧ୍ୟ ପ୍ରଭାବିତ କରିପାରିଥାନ୍ତି । ବହୁଦେଶୀୟ ନିଗମ ଯଥା ଫୋର୍ଡ ମୋଟରସ୍, ଜେନେରାଲ ଇଲେକ୍ଟ୍ରିକ୍, କୋକାକୋଲା, ୱାଲ୍ ମାର୍ଟ ଇତ୍ୟାଦି ଆମେରିକାରେ ସୃଷ୍ଟି ହୋଇଛନ୍ତି ।

ଆମେରିକାର କୃଷି କ୍ଷେତ୍ର ମଧ୍ୟ ଖୁବ୍ ଉନ୍ନତ । ଖାଦ୍ୟଶସ୍ୟ ଯେପରିକି ଗହମ, ମକା, ଫଳ ଓ ପନିପରିବା ସବୁଠାରୁ ଅଧିକ ରପ୍ତାନୀ ଆମେରିକାରୁ ହୁଏ ।

ବିନିର୍ମାଣ କ୍ଷେତ୍ରରେ ମଧ୍ୟ ଚୀନ୍, ଭାରତ ଓ ବ୍ରାଜିଲ୍ ଭଳି ଦେଶର ବିନିର୍ମାଣର ଉତ୍ପାଦ ମିଶିଲେ ଯେତିକି ହେବ ତାହାଠାରୁ ମଧ୍ୟ ଆମେରିକାର ବିନିର୍ମାଣ ଉତ୍ପାଦନ । କେବଳ ଏହି ୨୦୧୦ ମସିହାରେ ଚୀନ୍ ଆମେରିକାଠାରୁ ଉର୍ଦ୍ଧ୍ୱରେ ଅଛି । ପେଟ୍ରୋଲିୟମ, ଷ୍ଟିଲ, ଗାଡ଼ି, ନିର୍ମାଣ ଯନ୍ତ୍ର, କୃଷି ଯନ୍ତ୍ର ପ୍ରଭୃତି ହେଉଛି ଆମେରିକାର ମୁଖ୍ୟ ନିର୍ମାଣ କ୍ଷେତ୍ରରେ ଶିଳ୍ପ ।

ଯୁକ୍ତରାଷ୍ଟ୍ର ଆମେରିକାରେ ଶିକ୍ଷା ଓ ସ୍ୱାସ୍ଥ୍ୟସେବାର ସୁବିଧା ମଧ୍ୟ ଉଚ୍ଚକୋଟିର ଅଟେ । ଆମେରିକାରେ ପ୍ରାୟ ୮୫ ପ୍ରତିଶତ ପିଲାମାନେ ସରକାରୀ ବିଦ୍ୟାଳୟରେ ନାମ ଲେଖାଇଥାନ୍ତି, ଯେତେବେଳେ ଭାରତରେ ମାତ୍ର ୧୫ ପ୍ରତିଶତ ।

ଯୁକ୍ତରାଷ୍ଟ୍ର ଆମେରିକା ପୃଥିବୀରେ ବିଭିନ୍ନ ଦ୍ରବ୍ୟ ଓ ସେବାର ସର୍ବାଧିକ ରପ୍ତାନୀକାରୀ ଦେଶମାନଙ୍କ ମଧ୍ୟରେ ଅନ୍ୟତମ ଏବଂ ପୃଥିବୀର ଅନ୍ୟ ଦେଶରୁ ଆମଦାନୀ କରିବାରେ ସର୍ବପ୍ରଥମ । ସମସ୍ତେ ଜାଣନ୍ତି ଯେ ଏହାର ମୁଦ୍ରାକୁ ଡୋଲାର କୁହାଯାଏ । ଯାହାକି ଆର୍ନ୍ତଜାତୀକ ମୁଦ୍ରା ଭାବେ ପରିଚିତ, କାରଣ ବିଶ୍ୱ ବ୍ୟବସାୟରେ ଯୁକ୍ତରାଷ୍ଟ୍ର ଆମେରିକାରେ ଆଧିପତ୍ୟ ଯୋଗୁଁ ଏହା ପ୍ରାୟତଃ ସବୁ ସ୍ଥାନରେ ପ୍ରଚଳିତ ହୋଇଥାଏ ।

ଏତେସବୁ ବିକାଶ ସତ୍ତ୍ୱେ ଯୁକ୍ତରାଷ୍ଟ୍ର ଆମେରିକାରେ ମଧ୍ୟ ଦାରିଦ୍ର୍ୟତା ଓ ବେକାରୀ ସମସ୍ୟା ଅଛି । ୨୦୦୮ ମସିହାରେ ଜନସଂଖ୍ୟା ପ୍ରାୟ ୧୬ ପ୍ରତିଶତ ଲୋକମାନଙ୍କ ପାଖରେ ଭଲ ଖାଦ୍ୟର ସୁଯୋଗ ନଥିଲା । ୨୦୧୦ ମସିହାରେ ବେକାରୀର ହାର ଥିଲା ୯.୯ ପ୍ରତିଶତ ।

## ୨୨.୫.୨ ଚୀନ୍‌ର ଅର୍ଥନୀତି

ଆମେରିକା ପରେ ଚୀନ୍ ହେଉଛି ପୃଥିବୀର ଦ୍ୱିତୀୟତମ ବଡ଼ ଅର୍ଥନୀତି । ୧୯୮୦ ମସିହା ପର୍ଯ୍ୟନ୍ତ ଅର୍ଥନୀତି ଶକ୍ତି ହିସାବରେ ଚୀନ୍ ଏତେ ଗୁରୁତ୍ୱପୂର୍ଣ୍ଣ ନଥିଲା । କିନ୍ତୁ ୧୯୮୦ ମସିହା ପରେ ଚୀନ୍‌ରେ ଅର୍ଥନୀତିକ ସଂସ୍କାର ଆରମ୍ଭ ହୋଇଥିଲା । ଯାହା ଫଳରେ ଦୃତଗତିରେ ଏହାର ଅର୍ଥନୀତିର ଅଭିବୃଦ୍ଧି ହୋଇଥିଲା । ତୁମେମାନେ ଜାଣିବା ଦରକାର ଯେ ଭାରତ ଓ ଯୁକ୍ତରାଷ୍ଟ୍ର ଆମେରିକା ଭଳି ଚୀନ୍ ଏକ ଗଣତାନ୍ତ୍ରିକ ଦେଶ ନୁହେଁ । ଚୀନ୍‌ରେ ଏକପାର୍ଟିର ଶାସନ ଚାଲେ ଏବଂ ଲୋକମାନଙ୍କ ପାଖରେ ନିଜର ମନୋଭାବ ପ୍ରକାଶ କରିବାର ସ୍ୱାଧୀନତା ନଥାଏ । କିନ୍ତୁ ଚୀନର ସରକାର ଧୀରେ ଧୀରେ ଘରୋଇ କ୍ଷେତ୍ରକୁ ବାଣିଜ୍ୟ କାରବାର କରିବାକୁ କରିବାକୁ ଓ ଦ୍ରବ୍ୟ ସେବାର ଉତ୍ପାଦନ କରିବାକୁ ଅନୁମତି ଦେଇଥିଲେ । ଫଳସ୍ୱରୂପ ଚୀନ ବହୁ ପରିମାଣର ଦ୍ରବ୍ୟର ରପ୍ତାନୀ ବିଭିନ୍ନ ଦେଶମାନଙ୍କୁ କରିପାରିଲା ଏବଂ ବହୁ ପରିମାଣର ବୈଦେଶିକ ମୁଦ୍ରା ଅର୍ଜନ କରିଥିଲା ।

ଭାରତ ପରି ଚୀନ୍ ମଧ୍ୟ ପଞ୍ଚବାର୍ଷିକ ଯୋଜନା ଆରମ୍ଭ କରିଥିଲା । ଏହାର ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନା ନିକଟରେ ଆରମ୍ଭ ହୋଇଛି ଯାହାର ଅବଧି ହେଉଛି ୨୦୧୧ ରୁ ୨୦୧୫ । ଚୀନ୍‌ର ପ୍ରଥମ ପଞ୍ଚବାର୍ଷିକ ଯୋଜନାର ଅବଧି ଥିଲା ୧୯୫୩-୫୭ । ଯୋଜନା ଓ ଅର୍ଥନୀତି ସଂସ୍କାରକୁ କଡ଼ା ଭାବରେ ପରିଣତ କରିବା ଫଳରେ ଚୀନ୍ ଭାରତ ତୁଳନାରେ ଦ୍ରୁତ ଗତିରେ ଅର୍ଥନୀତିକ ଅଭିବୃଦ୍ଧି ସମ୍ଭବ ହୋଇଛି । ୨୦୧୦ ମସିହାର ପ୍ରଥମ ଭାଗ ପର୍ଯ୍ୟନ୍ତ ଚୀନ୍ ପୃଥିବୀର ମୋଟ ରପ୍ତାନୀରୁ ୧୦ ପ୍ରତିଶତ ଥିଲାବେଳେ ଭାରତର ମାତ୍ର ୧.୪ ପ୍ରତିଶତ ଥିଲା । ଜନସଂଖ୍ୟା ନିୟନ୍ତ୍ରଣ କ୍ଷେତ୍ରରେ ମଧ୍ୟ ଚୀନ୍‌ର ଭାରତଠାରୁ ଭଲ ପ୍ରଦର୍ଶନ ଅଛି । ଏହା ମଧ୍ୟ କୁହାଯାଉଛି ଯେ ଭବିଷ୍ୟତରେ ଭାରତ ଚୀନର ଜନସଂଖ୍ୟାଠାରୁ ବଢ଼ିଯିବ । ଚୀନର ଭଲ ଅର୍ଥନୀତିକ ପରିବେଶ ହେତୁ ଏହା ଭାରତଠାରୁ ଅଧିକ ବୈଦେଶିକ ପୁଞ୍ଜି, ଶିଳ୍ପ ଓ ସେବାର ଉନ୍ନୟନରେ ନିବେଶ ପାଇଁ ଆକର୍ଷିତ କରିପାରୁଛି । ଆଜି ଚୀନର ଜୀବିକାଯାପନ କରିବାର ମାପଦଣ୍ଡ ଏତେ ଉନ୍ନତ ହୋଇସାରିଲାଣି ଯେ ଏହାର ଦାରିଦ୍ର୍ୟ ଅନୁପାତ ୧୯୮୧ ମସିହାରେ ୫୧ ପ୍ରତିଶତରୁ ହ୍ରାସ ପାଇ ୨.୫ ପ୍ରତିଶତ ହୋଇଛି ୨୦୦୫ ମସିହାରେ । ଏହା ତୁଳନାରେ ଭାରତର ଦାରିଦ୍ର୍ୟ ଅନୁପାତ ସେହି ସମୟରେ ଥିଲା ୨୭.୫ ପ୍ରତିଶତ ।

## ପାଠଗତ ପ୍ରଶ୍ନାବଳୀ ୨୨.୩

୧. ଭାରତ ଓ ଚୀନ୍ ମଧ୍ୟରେ ଥିବା ଗୋଟିଏ ଏକାଭଳି ଅର୍ଥନୈତିକ ବୈଶିଷ୍ଟ୍ୟ କୁହ ।

୨. ଦାରିଦ୍ର୍ୟ ବିଷୟରେ ଭାରତ, ଚୀନ୍ ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ତୁଳନାତ୍ମକ ବିବରଣୀ ଲେଖ ।

## ତୁମେ କ'ଣ ଶିଖିଲ ?

- ଅର୍ଥନୈତିକ ସମ୍ପର୍କର ଅର୍ଥ ଓ ଦେଶ ମଧ୍ୟରେ ବାଣିଜ୍ୟର ସୁବିଧାଗୁଡ଼ିକ ।
- କେଉଁ କେଉଁ ଦ୍ରବ୍ୟ ଭାରତରୁ ରପ୍ତାନୀ କରାଯାଏ ଓ ଆମଦାନୀ କରାଯାଏ ।
- ପ୍ରାଥମିକ ସ୍ତରରେ ଜଗତୀକରଣର ଅର୍ଥ ।

- ଯୁକ୍ତରାଷ୍ଟ୍ର ଆମେରିକା ଓ ଚୀନ୍‌ର ଯଥାକ୍ରମେ ଅର୍ଥନୈତିକ ସ୍ଥିତି ଯାହାଫଳରେ ତୁମେ ଏହାର ତୁଳନା ଭାରତ ସହ କରିପାରିବ । ଯାହା ବିଷୟରେ ତୁମେ ପୂର୍ବ ଅଧ୍ୟାୟରୁ ପାଠ କରିସାରିଛ ।

## ଅନ୍ତିମ ପ୍ରଶ୍ନାବଳୀ

୧. ଆର୍ନ୍ତଜାତୀୟ ବାଣିଜ୍ୟର ସୁବିଧାକୁ ବାଖ୍ୟା କର ।

୨. ଭାରତର ବାଣିଜ୍ୟିକ ସହଯୋଗୀ କେଉଁ କେଉଁ ଦ୍ରବ୍ୟଗୁଡ଼ିକରେ ଏହା ବାଣିଜ୍ୟିକ କାରବାର କରେ ତାହାର ଉଦାହରଣ ଦିଅ ।

୩. ଯୁକ୍ତରାଷ୍ଟ୍ର ଆମେରିକାର ଅର୍ଥନୀତି ଉପରେ ସଂକ୍ଷିପ୍ତ ବିବରଣୀ ଲେଖ ।

୪. ଚୀନର ଅର୍ଥନୀତି ଉପରେ ସଂକ୍ଷିପ୍ତ ବିବରଣୀ ଲେଖ ।

## ପାଠଗତ ପ୍ରଶ୍ନାବଳୀର ଉତ୍ତର

**୨୨.୧** ୧. ଆର୍ନ୍ତଜାତୀୟ ବାଣିଜ୍ୟର ବିଶେଷକରଣରୁ ଏକ ଦ୍ରବ୍ୟ ଓ ସେବାର ଉତ୍ପାଦନର ଦକ୍ଷତା ବୃଦ୍ଧି ହୋଇପାରୁଛି ।

୨. ବିଶ୍ୱର ବାକିସବୁ ଦେଶଗୁଡ଼ିକୁ ଦ୍ରବ୍ୟ ଓ ସେବା ବିକ୍ରି କରିବାକୁ ରପ୍ତାନୀ କୁହାଯାଏ ।

୩. ବିଶ୍ୱର ବାକିସବୁ ଦେଶଗୁଡ଼ିକରୁ ଦ୍ରବ୍ୟ ଓ ସେବା କିଣିବାକୁ ଆମଦାନୀ କୁହାଯାଏ ।

**୨୨.୨** ୧. ଇଞ୍ଜିନିୟରିଂ ଦ୍ରବ୍ୟ, ହସ୍ତଶିଳ୍ପ

୨. ପେଟ୍ରୋଲିୟମ, ଇଲେକ୍ଟ୍ରିକାଲ୍ ଯନ୍ତ୍ର

୩. ଯୁକ୍ତରାଷ୍ଟ୍ର ଆମେରିକା, ସଂଯୁକ୍ତ ଆରବ ଏମିରେଟସ୍

**୨୨.୩** ୧. ପଞ୍ଚବାର୍ଷିକ ଯୋଜନା

୨. ୨୦୦୫ ମସିହାରେ ଭାରତର ଦାରିଦ୍ର୍ୟର ଅନୁପାତ ୨୭.୫ ପ୍ରତିଶତ ଥିଲାବେଳେ ଚୀନର ମାତ୍ର ୨.୫ ପ୍ରତିଶତ । ୨୦୦୮ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକା ଜନସଂଖ୍ୟାର ୧୬ ପ୍ରତିଶତ ଲୋକଙ୍କ ପାଖରେ ଖାଦ୍ୟ ନଥିଲା ।